# ଏବ୍ରୀ, ଅଧ୍ୟାଅ ପାଞ୍ଚ ଏବଂ ଛଅ [1]

...ସେହି ଏବ୍ରୀ ପୁସ୍ତକର—ର । ତାହାପରେ ଆମେମାନେ ସେହି 7ମ, ମଲ୍‌କୀଷେଦକ ଯାଜକତ୍ୱକୁ ଯିବା । ଏବଂ ତାହାପରେ ଆମେମାନେ ମଲ୍‌କୀଷେଦକ ଯାଜକତ୍ୱରୁ, ସେହି ପ୍ରାୟଶ୍ଚିତର ମହାନ ଦିନଗୁଡିକୁ, ଯିବା, ଏବଂ ପ୍ରାୟଶ୍ଚିତକୁ, ଅଲଗା କରି, ପୃଥକ ପୃଥକ କରିବା । ତାହାପରେ ସେହି ମହାନ ବିଶ୍ୱାସର ଅଧ୍ୟାୟ, ସେହି 11ଶ ପର୍ବକୁ ଯିବା; ଏବଂ ସେହି 12ଶ ପର୍ବ, "ପ୍ରତ୍ୟେକ ଭାରକୁ ଅଲଗା କରିବା ।" ଏବଂ ସେହି 13ଶ ପର୍ବ, "ସେହି ଅନନ୍ତ ଗୃହ ଯାହାକି ମନୁଷ୍ୟର ହସ୍ତ ଦ୍ୱାରା ନିର୍ମିତ ହୋଇନାହିଁ; ବରଂ ପରମେଶ୍ୱରଙ୍କ ଦ୍ୱାରା, ଏକାକୀ, ଯିଏକି ଏହି ମହାନ ଗୃହକୁ ନିର୍ମାଣ କରିଛନ୍ତି ।" କେତେ ଅଦ୍ଭୁତ!

2 ମୁଁ ସେଠାରେ ପଛରେ ଆମର ଭଉଣୀକୁ ଦେଖି ଖୁସି ଅଟେ, ଯିଏକି ବର୍ତ୍ତମାନ ହିଁ ସେବାକୁ ଆସିଲେ । ମୁଁ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଦେଖୁଅଛି । ଗତକାଲି, ଆମେମାନେ ଆମର ମାର୍ଗରେ ଉପରକୁ ଯାଉଥିଲୁ, ଏପରି ଏକ ସ୍ଥାନ ଦେଇ ଯାହାକି...ମୁଁ ଭାବୁଥିଲି ଯେ ମୁଁ ଏଠାରେ ଇଣ୍ଡିୟାନାରେ ପଶୁ ଆରକ୍ଷୀ ଭାବରେ, ଏବଂ ଅନେକ ବର୍ଷ ପାଟ୍ରୋଲିଂ କରିଥିବା ହେତୁ, ପ୍ରତ୍ୟେକ ଛୋଟ ଗଳି ଏବଂ କନ୍ଦି ଜାଣିଛି । ମୁଁ ପ୍ରତ୍ୟେକ ସ୍ଥାନ ଜାଣିଛି । ମାତ୍ର ମୁଁ ଗତକାଲି ହଜି ଯାଇଥାଆନ୍ତି, ସେଠାରେ ଉପରେ ଯେଉଁଠାରେକି ସେମାନେ ଥିଲେ, ସେହି ଗୋଲାକାର ଉଦ୍‌ଗତ ଅଂଶ ଠାରେ, ଏକ ନୂତନ ରାସ୍ତା ।

3 ଏବଂ ସେହି ମହିଳାଙ୍କର ଫୁସଫୁସରେ କର୍କଟ ରୋଗ ହୋଇଥିଲା, ଏବଂ ପ୍ରଭୁ ନିଶ୍ଚିତ ଭାବରେ ସେହି ସ୍ତ୍ରୀଲୋକଙ୍କୁ ସୁସ୍ଥ କରିଥିଲେ । ଆମେମାନେ ନେଇଥିଲୁ...ଓଃ, ଏବଂ ଏହା କିପରି ଆସିଥିଲା, ଆମେମାନେ ସେଠାରେ ବସିଥିଲୁ । ଭାଇ ରୋବର୍ସନ, ସେ ବୋଧହୁଏ, ଆଜି ଅଛନ୍ତି । ମୁଁ ତାଙ୍କ ପତ୍ନୀ, ଏବଂ ଭାଇ ଉଡଙ୍କୁ ଦେଖୁଛି, ଯେଉଁମାନେକି ଭିତରକୁ ଆସିଥିଲେ । ଏବଂ ଆମେମାନେ ସେଠାରେ ଉପରେ ଗୋଟିଏ ପୁରୁଣା ଟ୍ରକରେ ଥିଲୁ, ଭାଇ ରୋବର୍ସନ ଏବଂ ମୁଁ, ଏବଂ ଭାଇ ଉଡ । ଏବଂ ଆମେମାନେ ଏହି ଟ୍ରକ୍ ପାଇଲୁ, ସେଠାରେ ଉପରକୁ, ସେହି ପାହାଡ ଉପରକୁ ଗଲୁ । ଏବଂ ସେଠାରେ ପ୍ରଭୁ ନିଶ୍ଚିତ ଭାବରେ ସେହି କର୍କଟ ରୋଗର ବିଷୟକୁ ଦେଖାଇଥିଲେ । ଏବଂ ତାହାପରେ ଆମେମାନେ ସେଠାରେ ଛିଡା ହୋଇ ଦେଖିଲୁ ଯେ ତାହାକୁ ସେହି ସ୍ତ୍ରୀଲୋକଙ୍କୁ ଛାଡି ଯାଉଅଛି । ଆମେମାନେ ନିଜ ଆଖିରେ, ଛିଡା ହୋଇ ଏହା ଦେଖିଲୁ ଯେ ତାହାକୁ ସେହି ସ୍ତ୍ରୀଲୋକଙ୍କୁ ଛାଡି ଯାଉଅଛି । ଏବଂ ସେ ଭାଇ ଉଡର ପତ୍ନୀଙ୍କୁ ଡାକି କହିଲେ; ଏବଂ ମୋତେ କହୁଥିଲେ, ସେ ପ୍ରକୃତରେ ସେହି କଳା ଜିନିଷକୁ ଛେପ ପକାଉଥିଲେ । ଏବଂ ଏଠାରେ ସେ ଆଜି ସକାଳେ, ସେଠାରେ ପଛରେ ମଣ୍ଡଳୀରେ ବସିଛନ୍ତି, ସେ ଏବଂ ତାଙ୍କ ପ୍ରିୟ ସ୍ୱାମୀ, ଓ ପ୍ରଭୁଙ୍କଠାରେ ଏକ ସୁନ୍ଦର ସମୟ ଅତିବାହିତ କରୁଛନ୍ତି । କଅଣ

ସେ ଅଦ୍ଭୁତ ନୁହଁନ୍ତି କି?

4 ଏବଂ ମୁଁ ଜାଣି ନ ଥିଲି ଯେ ସେହି...ଏଠାରେ, ସାଧାରଣତଃ ଭାବରେ, ଆଖପାଖରେ ଥିବା ସେହି ଲୋକମାନଙ୍କ ପାଇଁ, ବହୁତ କ୍ୱଚିତ୍ ହିଁ ଦର୍ଶନଗୁଡିକ ଏଠାରେ ଘଟିଥାଏ । ଏହା ମୋର ଘର ଅଟେ । ଏବଂ, ମୋର ଅର୍ଥ, ସେହି ମଣ୍ଡଳୀରେ ।

5 ରବିବାର, ଏକ ସପ୍ତାହ, ଆମେ...କେତେଜଣ ଏଠାରେ ସେହି ଚକଲଗା ଚୌକିରେ ଥିବା ବ୍ୟକ୍ତିଙ୍କୁ ଦେଖିବା ପାଇଁ ରହିଥିଲେ? ଅନ୍ଧ, ଅପଙ୍ଗ, ଅସନ୍ତୁଳିତ, ଏବଂ ମାନସିକ ସ୍ନାୟୁ ବିକୃତ ଥିବା, ଏବଂ ମାୟୋସ୍ ଯାହାକୁ ପ୍ରତ୍ୟାଖାନ କରି ଦେଇଥିଲା । ଏବଂ—ଏବଂ ମୋର କୌଣସି ଜଣେ କ୍ୟାଥୋଲିକ୍ ଡାକ୍ତର ବନ୍ଧୁ ତାଙ୍କୁ ଏଠାରେ ଉପରକୁ ପଠାଇଥିଲେ । ଏବଂ ସେବାକୁ ଆସିବା ପୂର୍ବରୁ, ପ୍ରଭୁ ସେହି ବ୍ୟକ୍ତିଙ୍କର ଏକ ଦର୍ଶନକୁ ଦେଇଥିଲେ । ଆପଣମାନେ ସମସ୍ତେ ତାହା ଜାଣନ୍ତି । ଏବଂ ସେଠାରେ ସେହି ବ୍ୟକ୍ତିଟି, **ସଦାପ୍ରଭୁ ଏହି କଥା କୁହନ୍ତି** ଦ୍ୱାରା ସୁସ୍ଥ ହୋଇଥିଲା । ବୁଝିଲେ? ଏବଂ ତାହାପରେ ଉଠିଲେ, ତାଙ୍କ ଚକଲଗା ଚୌକିକୁ ନେଇକରି, ବାହାରକୁ ଚାଲିକରି ଗଲେ, ଠିକ ସେହିପରି ଭାବରେ ଦେଖି ପାରୁଥିଲେ ଯେପରିକି ଆପଣ ଦେଖିପାରନ୍ତି କିମ୍ବା ମୁଁ ଦେଖିପାରେ । ଏବଂ ସାଧାରଣ ଭାବରେ, ତାଙ୍କର ଚୌକିକୁ ଠେଲି ଦେଇ ଭବନରୁ ବାହାରକୁ ଚାଲିଗଲେ । ଏବଂ ସେହି ସନ୍ତୁଳନ ସ୍ନାୟୁ... ଆପଣମାନେ ଜାଣନ୍ତି, ଆପଣ ନିଜକୁ ସମ୍ଭାଳି ପାରନ୍ତି ନାହିଁ, ଦେଖନ୍ତୁ, ଆପଣ କରି ହିଁ ପାରନ୍ତି ନାହିଁ । ଏବଂ ବର୍ଷ ବର୍ଷ ଧରି ବସି ରହିଥିଲେ ।

6 ଏବଂ ଗତକାଲି ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ସେହି ମହିଳାଜଣକ ଏକ ସ୍ୱପ୍ନକୁ ଦେଖିଥିଲେ ଯେ ମୁଁ ଭିତରକୁ ଆସିଲି, ଠିକ ଦୁଇ ଘଟିକାରେ, ଏବଂ ତାଙ୍କୁ "କର୍କଟରେ ଆକ୍ରାନ୍ତ" ଥିବାର ଘୋଷଣା କଲି, ଆଉ ତାହାପରେ, "**ସଦାପ୍ରଭୁ ଏହି କଥା କୁହନ୍ତି**, 'ସେ ସୁସ୍ଥ କରାଗଲେ ।'" ଏବଂ—ଏବଂ ସେ ଉଠି ପଡିଲେ, ଏବଂ ଏହା ଅବିକଳ ଠିକ୍ ଦୁଇ ଘଟିକା ହୋଇଥିଲା । ଏବଂ ପ୍ରଭୁଙ୍କ ଆତ୍ମା ଓହ୍ଲାଇ ଆସିଥିଲେ, ଏବଂ ସେଠାରେ ସେହି—ସେହି ସ୍ୱପ୍ନ ଯାହା ସେ ଦେଖିଥିଲେ, ଏବଂ ପ୍ରଭୁ ଏହାର ଅର୍ଥ ପ୍ରଦାନ କଲେ । ଏବଂ ସେ ଠିକ୍ ସେଠାରେ ସେହି ସ୍ଥାନରେ ସୁସ୍ଥ କରାଗଲେ, ଠିକ ସେଠାରେ ଯେଉଁଠାରେକି ଆମେମାନେ ଦେଖୁଥିଲୁ । କେତେ ଅଦ୍ଭୁତ!

7 ତାଙ୍କ ନାମ ବିଷୟ ଚିନ୍ତା କରିପାରୁ ନାହିଁ । ଏହା କଅଣ ଅଟେ? ଭଉଣୀ, ଆପଣଙ୍କର ନାମ କଅଣ? ୱାଲ୍‌ଟନ୍, ଭଉଣୀ ୱାଲ୍‌ଟନ୍, ସେଠାରେ ପଛରେ ବସିଛନ୍ତି । ଭଉଣୀ ୱାଲ୍‌ଟନ୍, କଅଣ ଆପଣ କେବଳ ଛିଡା ହେବେ କି? ଆପଣଙ୍କୁ ପଚାରିବାକୁ ଚାହେଁ ଯେ ଆପଣ କିପରି ଅନୁଭବ କରୁଛନ୍ତି । [ଭଉଣୀ ୱାଲ୍‌ଟନ୍ କୁହନ୍ତି, "ଏହା ତ କେବଳ ଅଦ୍ଭୁତ ଅଟେ ।"—ସମ୍ପା ।] ଆମେନ୍ । ତାହା ଭଲ, ଉତ୍ତମ ଏବଂ ସର୍ବୋତ୍ତମ ଅଟେ । ସେ ଆମକୁ ସେହି ପ୍ରକାରେ ଆଶୀର୍ବାଦ କରିବା ପାଇଁ, ବହୁତ ଉତ୍ତମ ଅଟନ୍ତି । ତେଣୁକରି ଆମେମାନେ ପରମେଶ୍ୱରଙ୍କର ମହାନ ପରିମାପର ସେହି ଅତ୍ୟଧିକ, ପ୍ରଚୁର ମାତ୍ରାରେ ଆଶା କରୁଅଛୁ ।

8 ଜଣେ ଡାକ୍ତର ଏହାକୁ ତାଙ୍କଠାରୁ ଲୁଚାଇ ରଖିଥିଲେ। ସେ ତାଙ୍କୁ କହିଥିଲେ ଯେ "ସେ କେବଳ ଗୋଟିଏ ପାର୍ଶ୍ୱରୁ ନିଶ୍ୱାସ ନେଉଥିଲେ।" ଏହା କଅଣ ଥିଲା, ସେହି କର୍କଟଟି ବଢି ଯାଇଥିଲା ଏବଂ ଫୁସଫୁସର ସେହି ପାର୍ଶ୍ୱରୁ ନିଶ୍ୱାସ ପ୍ରଶ୍ୱାସକୁ ଅବରୋଧ କରି ଦେଇଥିଲା, ଆପଣ ଦେଖନ୍ତୁ। ଆପଣ ଏକ୍ସ-ରେ ଦ୍ୱାରା କର୍କଟକୁ ଦେଖିପାରନ୍ତି ନାହିଁ, କାରଣ କର୍କଟ ନିଜେ, ଏକ କୋଷ ଅଟେ, ଏବଂ ଏହା—ଏହା ଜୀବନ ଅଟେ। ଆଉ ଆପଣ—ଆପଣ—ଆପଣ କେବଳ—ଆପଣ—ଆପଣ କେବଳ ଗୋଟିଏ ଏକ୍ସ-ରେ ସହିତ, ଠିକ ସେହି କର୍କଟ ଦେଇ ଦେଖନ୍ତି। ଆପଣ ଏହାକୁ ଦେଖନ୍ତି ନାହିଁ।

9 ଏବଂ, ମାତ୍ର ପ୍ରଭୁ ପ୍ରକୃତରେ…ଆମେମାନେ ସେଠାରେ ଛିଡା ହୋଇ, ନିଜେ, ଏହାକୁ, ନିଜ ଆଖିରେ ଦେଖିଲୁ। ଏହାକୁ ଗତିଶୀଳ ହେଉଥିବାର ଦେଖିଲୁ, ଏବଂ ଆମ ନିଜ ଆଖିରେ, ଏହାକୁ ଚାଲି ଯାଉଥିବାର ଦେଖିଲୁ। ଅତଏବ, ଆମେମାନେ ଏଇଥିପାଇଁ ଅତ୍ୟଧିକ କୃତଜ୍ଞ ଅଟୁ।

10 ଏବଂ ବର୍ତ୍ତମାନ, ଏହି ସପ୍ତାହରେ, ଆମ ପାଇଁ ପ୍ରାର୍ଥନା କରିବେ, ଯେତେବେଳେକି ଆମେମାନେ ଚାଲି ଯାଇଥିବୁ। ଏବଂ ବୁଧବାର ରାତି ସେବା ପାଇଁ, ଭାଇ ନେଭିଲ୍ ବୋଧହୁଏ ସେହିଠାରୁ ନେବେ, ଯେଉଁଠାରେ ମୁଁ ଛାଡି ଦେଇଥିଲି। ତେବେ ପ୍ରକାଶିତ ବାକ୍ୟ ପୁସ୍ତକର ଏହି ମହାନ ଶୃଙ୍ଖଳାରେ, ଏହାକୁ ଦେଖିବାରେ ବିଫଳ ହୁଅନ୍ତୁ ନାହିଁ।

11 ମୁଁ ଜାଣେ ଯେ ବହୁତ ପ୍ରାର୍ଥନା କରାଯାଇଅଛି, ଏବଂ ଆମେ—ଆମେ ଜାଣୁ ଯେ ପରମେଶ୍ୱର ପ୍ରାର୍ଥନା ଶୁଣନ୍ତି। ମାତ୍ର ଆମେମାନେ, ଆଜି ସକାଳେ, ଆମେମାନେ ପୁସ୍ତକ ପାଠ କରିବା ପୂର୍ବରୁ ଅଳ୍ପ ଟିକିଏ ପ୍ରାର୍ଥନା କରିବାକୁ ଚାହୁଁଅଛୁ। ତେବେ, ଯେକୌଣସି ବ୍ୟକ୍ତି ଯିଏକି ସକ୍ଷମ, ଏହି ପୁସ୍ତକକୁ *ଏହିପରି* ଭାବରେ ପାଠ କରିପାରନ୍ତି, କିମ୍ବା ଏହାକୁ *ଏହିପରି* ଭାବରେ ଖୋଲିପାରନ୍ତି। ମାତ୍ର କେବଳ ବୁଝାମଣାକୁ ଉନ୍ମୁକ୍ତ କରିବା ହେତୁ, ଏହା ତ ପରମେଶ୍ୱରଙ୍କୁ ହିଁ ଆବଶ୍ୟକ କରେ, କାରଣ ସେ ହିଁ ଏକାକୀ ଏପରି ଜଣେ ଅଟନ୍ତି ଯିଏକି ଏହା କରିପାରନ୍ତି।

ତେବେ ଆସନ୍ତୁ ଆମେମାନେ ଅଳ୍ପ କିଛି ସମୟ ପାଇଁ ମସ୍ତକଗୁଡିକୁ ନତ କରିବା।

12 ତେବେ, ହେ ପିତା, ତୁମର ପ୍ରିୟ ପୁତ୍ର, ପ୍ରଭୁ ଯୀଶୁଙ୍କ ନାମରେ, ଆମେମାନେ ତୁମର ସେବକ ଭାବରେ, ଅତି ନମ୍ର ଭାବରେ ନିଜକୁ ସମର୍ପଣ କରିବା ପାଇଁ ଆସୁଅଛୁ, ଯେପରିକି ତୁମେ ଆମ ମଧ୍ୟମରେ କଥା କହିବ। କଥା କହୁଥିବାର ଓଷ୍ଠାଧାରକୁ ଏବଂ ଶୁଣୁଥିବା କାନଗୁଡିକୁ ସୁନ୍ନତ କର, ଯେପରିକି ସେହି ବାକ୍ୟ ପରମେଶ୍ୱରଙ୍କ ଦ୍ୱାରା କୁହାଯାଇପାରେ ଏବଂ ଆତ୍ମାଙ୍କ ଦ୍ୱାରା, ଲୋକମାନଙ୍କ ମଧ୍ୟରେ ଶୁଣାଯାଏ। ପିତା, ଏହାକୁ ପ୍ରଦାନ କର। ଏହା ହେଉ ଯେ ସେ ପରମେଶ୍ୱରଙ୍କ ବାକ୍ୟକୁ ନିଅନ୍ତୁ ଏବଂ ଯେପରି ଭାବରେ ଆମର ଆବଶ୍ୟକ ରହିଥାଏ ସେହିପରି ଆମର ସେବା କରନ୍ତୁ, ଯେହେତୁ ଆମେ ଏହାକୁ ତାହାଙ୍କ ନାମରେ ଏବଂ ତାହାଙ୍କ ମହିମା ନିମନ୍ତେ ମାଗୁଅଛୁ। ଆମେନ୍।

13 ବର୍ତ୍ତମାନ, ଆଜି ସକାଳେ ପାଠ କରିବାକୁ ଯାଇ, ଆମେମାନେ ଅଧ୍ୟୟନ କରୁଅଛୁ । ଆମେ ନାହୁଁ—ପ୍ରଚାର କରୁନାହୁଁ; କେବଳ ଏହି ଏବ୍ରୀ ପୁସ୍ତକ ଅଧ୍ୟୟନ କରୁଅଛୁ । କେତେ ଲୋକ ଏହାକୁ ଉପଭୋଗ କରୁଛନ୍ତି? ଓଃ, ଆମେ ଏକ ସୁନ୍ଦର ସମୟ ଅତିବାହିତ କରୁଅଛୁ! ଏବଂ ବର୍ତ୍ତମାନ କେବଳ ଧ୍ୟାନ ସହକାରେ, ଶାସ୍ତ୍ର ପରେ ଶାସ୍ତ୍ର ଅଧ୍ୟୟନ କରୁଅଛୁ । ଏହା ନିଶ୍ଚୟ...ସେହି ସମ୍ପୂର୍ଣ୍ଣ, ସମଗ୍ର ବାଇବଲଟି ଏକତ୍ର ବନ୍ଧା ଯାଇଅଛି । ଗୋଟିଏ ହେଲେ ବାକ୍ୟ ତାର ନିଜ ସ୍ଥାନରୁ ଓହରି ନାହିଁ, ଯଦି ଏହା ପବିତ୍ରଆତ୍ମାଙ୍କ ଦ୍ୱାରା ଏକତ୍ର ରଖା ଯାଇଅଛି ।

14 ବର୍ତ୍ତମାନ, ମଣିଷ କୁହେ, "ବାଇବଲ ନିଜକୁ ବିରୋଧ କରେ ।" ମୁଁ ଏହାକୁ ଦେଖିବାକୁ ଚାହେଁ । ପଚି-ଶ ବର୍ଷ ହେବ, ମୁଁ ତାହା, ପଚାରି ଅଛି, ଏବଂ ଏପର୍ଯ୍ୟନ୍ତ କେହି ହେଲେ ଏହାକୁ ଦେଖାଇ ନାହାଁନ୍ତି । ବାଇବଲ ବିରୋଧ କରେ ନାହିଁ । ଯଦି ଏହା କରେ, ତେବେ ଏହା ବାଇବଲ ନୁହେଁ । ସେହି ମହାନ, ଅନନ୍ତ ଯିହୋବା ତାହାଙ୍କର ନିଜର ବିଷୟକୁ ବିରୋଧ କରିପାରନ୍ତି ନାହିଁ, ତେଣୁ ବାଇବଲରେ କୌଣସି ବିରୋଧାଭାସ ନାହିଁ । ଏହା ତ କେବଳ ଲୋକମାନଙ୍କର ଭୁଲ ବୁଝାମଣା ଅଟେ ।

15 ତେବେ ଅଳ୍ପ ଟିକିଏ ପୃଷ୍ଠଭୂମି ପାଇଁ, ଯେପର୍ଯ୍ୟନ୍ତକି ଆମେ ଫେରି ନ ଯାଉ । ତେବେ, ସେହି ଏବ୍ରୀ ପୁସ୍ତକଟି ସାଧୁ ପାଉଲଙ୍କ ଦ୍ୱାରା, ଏବ୍ରୀ ଲୋକମାନଙ୍କ ପ୍ରତି ଲେଖା ଯାଇଥିଲା । ସେ ଗୋଟିଏକୁ ଏଫିସୀୟ ଲୋକମାନଙ୍କ ପ୍ରତି ଲେଖିଥିଲେ, ଯେଉଁମାନେକି ଏଫିସର ଲୋକ, ସେହି ଖ୍ରୀଷ୍ଟିଆନ ମଣ୍ଡଳୀ ଥିଲେ; ଗୋଟିଏକୁ ରୋମ୍‌ରେ ଥିବା ରୋମୀୟ ଲୋକମାନଙ୍କ ପ୍ରତି ଲେଖିଥିଲେ; ଏବଂ ଗୋଟିଏକୁ ଗାଲାତୀୟମାନଙ୍କ ପ୍ରତି; ଆଉ ଗୋଟିଏକୁ ଏବ୍ରୀ ଲୋକମାନଙ୍କ ପ୍ରତି ଲେଖିଥିଲେ ।

16 ତେବେ, ଆମେମାନେ ଲକ୍ଷ୍ୟ କରୁ ଯେ ଆରମ୍ଭ କରିବାକୁ, ପାଉଲ, ଜଣେ ବାଇବଲ ଶିକ୍ଷକ ଥିଲେ । ତାହାହିଁ ଅଟେ ଯାହାକି ଆମେମାନେ ଶିକ୍ଷା କରିଅଛୁ । ଯେ ସେ ସେହି ମହାନ ଗୁରୁ, ତାଙ୍କ ସମୟର ମହାନତମ ମଧ୍ୟରୁ ଅନ୍ୟତମ, ଗମଲିୟେଲ୍‌ଙ୍କ ଅଧୀନରେ ରହିଥିଲେ । ଏବଂ ସେ ସେହି ପୁରାତନ ନିୟମରେ ପାରଙ୍ଗମ ଥିଲେ । ସେ ଏହାକୁ ଭଲ ଭାବରେ ଜାଣିଥିଲେ । ମାତ୍ର ସେହି ପନ୍ଥର ତାଡ଼ନାକାରୀ ହେଲେ ଯାହାକି ଖ୍ରୀଷ୍ଟଙ୍କର ମାର୍ଗ ଥିଲା, କାରଣ ସେ ଶିକ୍ଷକମାନଙ୍କ ଅଧୀନରେ ପୁରାତନ ନିୟମରେ ତାଲିମପ୍ରାପ୍ତ ହୋଇଥିଲେ । ମାତ୍ର ସେହି ଶିକ୍ଷକମାନେ, ସାଧାରଣତଃ ଶାରୀରିକ...ମୁଁ ଆଶା କରେ ମୁଁ କିଛି ଭୁଲ କହେ ନାହିଁ ।

17 ମାତ୍ର, ସାଧାରଣତଃ ଭାବେ, ଯଦି ଜଣେ ପୁରୁଷଙ୍କ ପାଖରେ କେବଳ ଶିକ୍ଷାଦାନ ରହିଥାଏ ଏବଂ ବିଦ୍ୟାଳୟଗୁଡ଼ିକର ମାର୍ଗ ରହିଥାଏ, ତେବେ ଏହା ସାଧାରଣତଃ ଭାବେ ମନୁଷ୍ୟ-କୃତ ଅଟେ । ଦେଖନ୍ତୁ, ଏହା ଅନୁପ୍ରାଣିତ ନୁହେଁ, କାରଣ ଏହା ଏକ ବିଦ୍ୟାଳୟର ଶିକ୍ଷା ସିଦ୍ଧାନ୍ତ ହୋଇଯାଏ । ଆଜି ଆମର ତାହା ରହିଅଛି । ପ୍ରେସ୍‌ବିଟେରିଆନ୍, ଲୁଥରାନ୍, ପେଣ୍ଟିକଷ୍ଟାଲ୍, ଏହି ସମସ୍ତ ବିଦ୍ୟାଳୟଗୁଡ଼ିକ ପାଖରେ ସେମାନଙ୍କର ସିଦ୍ଧାନ୍ତ ରହିଅଛି, ଏବଂ

ସେମାନେ ଶାସ୍ତ୍ରଗୁଡ଼ିକୁ ଠିକ ଏଥି ସହିତରେ ମିଶାଇ ଦିଅନ୍ତି ।

18 ଏବଂ ଏହା ପୁରାତନ ନିୟମରେ ମଧ୍ୟ ସେହି ସମାନ ଭାବରେ ଥିଲା । ମାତ୍ର, ପାଉଲ, ଉତ୍ତମ ଭାବେ ତାଲିମ ପ୍ରାପ୍ତ ହୋଇ, ବାକ୍ୟ ଦ୍ୱାରା ଶାସ୍ତ୍ରଗୁଡିକୁ ଜାଣିଥିଲେ । ମାତ୍ର, ଆପଣ ଦେଖନ୍ତୁ, ସେହି ଶାସ୍ତ୍ରଗୁଡିକ, ଯାଏ ଆସେ ନାହିଁ ଯେ ଆପଣ ସେଗୁଡିକୁ କେତେ ଭଲ ଭାବରେ ଜାଣନ୍ତି, ଯଦି ଆତ୍ମା ସେଗୁଡିକୁ ସଂଜୀବିତ ନ କରେ, ତେବେ ଅକ୍ଷର ମାରି ପକାଏ । ସେହି ଆତ୍ମା ଜୀବନ ପ୍ରଦାନ କରେ । ଦେଖନ୍ତୁ, ଏହାକୁ ତ ନିଶ୍ଚିତ ଭାବରେ ଆତ୍ମା ଦ୍ୱାରା, ସଂଜୀବିତ ହେବାକୁ, ବା ଜୀବନ୍ତ କରାଯିବାକୁ ଅଛି । ଯଦି ସେହି ଆତ୍ମା ବାକ୍ୟକୁ ସଂଜୀବିତ ନ କରନ୍ତି ଏବଂ ଏହାକୁ ଆପଣଙ୍କ ପାଇଁ ବାସ୍ତବିକ ନ କରନ୍ତି, ତେବେ ସେହି ଅକ୍ଷରଟି କେବଳ ବୌଦ୍ଧିକ ଭାବ ଅଟେ । ତାହାହିଁ ଅଟେ ଯେଉଁଠାରେକି ଆଜି ଆମ ପାଖରେ ଅନେକ ସ୍ୱୀକୃତୀପ୍ରାପ୍ତ ଖ୍ରୀଷ୍ଟିଆନମାନେ ଅଛନ୍ତି, କିମ୍ବା ଅଙ୍ଗୀକାର କରିଥିବା ଖ୍ରୀଷ୍ଟିଆନମାନେ ଅଛନ୍ତି, ତାହା ଖ୍ରୀଷ୍ଟଙ୍କର ସେହି ବୌଦ୍ଧିକ ଧାରଣା ଅଟେ ।

19 ତାହାପରେ ଆମେମାନେ ସେହି ବିଷୟକୁ ଦେଖିଥିଲୁ, "ତେବେ, ତାଙ୍କୁ କିଛି ଅନୁଭବ କରିବାକୁ ପଡିଥିଲା; ଏବଂ ଆପଣଙ୍କୁ କିଛି କରିବାକୁ ପଡିଥିଲା ।" ଏବଂ, ଓଃ, ଆମେମାନେ କିଛି ସମୟ ପରେ, ସେସବୁ ନିକଟକୁ ଯିବା । ଜଣକାକୁ ପାଟି କରିବାକୁ ପଡ଼ିଥିଲା । ମେଥୋଡିଷ୍ଟମାନଙ୍କୁ ଚିତ୍କାର କରିବାକୁ ପଡ଼ିଥିଲା, 'ଏହା ପୂର୍ବେକି ସେମାନେ ଏହାକୁ ପାଇଥିଲେ । ପେଣ୍ଟିକଷ୍ଟାଲମାନଙ୍କୁ ପରଭାଷାରେ କଥା କହିବାକୁ ଥିଲା, ଏହା ପୂର୍ବେକି ସେମାନେ ଏହାକୁ ପାଇଥିଲେ । ଏବଂ, ଓଃ, ସେମାନଙ୍କ ମଧ୍ୟରୁ କେତେକଙ୍କୁ ତ, ସେହି କମ୍ପନ କରୁଥିବା ଲୋକମାନଙ୍କୁ, କମ୍ପନ କରିବାକୁ ପଡ଼ିଥାଏ । ହଁ । ସେହି ପୁରୁଣା...ସେମାନେ ଉପର-ତଳ ଚାଲିଲେ, ପୁରୁଷମାନେ ଗୋଟିଏ ପଟରେ, ସ୍ତ୍ରୀଲୋକମାନେ ଅନ୍ୟ ପଟରେ । ବୁଝିଲେ? କମ୍ପନ କରୁଥିବା ଲୋକମାନେ । ତାହାପରେ ସେହି ପବିତ୍ରଆତ୍ମା ସେମାନଙ୍କ ଉପରକୁ ଆସି ସେମାନଙ୍କୁ ଦୋହଲାନ୍ତି । "ସେମାନେ ଏହା ପାଇଥିଲେ ।" ମାତ୍ର ଏହା ସବୁ କେବଳ ପାଗଳାମୀ ଅଟେ । ଏଥିରେ କୌଣସି ହେଲେ ସତ୍ୟତା ନାହିଁ ।

20 ପରମେଶ୍ୱର ନିଜର ବାକ୍ୟରେ ବାସ କରନ୍ତି । "ବିଶ୍ୱାସ ଶ୍ରବଣ ଦ୍ୱାରା, ବାକ୍ୟର ଶ୍ରବଣ ଦ୍ୱାରା ଆସେ ।" "ବିଶ୍ୱାସ ଦ୍ୱାରା, ଆପଣ ଅନୁଗ୍ରହରେ ଉଦ୍ଧାର ପାଇଅଛନ୍ତି ।" କୌଣସି ଜିନିଷ ଦ୍ୱାରା ନୁହେଁ, ଆପଣ କମ୍ପିତ ହୁଅନ୍ତି, କିମ୍ଵା ପରଭାଷାରେ କଥା କୁହନ୍ତି, କିମ୍ଵା ଯାହାକିଛି ବି ଘଟିଥାଏ । ଏଥି ଭିତରେ କରିବା ପାଇଁ, ଆଦୌ କୌଣସି କିଛି ବିଷୟ ହିଁ ନାହିଁ । ଯୀଶୁ କହିଲେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି । ଯିଏ ମୋର ବାକ୍ୟ ଶୁଣେ ଏବଂ ବିଶ୍ୱାସ କରେ," ତାଙ୍କୁ ସଂଜୀବିତ କରା ଯାଇଥାଏ ସେ, "ଅନନ୍ତ ଜୀବନ ପାଇଅଛି ।" ତାହା ସେଠାରେ ଅଟେ । ଯାଏ ଆସେ ନାହିଁ ଯେ କେଉଁ ଛୋଟ ବିଷୟ ଅଟେ ଯାହାକି ଆପଣ କରନ୍ତି ।

21 ତେବେ, ମୁଁ କମ୍ପନ କରିବା, କିମ୍ଵା ପରଭାଷାରେ କଥା କହିବା, କିମ୍ଵା ଥରିବା, ଓଃ,

ସେହି—ସେହି ଚିତ୍କାର କରିବା ବିରୁଦ୍ଧରେ ନୁହେଁ। ତାହା ସବୁ ଠିକ୍। ତାହା ଉତ୍ତମ ଅଟେ। ମାତ୍ର ତାହା ତ କେବଳ ଗୁଣସକଳ ଅଟେ। ବୁଝିଲେ? ମୁଁ ଆପଣଙ୍କୁ ସେହି ଗଛରୁ ଗୋଟିଏ ସେଉ ଦେଇପାରେ, ଏବଂ ତଥାପି ଆପଣଙ୍କ ପାଖରେ ସେହି ଗଛ ରହି ନ ଥାଏ। ବୁଝିଲେ? ଆପଣ...ଏହା ତ ଗୁଣସକଳ ଅଟେ।

22 ମିଛ କହିବା, ଚୋରି କରିବା, ମଦ ପିଇବା, ଧୂମପାନ କରିବା, ଜୁଆ ଖେଳିବା, ବ୍ୟଭିଚାର କରିବା, ସେଗୁଡିକ ପାପ ନୁହେଁ, ତାହା ତ ସେହି ଅବିଶ୍ୱାସର ଗୁଣସକଳ ଅଟେ। ବୁଝିଲେ? ତାହାହିଁ ଅଟେ ଯାହାକି ଆପଣ—ଆପଣ...ଆପଣ ତାହା ଏଇଥି ପାଇଁ କରନ୍ତି କାରଣ ଆପଣ ଜଣେ ପାପୀ ଅଟନ୍ତି। ବୁଝିଲେ? ମାତ୍ର ପ୍ରଥମେ ଆପଣ ଜଣେ ପାପୀ ଅଟନ୍ତି। ତାହା ହିଁ ଅଟେ ଯାହାକି ଆପଣଙ୍କୁ ତାହା କରିବାକୁ ପ୍ରବର୍ତ୍ତାଇ ଥାଏ, କାରଣ ଆପଣ ବିଶ୍ୱାସ କରନ୍ତି ନାହିଁ। ଏବଂ ଯଦି ଆପଣ ବିଶ୍ୱାସ କରୁଥାଆନ୍ତେ, ତାହାହେଲେ ଆପଣ ତାହା କରୁ ନ ଥାଆନ୍ତେ। ତାହାପରେ ଆପଣଙ୍କଠାରେ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁ, ଉତ୍ତମତା, ଭଦ୍ରତା, ନମ୍ରତା, ଧୈର୍ଯ୍ୟ ରହିଥାଏ। ତାହା ହେଉଛି ପବିତ୍ରଆତ୍ମାଙ୍କର ଫଳ। ବୁଝିଲେ?

23 ତେଣୁ ଆମ ପାଖରେ ଛୋଟ ଛୋଟ ଜିନିଷମାନ, ଛୋଟ ଛୋଟ ସମ୍ବେଦନାମାନ ରହିଥାଏ, ଏହାର କାରଣ ଯେ ସେହି ବ୍ୟକ୍ତି ବାକ୍ୟର ସେହି ପୁରାତନ, କ୍ଷତ ବିକ୍ଷତ ପଥରୁ ଓହରି ଯାଇଥିଲା। ଏହା ବାକ୍ୟ ଅଟେ। "ବିଶ୍ୱାସ ଶ୍ରବଣ ଦ୍ୱାରା ଆସେ।"

24 ତେଣୁକରି ଯେତେବେଳେ ପାଉଲ...ପରମେଶ୍ୱର ପାଉଲଙ୍କୁ ବାଛିଥିଲେ। ମଣିଷ ମଥିୟଙ୍କୁ ବାଛିଥିଲା। ଯେତେବେଳେ ସେ...ସେମାନେ ଗୁଳିବାଣ୍ଟ କରିଥିଲେ, ମାତ୍ର ସେ କେବେହେଲେ କୌଣସି କିଛି କର୍ମ କଲେ ନାହିଁ। ତାହା ଏହା ଦର୍ଶାଏ ଯେ ସେତେବେଳେ ମଣ୍ଡଳୀ ପାଖରେ ଏକ ପସନ୍ଦ କରିବା ପାଇଁ, କି ଏକ ଶକ୍ତି ରହିଥିଲା, ଯେ ସେ ନିଜର ଦୀକନମାନଙ୍କୁ ଚୟନ କରିପାରୁଥିଲା, ଏବଂ ସେମାନଙ୍କର ପ୍ରଚାରକମାନଙ୍କୁ ବିଭିନ୍ନ ସ୍ଥାନକୁ ପଠାଇପାରୁଥିଲା। ତାହା ଅନେକ ସମୟରେ, ଶାରୀରିକ ଅଟେ।

25 ଜଣେ ବ୍ୟକ୍ତିଙ୍କୁ ଯେକୌଣସି ସ୍ଥାନକୁ ଯିବାକୁ ଦିଅନ୍ତୁ ଯେଉଁଠାରେ ପରମେଶ୍ୱର ତାଙ୍କୁ କଢେଇ ନେଇଯାଆନ୍ତି। ମୁଁ ତାହା ପସନ୍ଦ କରେ। ଯଦି ଏକ ସମ୍ମିଳନୀରେ ଲୋକମାନେ କେବଳ କୁହନ୍ତି, "ତେବେ, ଏଠାରେ ଏକ ସୁନ୍ଦର ଗୀର୍ଜାଘର ଅଛି। ଏହି ଭାଇ ଏକ ସୁନ୍ଦର ଗୀର୍ଜାଘର ନିର୍ମାଣ କରିଛନ୍ତି। ଏବଂ ଆମର ଏକ ସାନ ଗୃହପାଳିତ ପଶୁ ଅଛି।" ସେମାନେ ତାକୁ ଏହି ଗୀର୍ଜାଘରକୁ ପଠାଇବେ। ସେମାନେ ଏହା ଅନୁଭବ କରନ୍ତି ନାହିଁ ଯେ ସେମାନେ ନିଜକୁ ବଧ କରୁଅଛନ୍ତି। ବୁଝିଲେ? ପ୍ରଥମ ସ୍ଥାନରେ ତ, ଯଦି ସେହି ବ୍ୟକ୍ତି ସେଠାକୁ ଯାଆନ୍ତି, ତେବେ ସେ ସେହି ବ୍ୟକ୍ତିଙ୍କ ସ୍ଥାନ ପୂରଣ କରିପାରିବେ ନାହିଁ। ତାହାପରେ ସେମାନେ କୌଣସି ଗୃହପାଳିତ ପଶୁକୁ ଦୟା ଦେଖାଇବାକୁ ଚେଷ୍ଟା କରିବା ଦ୍ୱାରା, ମଣ୍ଡଳୀକୁ କେବଳ ଦୁର୍ବଳ କରି ଦିଅନ୍ତି। ଏହା ସର୍ବଦା ସେହିଭଳି ହିଁ ରହିଆସିଛି।

26 ମାତ୍ର ମୁଁ ସ୍ଥାନୀୟ ସହଭାଗୀତାର ସର୍ବୋଚ୍ଚ ପ୍ରାଧିକରଣରେ ବିଶ୍ୱାସ କରେ। ହଁ। ତେବେ

ପ୍ରତ୍ୟେକ ମଣ୍ଡଳୀ ତାର ନିଜର କରନ୍ତୁ, ତାହାର ପାଳକ, ତାହାର ଦୀକନ୍, ତାହାର, ଏହା ଯାହାକିଛି ବି ହେଉ ବାଛନ୍ତୁ। ଏବଂ ତାହାପରେ, ସେହି ପ୍ରକାରେ, ସେଠାରେ ଥିବା ସେହି ବ୍ୟକ୍ତିଙ୍କ ଉପରେ ତାଙ୍କର କୌଣସି ବିଶପ ନ ଥାଆନ୍ତି। ପବିତ୍ରଆତ୍ମା ସେହି ମଣ୍ଡଳୀ ସହିତରେ କିଛି କଥାବାର୍ତ୍ତା ହେବାକୁ ଚାହାଁନ୍ତି, ସେମାନଙ୍କୁ ତାହା ବିଷୟରେ କାହାରିକୁ ପଚାରିବାକୁ ପଡେ ନାହିଁ ଯେ ସେମାନେ *ଏହା* କରିପାରିବେ ନା *ତାହା* କରିପାରିବେ। ଏହା ତ ପବିତ୍ରଆତ୍ମାଙ୍କ ସହିତରେ ଯୋଗାଯୋଗ କରୁଥିବା ସେହି ବ୍ୟକ୍ତି ହିଁ ଅଟନ୍ତି। ମୋତେ ବାଇବଲ ଦ୍ୱାରା ଏହା ଦେଖାନ୍ତୁ ଯେ, ସ୍ଥାନୀୟ ମଣ୍ଡଳୀର ଏକ ସ୍ଥାନୀୟ ପ୍ରାଚୀନ ଅପେକ୍ଷା, ବାଇବଲରେ କେଉଁ ବିଷୟ ଅଧିକ ବଡ଼ ଅଟେ? ତାହା ଠିକ୍, ହଁ, ଆଜ୍ଞା, ସ୍ଥାନୀୟ ମଣ୍ଡଳୀର ସାର୍ବଭୌମତ୍ୱ, ପ୍ରତ୍ୟେକ ମଣ୍ଡଳୀ ତାର ନିଜ ଭିତରେ ଅଧିକାର ସମ୍ପନ୍ନ ଅଟେ। ତେବେ, ଭାଇଚାରା, ତାହା ଅଦ୍ଭୁତ ଅଟେ। ସମସ୍ତ ମଣ୍ଡଳୀଗୁଡିକୁ ସେହିପରି ଭାବେ, ଏକତ୍ର ଏକ ଭାଇଚାରାରେ ରହିବା ଉଚିତ୍। ମାତ୍ର ସେହି ସ୍ଥାନୀୟ ମଣ୍ଡଳୀର ସାର୍ବଭୌମତ୍ୱ!

27 ପାଉଲଙ୍କୁ ଧ୍ୟାନ ଦିଅନ୍ତୁ, ଜଣେ ମହାନ ଗୁରୁ ଶିକ୍ଷକ, ଉତ୍ତମ ତାଲିମପ୍ରାପ୍ତ ହୋଇ, ଦିନେ, ଦମ୍ମେସକକୁ ଯାଉଥିବା ତାଙ୍କର ମାର୍ଗରେ, ସେହି ଲୋକମାନଙ୍କୁ ଗିରଫ୍ କରିବା ପାଇଁ ଯାଇଥିଲେ ଯେଉଁମାନେକି ଏହି ନୂତନ ମାର୍ଗରେ ରହିଥିଲେ। ତେବେ, ସେ ନିଷ୍ଠାବାନ ଥିଲେ। ପରମେଶ୍ୱର ଆପଣଙ୍କୁ ଆପଣଙ୍କର ନିଷ୍ଠାପରତା ଦ୍ୱାରା ବିଚାର କରନ୍ତି ନାହିଁ। ମୁଁ ସେହି ପ୍ରତିମାପୂଜକମାନଙ୍କ ଅପେକ୍ଷା ଅଧିକ ନିଷ୍ଠାବାନ ଅନ୍ୟ କୌଣସି ଲୋକମାନଙ୍କୁ କଦାପି ଦେଖି ନାହିଁ। ସେମାନଙ୍କ ମଧ୍ୟରୁ ତ ଅନେକେ ଏପରିକି ବୃଥାରେ, ଏକ ପ୍ରତିମାକୁ ବଳିଦାନ କରିବା ନିମନ୍ତେ—ନିମନ୍ତେ, ନିଜର ସନ୍ତାନମାନଙ୍କୁ ମଧ୍ୟ ହତ୍ୟା କରି ପକାନ୍ତି। ଏହା ନିଷ୍ଠାପରତା ନୁହେଁ। ଜଣେ ବ୍ୟକ୍ତି ନିଷ୍ଠାପରତାର ସହ, କାର୍ବୋଲିକ୍ ଅମ୍ଳ ଗ୍ରହଣ କରିପାରେ, ଏହା ଭାବି ଯେ ସେ ଅନ୍ୟ କିଛି ନେଉଅଛି। ନିଷ୍ଠାପରତା ଆପଣଙ୍କୁ ବଞ୍ଚାଇବ ନାହିଁ। "ଏପରି ଏକ ମାର୍ଗ ଅଛି ଯାହା ମନୁଷ୍ୟକୁ ଠିକ୍ ମନେହୁଏ, କିନ୍ତୁ ଏହାର ଶେଷ ଦଶା ହେଉଛି ମୃତ୍ୟୁର ମାର୍ଗସକଳ।"

ପାଉଲ ସେତେବେଳେ ନିଷ୍ଠାବାନ ଥିଲେ ଯେତେବେଳେ ସେ ନିଜର ଅଧିକାର କ୍ଷେତ୍ରରେ ରହି, ସ୍ତିଫାନଙ୍କୁ ପ୍ରସ୍ତରାଘାତ କରିବା ପାଇଁ, ସାକ୍ଷ୍ୟ ଦେଇଥିଲେ। ପରେ ଅନେକ ବର୍ଷେ ଉତ୍ତାରେ, ମୁଁ ପାଉଲଙ୍କ କ୍ଷମା ପ୍ରାର୍ଥନା ପସନ୍ଦ କରେ, ସେ କହିଥିଲେ, "ମୁଁ ଜଣେ ଶିଷ୍ୟ କିମ୍ବା ଜଣେ ପ୍ରେରିତ କୁହାଯିବାର ସୁଦ୍ଧା ଯୋଗ୍ୟ ନୁହେଁ, କାରଣ ମୁଁ ମଣ୍ଡଳୀକୁ ମୃତ୍ୟୁପ୍ରାୟଃ ତାଡନା କରିଅଛି।" ନିଷ୍ଠାପରତାର ସହିତ!

28 ଏବଂ ତାଙ୍କର ସେହି ଯିବାର ମାର୍ଗରେ, ସେ ଏକ ଅନୁଭୂତି ସହ ସାକ୍ଷାତ କଲେ। ପବିତ୍ରଆତ୍ମା ଏକ ବୃହତ ଅଗ୍ନିସ୍ତମ୍ଭରେ ବାହାରି ଆସିଲେ, ଏବଂ ତାହା ତାଙ୍କୁ ଅନ୍ଧ କରି ଦେଲା। ତେବେ, ଆମେ ତାହା ଦେଇ ଗତି କରିଅଛୁ ଯେ, ସେହି ଅଗ୍ନିସ୍ତମ୍ଭ ହେଉଛନ୍ତି ଖ୍ରୀଷ୍ଟ। ଏବଂ ସେ ସେହି ସମାନ ଅଗ୍ନିସ୍ତମ୍ଭ ଅଟନ୍ତି ଯିଏକି ସନ୍ତାନଗଣଙ୍କୁ ପ୍ରାନ୍ତର ଦେଇ କଢାଇ ନେଇଥିଲେ। ଖ୍ରୀଷ୍ଟ ପରମେଶ୍ୱର ଥିଲେ, ଏବଂ ପରମେଶ୍ୱର ଖ୍ରୀଷ୍ଟ ଥିଲେ। ପରମେଶ୍ୱର ଦେହ ଧାରଣ

କଲେ ଏବଂ ପ୍ରଭୁ ଯୀଶୁଙ୍କ ଶରୀରରେ ବାସ କଲେ। "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ରହି, ଜଗତକୁ ନିଜ ସହିତ ପୁନର୍ମିଳନ କରାଉଥିଲେ," ଏହା ଦେଖାଉଥିଲେ ଯେ ସେ କିଏ ଥିଲେ।

29 ଏଠାରେ ପଛରେ ବାଇବଲରେ, ପୂର୍ବ ପଦଗୁଡ଼ିକରେ ଆମେମାନେ ପାଠ କରିଥିଲୁ, ଯେ, "ସେ ଆପଣାକୁ ସ୍ୱର୍ଗଦୂତମାନଙ୍କଠାରୁ ଅଳ୍ପ ନ୍ୟୁନ କରିଥିଲେ। ଏକ ଆକାର ଗ୍ରହଣ କରିଥିଲେ, ସ୍ୱର୍ଗଦୂତମାନଙ୍କର ନୁହେଁ, ବରଂ ଏକ ମାଂସମୟ ଶରୀରରୂପ ଗ୍ରହଣ କରିଥିଲେ।" ସ୍ୱର୍ଗଦୂତମାନେ ପତିତ ହୋଇ ନ ଥିଲେ, ସେମାନଙ୍କୁ ମୁକ୍ତିର କୌଣସି ଆବଶ୍ୟକତା ନ ଥିଲା। ମାଂସମୟ ଶରୀର, ମନୁଷ୍ୟ ପତିତ ହୋଇଥିଲା, ଏବଂ ସେମାନଙ୍କୁ ମୁକ୍ତିର ଆବଶ୍ୟକତା ରହିଥିଲା। ତେଣୁକରି, ପୁରାତନ ନିୟମଗୁଡ଼ିକରେ, ଜଣେ ବ୍ୟକ୍ତି, ଜଣେ—ଜଣେ ମୁକ୍ତିଦାତା ହେବା ପାଇଁ, ପ୍ରଥମେ ତାଙ୍କୁ ନିକଟବର୍ତ୍ତୀ ସମ୍ପର୍କୀୟ ହେବାର ଆବଶ୍ୟକତା ଥିଲା; ରୁତ୍‌ଙ୍କର ସେହି ମହାନ ପୁସ୍ତକ, ଆମେମାନେ କିଛି ସମୟ ପୂର୍ବରୁ, ତାହା ଦେଇ ଦେଖିଥିଲୁ। ଏବଂ କିପରି ଯେ ପରମେଶ୍ୱର, ଆତ୍ମା ହୋଇ, ଆମମାନଙ୍କର ନିକଟବର୍ତ୍ତୀ ସମ୍ପର୍କୀୟ ହୋଇଗଲେ, ଯେ ଆମମାନଙ୍କୁ ମୁକ୍ତ କରି ଆମକୁ ଅନନ୍ତ ଜୀବନ ଦେବା ପାଇଁ, ଆମମାନଙ୍କ ମଧ୍ୟରୁ ଜଣେ ହୋଇଗଲେ। ତାହାଙ୍କୁ ଆମ ସଦୃଶ ହେବା ଆବଶ୍ୟକ ଥିଲା, ଯେପରିକି ଆମେ ଅନୁଗ୍ରହ ଦ୍ୱାରା ତାହାଙ୍କ ପରି ହୋଇ ଯାଇପାରୁ।

30 ଏବଂ ଆମେମାନେ ସେହି ଅଗ୍ନିସ୍ତମ୍ଭକୁ ଇସ୍ରାଏଲର ସନ୍ତାନଗଣଙ୍କୁ କଢ଼େଇ ନେଇ ଯାଉଥିବାର ପାଉ। ଏବଂ ଯେତେବେଳେ ଏହା ପୃଥିବୀରେ ମାଂସମୟ ଦେହ ହୋଇ ରହିଥିଲେ, ଆମେ ଦିନେ ତାହାଙ୍କୁ ଏହା କହୁଥିବାର ଶୁଣିଲୁ, ଏବଂ ସେ ଦାବି କରିଥିଲେ ଯେ ସେ ସେହି ଅଗ୍ନିସ୍ତମ୍ଭ ଥିଲେ। ସେମାନେ କହିଲେ, "ତୁମେ କହୁଛ ଯେ ତୁମେ ଆମମାନଙ୍କର ପିତା ଅବ୍ରହାମଙ୍କଠାରୁ ମହାନ୍ ଅଟ?"

31 ସେ କହିଲେ, "ଏହା ପୂର୍ବରୁ କି ଅବ୍ରହାମ ଥିଲେ, **ମୁଁ ଅଟେ**।" ସେହି **ମୁଁ ଅଟେ** କିଏ? ସେହି ଜଳୁଥିବା ବୁଦାରେ ଅଗ୍ନିସ୍ତମ୍ଭ, ପ୍ରତ୍ୟେକ ପୀଢୀ ଦେଇ ଏକ ଚିରସ୍ଥାୟୀ ସ୍ମୃତି ଅଟେ; କେବଳ ସେହି ପୀଢୀ ନିମନ୍ତେ ନୁହେଁ, ବରଂ ଏହି ପୀଢୀ ନିମନ୍ତେ, ସେହି ସମାନ ଅଗ୍ନିସ୍ତମ୍ଭ ଅଟନ୍ତି। ଏବଂ ଆଜି ସକାଳେ ଆମେମାନେ କୃତଜ୍ଞ ଅଟୁ ଯେ ଆମ ପାଖରେ ସେହି ଫଟୋଚିତ୍ର ମଧ୍ୟ ଅଛି, ଯେ ସେ ପରିବର୍ତ୍ତନ ହୋଇ ନାହାଁନ୍ତି। ସେ ହେଉଛନ୍ତି ସେହି ଅମର, ଅନନ୍ତ, ଧନ୍ୟ ଜଣକ। ସେ ବର୍ତ୍ତମାନ ସେହି ସମାନ କାର୍ଯ୍ୟଗୁଡିକୁ କରନ୍ତି ଯାହା ସେ ସେତେବେଳେ କରିଥିଲେ, ଏବଂ ଏହା ଆମକୁ କେତେ ଖୁସି ଅନୁଭବ କରାଇଥାଏ!

32 ମାତ୍ର ଏହା ପୂର୍ବେକି ପାଉଲ ଏହି ଅଭିଜ୍ଞତାକୁ ଗ୍ରହଣ କରନ୍ତେ...ଏହା ଜାଣି ଯେ ପ୍ରଭୁଙ୍କର ଦୂତ ହିଁ ସେହି ଅଗ୍ନିସ୍ତମ୍ଭ ଥିଲେ, ଯାହାକି ଖ୍ରୀଷ୍ଟ ଥିଲେ, ସେହି...ତେବେ, ସେ ସେହି ନିୟମର ଦୂତ ଥିଲେ, ଯିଏକି ଖ୍ରୀଷ୍ଟ ଅଟନ୍ତି। ମୋଶା ଉତ୍ତମ ଚିନ୍ତା କରିଥିଲେ, ଯେ, ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ଲୋକମାନଙ୍କ ସହିତ, ଦୁଃଖ ଭୋଗ କରିବାକୁ, ଏବଂ ଖ୍ରୀଷ୍ଟଙ୍କ ଦ୍ୱାରା ପରିଚାଳିତ ହେବାକୁ ପସନ୍ଦ କରିଥିଲେ। ସେ ଖ୍ରୀଷ୍ଟଙ୍କୁ ଅନୁସରଣ କରିଥିଲେ, ଯାହାକି ଏକ

ଅଗ୍ନିସ୍ତମ୍ଭ ରୂପରେ ଥିଲା ।

33 ତାହାପରେ ଖ୍ରୀଷ୍ଟ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି," ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ, "ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ।" ତାହାଙ୍କ ମୃତ୍ୟୁ, ସମାଧି, ପୁନରୁତ୍ଥାନ, ପୁଣି ମହାମହିମଙ୍କ ଡାହାଣ ପଟରେ ମଧ୍ୟସ୍ଥି କରିବା ହେତୁ, ସେହି ମହିମାମୟ ଶରୀରରେ ବିରାଜିତ ହେବା ପରେ; ପାଉଲ ତାହାଙ୍କୁ ପୁନର୍ବାର, ସେହି ଅଗ୍ନିସ୍ତମ୍ଭ ରୂପରେ ଦେଖିଲେ: ଏପରି ଏକ ଆଲୋକ ଯାହାକି ତାଙ୍କ ଆଖିକୁ ପାଖାପାଖୀ ଅନ୍ଧ କରି ଦେଇଥିଲା; ତାଙ୍କୁ ଅନ୍ଧତାରେ ଆଘାତ କରିଥିଲା ।

34 ପିତର ତାହାଙ୍କୁ ସେହି କାରାଗାର ମଧ୍ୟକୁ ଏକ ଆଲୋକ ରୂପରେ ଆସିବାର ଦେଖିଥିଲେ, ଏବଂ ତାଙ୍କ ଆଗରେ କବାଟଗୁଡିକୁ ଖୋଲିବାର ଦେଖିଥିଲେ ଯେତେବେଳେ ସେ ବାହାରକୁ ଯାଇଥିଲେ । ଆମେ ଜାଣିବାକୁ ପାଉ ଯେ ସେ ହେଉଛନ୍ତି ଆଲ୍‌ଫା ଏବଂ ଓମେଗା, ସେହି ପ୍ରଥମ ଏବଂ ଶେଷ ।

35 ଏବଂ ଏଠାରେ ସେ ଆଜି, ଆମ ସହିତରେ ଅଛନ୍ତି, ପୁଣି ସେହି ସମାନ ବିଷୟଗୁଡିକୁ ସାଧନ କରୁଛନ୍ତି ଯାହା ସେ ସେତେବେଳେ କରିଥିଲେ, ଆପଣାକୁ ପୁନର୍ବାର ଆମ ନିକଟରେ ଦୃଶ୍ୟମାନ କରାଇ, ବୈଜ୍ଞାନିକ ଜଗତକୁ ଏହା ଦେଖାଉଅଛନ୍ତି ।

36 ଓଃ, ପୃଥିବୀ ଉପରେ ଅନ୍ଧକାର ଏବଂ ବିଶୃଙ୍ଖଳାର ଏହି ମହାନ ଘଟିକାରେ, ସମଗ୍ର ପୃଥିବୀରେ ଆନନ୍ଦ କରିବା ହେତୁ, ଜାଣିବା ହେତୁ ଆମେ ହିଁ ସବୁଠାରୁ ଆନନ୍ଦିତ ଲୋକ ହେବା ଉଚିତ୍ । ସବୁ ସମୟରେ, ଯେତେବେଳେବି ଲୋକମାନେ ଏକତ୍ରିତ ହୁଅନ୍ତି, ଏବଂ ପୃଥିବୀରେ ସମସ୍ତ ପ୍ରକାରର ମତବାଦ ଏବଂ ଭିନ୍ନ ବିଷୟ ସବୁ ରହିଥାଏ, ଏବଂ ତଥାପି, ଆଜି, ସେହି ପ୍ରକୃତ, ଜୀବନ୍ତ ପରମେଶ୍ୱର, ତାହାଙ୍କର ବାକ୍ୟ ଏବଂ ତାହାଙ୍କର ଦୃଶ୍ୟମାନ ପ୍ରମାଣ ଦ୍ୱାରା, ଆମକୁ ଏହା ଦେଖାନ୍ତି ଯେ ସେ ଏଠାରେ ଆମମାନଙ୍କ ସହିତରେ ଅଛନ୍ତି, କାର୍ଯ୍ୟ କରୁଅଛନ୍ତି, ଚଳପ୍ରଚଳନ କରୁଅଛନ୍ତି, ଜୀବିତ ରହି, ଠିକ୍ ସେହିପରି ଅବିକଳ ଭାବରେ ଆଚରଣ କରୁଅଛନ୍ତି ଯେପରିକି ସେ ସର୍ବଦା କରିଥିଲେ । ଏହା ପାଇବା ହେତୁ, ଆମେମାନେ କି ପ୍ରକାର ଏକ ସୌଭାଗ୍ୟବାନ ଲୋକ ଅଟୁ! ଆମେ କରିବା ଉଚିତ୍...ତେବେ, ସେହି 2ୟ ପର୍ବରେ, ବାଇବଲ କୁହେ, "ଆମେ ଏହି ଜିନିଷଗୁଡ଼ିକୁ ପ୍ରତି ଅଧିକ ମନୋଯୋଗୀ ହେବା ଉଚିତ୍ । କାରଣ, ଯଦି ଆମେମାନେ ଏପରି ମହାପରିତ୍ରାଣକୁ ଅବହେଳା କରିବା ତେବେ ଆମେମାନେ କିପରି ରକ୍ଷା ପାଇବା?"

37 ତେବେ, ଆମେମାନେ ଏହା ଦେଖିବାକୁ ପାଉ, ଏହା ପୂର୍ବେକି ପାଉଲ ସେହି ଅଭିଜ୍ଞତାକୁ ଗ୍ରହଣ କରନ୍ତି...ବର୍ତ୍ତମାନ, ଆମେମାନେ ଗଭୀରକୁ ଖନନ କରୁଅଛୁ । ବର୍ତ୍ତମାନ, ଯାଏ ଆସେ ନାହିଁ ଯେ ଆପଣଙ୍କର କେଉଁ ପ୍ରକାରର ଏକ ଅଭିଜ୍ଞତା କେବେ ରହିଅଛି, ହେ ମଣ୍ଡଳୀ, ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ । ଯାଏ ଆସେ ନାହିଁ ଯେ ଏହା କେତେ ସୁନ୍ଦର ଦେଖାଯାଏ, ଏହା କେତେ ବାସ୍ତବ ଦେଖାଯାଏ, ଏହାକୁ ତ ପ୍ରଥମେ ବାଇବଲ ଦ୍ୱାରା ପରୀକ୍ଷା

କରାଯିବା ଉଚିତ୍ । ସର୍ବଦା ବାକ୍ୟ ଉପରେ! କୌଣସି ପ୍ରକାରର ଏକ ଅଭିଜ୍ଞତା ପାଇଁ, ତାହାକୁ କଦାପି ଛାଡନ୍ତୁ ନାହିଁ ।

38 ଏବଂ ପାଉଲ, ଏହା ପୂର୍ବେକି ସେ ଏହାକୁ ଗ୍ରହଣ କରନ୍ତେ, ସେ ଆରବକୁ ଚାଲିଗଲେ, ଏବଂ ସେଠାରେ ତିନି ବର୍ଷକାଳ ରହି, ଏହି ଅଭିଜ୍ଞତାକୁ ବାକ୍ୟ ସହିତ ପରୀକ୍ଷା କଲେ । ଏବଂ ଯେତେବେଳେ ସେ ଫେରି ଆସିଲେ, ସେ ସୁନିଶ୍ଚିତ ଥିଲେ । କୌଣସି ହେଲେ ବିଷୟ ତାଙ୍କୁ ବିଚଳିତ କରିପାରି ନ ଥିଲା, କାରଣ ସେ ବାକ୍ୟ ଉପରେ ଅବିଚଳିତ ଭାବରେ, ସୁଦୃଢ଼ ଥିଲେ । ଏବଂ ଏହିଠାରେ ହିଁ ଅଟେ ଯେଉଁଠାରେକି ସେ ବର୍ତ୍ତମାନ ଏବ୍ରୀ ଲୋକମାନଙ୍କୁ ଏହା ଦେଖାଇବା ହେତୁ ବୁଲି ପଡୁଛନ୍ତି, ଯେ ସେହି ମହାନ ବିଷୟଗୁଡ଼ିକ, ଯାହା ପୁରାତନ ନିୟମ ବିଷୟରେ କୁହା ଯାଇଥିଲା, ତାହା ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରକାଶିତ ହୋଇଥିଲା । କି ଏକ ମହିମା ଅଟେ!

39 ତେବେ, ଗତ ରବିବାର, କିମ୍ବା ଗତ ବୁଧବାର, ଭାଇ ନେଭିଲ୍ ଏଠାରେ, ସେହି 5ମ ପର୍ବରେ, କେତେକେ ମୂଖ୍ୟ ସ୍ଥାନକୁ ନେଇଥିଲେ, 'କାରଣ ଏହା ଏକ ଅଦ୍ଭୁତ ପର୍ବ ଅଟେ । ଏବଂ ଆମେମାନେ ଗତ ରବିବାର, ତାଙ୍କୁ 4ର୍ଥ ପର୍ବରେ, *ବିଶ୍ରାମବାର* ଉପରେ, ବିଶ୍ରାମବାର ପାଳନ କରିବା ବିଷୟ ଉପରେ କଥା କହୁଥିବାର ଦେଖିଥିଲୁ । କଅଣ ଆପଣ ଆଜି ସକାଳେ, ଏଥିରେ ସୁନିଶ୍ଚିତ ଅଟନ୍ତି ଯେ, ଆପଣ ଜାଣନ୍ତି ଯେ ବିଶ୍ରାମବାର ପାଳନ କରିବା ବିଷୟଟି କଅଣ ଅଟେ? ଯଦି ଆପଣ ଜାଣନ୍ତି, ତେବେ କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

40 *ବିଶ୍ରାମବାର* ହେଉଛି ସେହି "ବିଶ୍ରାମ" ଯେଉଁଥିରେ ଆମେମାନେ ପ୍ରବେଶ କରିଥାଉ, ଦିନ ପାଳନ କରିବା ଦ୍ୱାରା ନୁହେଁ, ବ୍ୟବସ୍ଥା ପାଳନ କରିବା ଦ୍ୱାରା ନୁହେଁ, ବରଂ ଖ୍ରୀଷ୍ଟଙ୍କ ମଧ୍ୟକୁ ପ୍ରବେଶ କରିବା ଦ୍ୱାରା ଅଟେ ଯାହାକି ଆମର ବିଶ୍ରାମବାର ଅଟନ୍ତି । ସେ ଆମର ବିଶ୍ରାମବାର ଅଟନ୍ତି । ଆମେ ଏହାକୁ ସମଗ୍ର ପୁରାତନ ନିୟମ ଦେଇ ଦେଖିଥିଲୁ, ଏବଂ ଏହା ଦେଖାଇଥିଲୁ ଯେ ସେହି ସମୟ ଉପସ୍ଥିତ ହେବ ଯେତେବେଳେକି ବାକ୍ୟ "ରେଖା ଉପରେ ରେଖା, ନିର୍ଦ୍ଦେଶ ଉପରେ ନିର୍ଦ୍ଦେଶ" ଭାବରେ ଆସିବ । ଏବଂ ସେ ଏହା ପ୍ରମାଣ କରିଥିଲେ ଯେ ଆମେମାନେ ପେଣ୍ଟିକଷ୍ଟ ଦିନରେ ତାହାଙ୍କ ବିଶ୍ରାମ ମଧ୍ୟରେ ପ୍ରବେଶ କରିଥିଲୁ, "କାରଣ ଏହା କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦେବ, କ୍ଷାନ୍ତ କରିବ ।"

41 ଆମେମାନେ ଜାଣୁ, ଯେ, "ଦାଉଦଙ୍କ ଦିନରେ ପରମେଶ୍ୱର, ପ୍ରାୟଃ ସପ୍ତମ ଦିନକୁ ନିର୍ଦ୍ଧାରିତ କରିଥିଲେ ।" ଏବଂ, "ପରମେଶ୍ୱର ସପ୍ତମ ଦିନରେ ବିଶ୍ରାମ କରିଥିଲେ ।" ପ୍ରାନ୍ତର ମଧ୍ୟରେ ସେହି—ସେହି ଇସ୍ରାଏଲ ସନ୍ତାନଗଣଙ୍କୁ ଏହା ପ୍ରଦାନ କରିଥିଲେ । "ଏବଂ ପୁଣିଥରେ, ସେ ଗୋଟିଏ ଦିନକୁ ନିର୍ଦ୍ଧାରିତ କଲେ ।" ଏହା କେଉଁ ଦିନ ଥିଲା? ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ଦିନ? "ସେହି ଦିନ ଯେତେବେଳେ ତୁମେ ତାହାଙ୍କର ରବକୁ ଶୁଣିବ, ଆପଣା ହୃଦୟକୁ କଠିନ କରିବ ନାହିଁ ।" ତାହା ସେହି ଦିନ ଅଟେ ଯେତେବେଳେ, ସେ ଆପଣଙ୍କୁ ଏକ ଅନନ୍ତ

ଶାନ୍ତି, ଏକ ଅନନ୍ତ ବିଶ୍ରାମବାର ଦେବା ନିମନ୍ତେ ପ୍ରବେଶ କରୁଅଛନ୍ତି,

42 ଆପଣ ତେବେ, ଧାର୍ମିକ ହେବା ନିମନ୍ତେ, ରବିବାର ଦିନ ଗୀର୍ଜାକୁ ଯାଆନ୍ତି ନାହିଁ। ଯେତେବେଳେ ଆପଣ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥାଆନ୍ତି, ଆପଣ ଚିରଦିନ ପାଇଁ ବିଶ୍ରାମ ମଧ୍ୟରେ ପ୍ରବେଶ କରନ୍ତି, ଆଉ ଅଧିକ ବିଶ୍ରାମବାର-ପାଳନ କରିବାର ନ ଥାଏ। ଆପଣ ନିରନ୍ତର ଭାବରେ, ଚିରଦିନ, ଏବଂ ଅନନ୍ତକାଳ ପାଇଁ, ବିଶ୍ରାମବାରରେ ଥାଆନ୍ତି। "ଆପଣଙ୍କର ସାଂସାରିକ କାର୍ଯ୍ୟଗୁଡିକ ସମାପ୍ତ ହୋଇ ଯାଇଅଛି," ବାଇବଲ କୁହେ, "ଏବଂ ଆପଣ ଏହି ଧନ୍ୟ ଶାନ୍ତିରେ ପ୍ରବେଶ କରିଅଛନ୍ତି।"

43 ଏହି ପ୍ରଥମ ପାଞ୍ଚଟି ପର୍ବଗୁଡିକ ଯୀଶୁଙ୍କୁ ମହାଯାଜକ ଭାବରେ ଯଥାସ୍ଥାନରେ ସ୍ଥାପିତ କରିବା ବିଷୟ ଅଟେ। "ପରମେଶ୍ୱର ପୂରାକାଳରେ ବିଭିନ୍ନ ସମୟରେ ଏବଂ ବିବିଧ ପ୍ରକାରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦେଇ ପିତୃପୁରୁଷଙ୍କୁ କଥା କହିଥିଲେ, କିନ୍ତୁ ଏହି ଶେଷ ଦିନରେ ତାହାଙ୍କ ପୁତ୍ର ଯୀଶୁଙ୍କ ଦେଇ କଥା କହିଅଛନ୍ତି," 1ମ ପର୍ବ, 1ମ ପଦ।

44 ତାହାପରେ ସେହି 5ମ ପର୍ବର ଶେଷ ଆଡକୁ ତଳେ, ଆମେ ତାହାଙ୍କୁ ମଲ୍‌କୀଷେଦକ ଭାବରେ ପ୍ରଦର୍ଶିତ ହୋଇଥିବାର ପାଉ, ଯାହାଙ୍କର କୌଣସି ଦିନର ଆରମ୍ଭ ନ ଥିଲା, କିଅବା ଜୀବନର ସମାପ୍ତି ନ ଥିଲା, ମାତ୍ର ଚିରଦିନ ପାଇଁ ଏକ ଯାଜକ ଥିଲେ। ଏହା ବିଷୟରେ ଚିନ୍ତା କରନ୍ତୁ। ଏହି ମହାନ ବ୍ୟକ୍ତିଜଣକ କିଏ ଥିଲେ? ଆମେମାନେ ଏହାକୁ, ଆଉ ପ୍ରାୟଃ ଦୁଇଟି ଅଧିକ ପର୍ବରେ ପାଇବା, ତାହାଙ୍କ ସମଗ୍ର ଜୀବନକୁ, ଆମେ ଅଧ୍ୟୟନ କରିବାକୁ ଯାଉଅଛୁ: ଏହି ମହାନ ବ୍ୟକ୍ତିଜଣକ ଯିଏକି ଅବ୍ରହାମଙ୍କୁ ଭେଟିଥିଲେ, ଯାହାଙ୍କର କୌଣସି ପିତା ନ ଥିଲେ, କୌଣସି ମାତା ନ ଥିଲେ, ତାହାଙ୍କର ଏପରି କୌଣସି ସମୟ ନ ଥିଲା ଯେ ସେ କେବେବି ଜୀବନର ଆରମ୍ଭ କରିଥିଲେ, କିମ୍ୱା ତାହାଙ୍କର କେବେବି ଏପରି କୌଣସି ସମୟ ରହିବ ନାହିଁ ଯେ ସେ କେବେ ଜୀବନକୁ ଶେଷ କରିବେ। ଏବଂ ସେ ଅବ୍ରହାମଙ୍କୁ ରାଜାମାନଙ୍କ ସଂହାରରୁ ଫେରି ଆସୁଥିବା ବେଳେ ଭେଟିଥିଲେ।

45 ଏହି ମହାନ ବ୍ୟକ୍ତିଙ୍କୁ ଧ୍ୟାନ ଦିଅନ୍ତୁ, ସେ ଯେକେହି ବି ଥିଲେ, ଏବେ ମଧ୍ୟ ଜୀବିତ ଅଛନ୍ତି। ତାହାଙ୍କର ଜୀବନର କୌଣସି ଅନ୍ତ ନ ଥିଲା। ଏହା ତ ଖ୍ରୀଷ୍ଟ ଥିଲେ, ଯାହାଙ୍କୁ ଅବ୍ରହାମ ଭେଟିଥିଲେ। ଆମେମାନେ ଅଳ୍ପ କିଛି ଦିନ ମଧ୍ୟରେ, ତାହାର ଏକ ଗଭୀର ଅଧ୍ୟୟନ କରିବାକୁ ଯାଉଅଛୁ।

46 ତେବେ, ଆମେମାନେ ବର୍ତ୍ତମାନ ଏଠାରେ 5ମ ପର୍ବରେ ଆରମ୍ଭ କରିବାକୁ ଚାହୁଁଅଛୁ, ଅଳ୍ପ ଟିକିଏ ପୃଷ୍ଠଭୂମି ପାଇଁ ଏହା ପୂର୍ବେକି ଆମେ ସେହି—ସେହି ୬ଷ୍ଠକୁ ଯାଉ, କାରଣ ଏହା ପ୍ରକୃତରେ ଏକ ଉଲ୍ଲେଖନୀୟ ବିଷୟକିଛି ଅଟେ। ଧ୍ୟାନ ସହକାରେ ଦେଖନ୍ତୁ। ଆମେ ଏହି ପର୍ବର 7ମ ପଦରେ ଆରମ୍ଭ କରିବାକୁ ଯାଉଅଛୁ। ତେବେ, ଆସନ୍ତୁ ସେହି ୬ଷ୍ଠ ପଦରୁ ଆରମ୍ଭ କରିବା।

*ପୁଣି ସେ ଅନ୍ୟ ସ୍ଥାନରେ ମଧ୍ୟ କୁହନ୍ତି, ତୁମ୍ଭେ ମଲ୍‌କୀଷେଦକଙ୍କ ସଦୃଶ ଅନନ୍ତକାଳୀନ ଯାଜକ ଅଟ ।*

*ଯେ ତାହାଙ୍କୁ ମୃତ୍ୟୁରୁ ରକ୍ଷା କରିବାକୁ ସମର୍ଥ, ତାହାଙ୍କ ନିକଟରେ...ସେ ଆପଣା ପାର୍ଥିବ ଜୀବନରେ ଥିବା ସମୟରେ ପ୍ରବଳ ଆର୍ତ୍ତନାଦ...ଅଶ୍ରୁ ସହକାରେ... ପ୍ରାର୍ଥନା ଓ ବିନତୀ ଉତ୍ସର୍ଗ କରିଥିଲେ, ଆଉ ଉତ୍ତରସ୍ୱରୂପେ ଆଶଙ୍କାରୁ ରକ୍ଷା ପାଇଁ;*

*ପୁତ୍ର ହେଲେହେଁ, ଦୁଃଖଭୋଗ ଦ୍ୱାରା...ଆଜ୍ଞାବହତା ଶିକ୍ଷା କଲେ;*

47 ତେବେ ଏଠାରେ ତାହା ଏହି ୨ମ ପଦ ଅଟେ, ଯେଉଁଠାକୁକି ମୁଁ ଯିବାକୁ ଚାହେଁ । ଶୁଣନ୍ତୁ । ମୁଁ ଅନୁମାନ କରୁଛି ଯେ ବୁଧବାର ଦିନ, ଭାଇ ନେଭିଲ୍ ଏହାକୁ ସ୍ପର୍ଶ କରିଥିଲେ । ମୁଁ ଏଠାରେ ନ ଥିଲି । ତେବେ, ଶୁଣନ୍ତୁ ।

*ପୁଣି ସିଦ୍ଧ ହୋଇ, ନିଜ ଆଜ୍ଞାବହକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣସ୍ୱରୂପ ହେଲେ;*

*ଏହେତୁ ସେ ପରମେଶ୍ୱରଙ୍କ କର୍ତ୍ତୃକ ମଲ୍‌କୀଷେଦକଙ୍କ ସଦୃଶ ମହାଯାଜକ ବୋଲି ନାମ ପ୍ରାପ୍ତ ହେଲେ ।*

*ଏହି ବିଷୟରେ ଆମ୍ଭମାନଙ୍କର ଅନେକ କଥା କହିବାକୁ ଅଛି,...*

48 ଆମେ ତାହାକୁ ସେହି ବିଷୟ ଉପରେ ସେଠାରେ ଛାଡି ଦେଉ, କାରଣ ଆମେମାନେ ଅଳ୍ପ କିଛି ରାତି ମଧ୍ୟରେ ମଲ୍‌କୀଷେଦକଙ୍କୁ ନେବାକୁ ଯାଉଅଛୁ ।

49 ବର୍ତ୍ତମାନ ଆମେମାନେ ଏହା ଉପରେ, ଆମର ନିୟମିତ ଅଧ୍ୟୟନକୁ ଆରମ୍ଭ କରିବାକୁ ଯାଉଅଛୁ । ମୁଁ ଆଶା କରୁଛି...ମୁଁ କେବଳ ଅଳ୍ପ କିଛି କ୍ଷଣ ପାଇଁ ଏହାର ବାକି ଅଂଶ, ସେହି 11ଶକୁ ପଦ ପାଠ କରିବି ।

*ଏହି ବିଷୟରେ ଆମ୍ଭମାନଙ୍କର ଅନେକ କଥା କହିବାକୁ ଅଛି,...ଆଉ ତୁମ୍ଭେମାନେ ଶୁଣିବାରେ ଶିଥିଳ ହୋଇଥିବାରୁ ସେଥିର ଅର୍ଥ ବୁଝାଇବାର କଷ୍ଟକର ।*

*କାରଣ ଯଦ୍ୟପି...ଏତେ ସମୟ ମଧ୍ୟରେ ତୁମ୍ଭମାନଙ୍କର ଶିକ୍ଷକ ହେବା ଉଚିତ୍ ଥିଲା, ତଥାପି ପରମେଶ୍ୱରଙ୍କ ବାକ୍ୟର ପ୍ରାଥମିକ ମୌଳିକ ସୂତ୍ରଗୁଡିକ କେହି ଯେ ତୁମ୍ଭମାନଙ୍କୁ ଶିକ୍ଷା ଦିଏ ଏହା ପୁନର୍ବାର ତୁମ୍ଭମାନଙ୍କର ପ୍ରୟୋଜନ ଅଛି; ଗୁରୁପାକ ଖାଦ୍ୟ ପ୍ରୟୋଜନ ନ ହୋଇ ଦୁଗ୍ଧ ତୁମ୍ଭମାନଙ୍କର ପ୍ରୟୋଜନ ।*

*ଯେ ଦୁଗ୍ଧପାୟୀ ସେ ତ ଧାର୍ମିକତାର ବାକ୍ୟରେ ଅଭ୍ୟସ୍ତ ନୁହେଁ: କାରଣ ସେ ଶିଶୁମାତ୍ର ।*

ଓଃ, ମୁଁ ଆଶା କରେ ଯେ ପବିତ୍ରଆତ୍ମା ବର୍ତ୍ତମାନ ତାହାକୁ ଠିକ ଆପଣଙ୍କର ଅନ୍ତର ମଧ୍ୟକୁ ନେଇ ଯାଇଛନ୍ତି।

*ସେ ଯେ—ଯେ ଦୁଗ୍ଧପ୍ୟାୟୀ ସେ ତ ଧାର୍ମିକତାର ବାକ୍ୟରେ ଅଭ୍ୟସ୍ତ ନୁହେଁ: କାରଣ ସେ ଶିଶୁମାତ୍ର।*

50 ଆପଣ ଏକ ଶିଶୁକୁ ଗୁରୁପାକ ଖାଦ୍ୟ ଦିଅନ୍ତୁ, ଆପଣ ତାହାକୁ ମାରି ପକାଇବେ। ସେହି କାରଣରୁ ଅନେକ ଲୋକ କୁହନ୍ତି, "ଆହା, ମୁଁ—ମୁଁ ତାହା ବିଶ୍ୱାସ କରେ ନାହିଁ," ଏବଂ ଚାଲିଯାଆନ୍ତି। ଏବେ ସୁଦ୍ଧା ଶିଶୁ ଅଟନ୍ତି! ସେମାନେ କେବଳ ବୁଝିପାରନ୍ତି ନାହିଁ। ସେମାନେ ସେହି ସତ୍ୟକୁ ବୁଝିପାରନ୍ତି ନାହିଁ। ଏହା—ଏହା ସେମାନଙ୍କୁ ମାରି ପକାଏ। ମହାନ, ଶକ୍ତିଶାଳୀ ବିଷୟଗୁଡିକ ମଣ୍ଡଳୀ ଆଜି ଜାଣିବା ଉଚିତ୍, ମାତ୍ର ଆପଣ ଏହାକୁ ଶିଖାଇ ପାରିବେ ନାହିଁ। ସେମାନେ—ସେମାନେ—ସେମାନେ—ସେମାନେ—ସେମାନେ ତ ଏହା ଉପରେ ଝୁଣ୍ଟି ପଡ଼ନ୍ତି। ସେମାନେ ଏହା ସହିତ କଅଣ କରିବାକୁ ଅଛି ଜାଣନ୍ତି ନାହିଁ।

51 ପାଉଲ, ଏହି ଏବ୍ରୀ ଗୋଷ୍ଠୀ ସହିତ କଥାବାର୍ତ୍ତା କରୁଥିଲେ...ତଥାପି, ସେ ବର୍ତ୍ତମାନ ପଣ୍ଡିତମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ପଣ୍ଡିତମାନେ, ଉତ୍ତମ ଶିକ୍ଷାପ୍ରାପ୍ତ ଲୋକମାନେ। ଆମେମାନେ ତାହା, ଅଳ୍ପ କିଛି—ଅଳ୍ପ କିଛି ମୁହୂର୍ତ୍ତରେ ପାଉ, ଯେ ଅତ୍ୟଧିକ ବିଦ୍ୱାନମାନେ ଥିଲେ। ମାତ୍ର ସେହି ଗଭୀର ଆତ୍ମିକ ରହସ୍ୟ, ମଣ୍ଡଳୀ ଏବେ ସୁଦ୍ଧା ତାହା ପ୍ରତି ଅନ୍ଧ ଅଛି। ସେ କହିଲେ, "ଯେତେବେଳେ ତୁମେ ଅନ୍ୟମାନଙ୍କୁ ଶିକ୍ଷା ଦେବା ଉଚିତ୍, ତୁମେ ତଥାପି ଏକ ଶିଶୁ ହୋଇ ରହିଅଛ।"

52 ଓଃ, ମୁଁ ଜାଣେ ଯେ ସେଠାରେ ଅନେକେ ଉଠି ବାହାରକୁ ଚାଲିଯାଆନ୍ତି ଓ କୁହନ୍ତି, "ଓଃ, ମୋତେ ଆଉ ମଣ୍ଡଳୀକୁ ଯିବାର କୌଣସି ଆବଶ୍ୟକତା ନାହିଁ। ପରମେଶ୍ୱରଙ୍କ ପ୍ରଶଂସା ହେଉ, ପବିତ୍ରଆତ୍ମା ଆସିଅଛନ୍ତି, ସେ ହେଉଛନ୍ତି ଶିକ୍ଷକ। ଯେତେବେଳେ ଆପଣ ସେହି ଧାରଣା ପାଆନ୍ତି, ତେବେ ଆପଣ କେବଳ ଭୁଲ୍ ଅଟନ୍ତି। ତେବେ ଯଦି ସେ ଶିକ୍ଷକ ହେବାକୁ ଯାଉଥିଲେ ତାହାହେଲେ ପବିତ୍ରଆତ୍ମା ମଣ୍ଡଳୀରେ କାହିଁକି ଶିକ୍ଷକମାନଙ୍କୁ ସ୍ଥାପନ କଲେ? ବୁଝିଲେ? ସେଠାରେ ପ୍ରଥମ ପ୍ରେରିତ, ଭବିଷ୍ୟଦ୍‌ବକ୍ତା, ଶିକ୍ଷକ, ସୁସମାଚାର ପ୍ରଚାରକ, ଏବଂ ପାଳକଗଣ ଅଛନ୍ତି। ପବିତ୍ରଆତ୍ମା ମଣ୍ଡଳୀରେ ଶିକ୍ଷକମାନଙ୍କୁ ସ୍ଥାପନ କରିଥିଲେ, ଯେପରିକି ସେ ସେହି ଶିକ୍ଷକଙ୍କ ମାଧ୍ୟମରେ ଶିକ୍ଷା ଦେଇପାରନ୍ତି। ଏବଂ ଯଦି ଏହା—ଏହା ବାକ୍ୟ ଅନୁଯାୟୀ ନୁହେଁ, ତେବେ ପରମେଶ୍ୱର ଏହାକୁ ସୁନିଶ୍ଚିତ କରନ୍ତି ନାହିଁ, ତେବେ ଏହା ସଠିକ୍ ପ୍ରକାରର ଶିକ୍ଷାଦାନ ନୁହେଁ। ଏହାକୁ ନିଶ୍ଚିତ ଭାବରେ ସମଗ୍ର ବାଇବଲ ସହିତ ତୁଳନା କରିବାକୁ ଅଛି, ଏବଂ ଆଜି ଠିକ ସେତିକି ସତେଜ ହେବାର ଅଛି ଯେତିକି ତାହା ସେଦିନ ଥିଲା। ସେଠାରେ ସେହି ପ୍ରକୃତ ଜିନିଷଟି ପ୍ରକଟିତ ହୋଇଥାଏ।

53 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ।

*କିନ୍ତୁ ବୟଃପ୍ରାପ୍ତ ଲୋକେ...ଯେଉଁମାନେ ଜ୍ଞାନେନ୍ଦ୍ରିୟଗୁଡିକର ଅଭ୍ୟାସ ଦ୍ୱାରା,*

*ଭଲ ମନ୍ଦ ନିରୂପଣ* କରିବାକୁ *ସକ୍ଷମ...ସେମାନଙ୍କ* ନିମନ୍ତେ *ଗୁରୁପାକ ଖାଦ୍ୟ ପ୍ରୟୋଜନ।*

ଭଲ ମନ୍ଦର ବୁଝାମଣା ଦ୍ଵାରା, ଜାଣନ୍ତି ଯେ କଅଣ ଠିକ୍ ଏବଂ କଅଣ ଭୁଲ୍ ଅଟେ।

54 ତେବେ ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ ଆମମାନଙ୍କ ପାଠରେ ଆରମ୍ଭ କରୁଅଛୁ। ତେବେ ଏହି ମହାନ ପୃଷ୍ଠଭୂମି, ଆସନ୍ତୁ 1ମ ପଦ ପାଇଁ ଯିବା।

*ଅତଏବ ଆସ ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି,...*

ସେ କଅଣ କହୁଛନ୍ତି? ଏହି ସମସ୍ତ ପ୍ରଥମ ପାଞ୍ଚଟି ପର୍ବଗୁଡିକ ଖ୍ରୀଷ୍ଟଙ୍କ ଉପରେ ନ୍ୟସ୍ତ କରାଯାଇଅଛି, ଏହା ଦେଖାଇବା ହେତୁ ଯେ ସେ କିଏ ଅଟନ୍ତି। ବର୍ତ୍ତମାନ ଆମେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷାଗୁଡିକୁ ପରିତ୍ୟାଗ କରୁଅଛୁ।

55 ଆମେ ତାହାଙ୍କୁ କଅଣ ବୋଲି ପାଇଲୁ? ଆମେ ତାହାଙ୍କୁ ମହାନ ଯିହୋବା ପରମେଶ୍ଵର ବୋଲି ପାଇଲୁ ଯିଏକି ଶରୀରରେ ପ୍ରକଟିତ ହୋଇଥିଲେ। ଆମେ ତାହାଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି—ବୋଲି ପାଇଲୁ ନାହିଁ, ମାତ୍ର ସମ୍ପୂର୍ଣ୍ଣ ପରମେଶ୍ଵରତ୍ଵକୁ ଶାରୀରିକ ଭାବରେ ପାଇଲୁ। ସେ ହେଉଛନ୍ତି ଯିହୋବା ଶରୀରରେ ପ୍ରକଟିତ ହୋଇଥିଲେ। ଏବଂ ସେହି ଶରୀର, ଯୀଶୁଙ୍କଠାରେ, କେବଳ ସେ ବାସ କରିଥିଲେ। ପରମେଶ୍ଵର ମନୁଷ୍ୟରେ ବାସ କରିଥିଲେ। ପରମେଶ୍ଵର ଆପଣା ପୁତ୍ରର କୁମାରୀ ଜନ୍ମ ଦ୍ଵାରା, ମନୁଷ୍ୟ ଜରିଆରେ, ମନୁଷ୍ୟ ସହିତ ପୁନର୍ମିଳନ କରିଥିଲେ। ଏବଂ ଯିହୋବା, ସେହି ଆତ୍ମା, ତାହାଙ୍କଠାରେ ବାସ କରିଥିଲେ।

56 ବର୍ତ୍ତମାନ, କେତେ ଜଣ ପରମେଶ୍ଵରତ୍ଵ ବିଷୟରେ ଶିକ୍ଷାକୁ ମନେ ରଖିଛନ୍ତି, କିପରି ଆମେମାନେ ଫେରି ଯାଇଥିଲୁ ଓ ପରମେଶ୍ଵରଙ୍କୁ ବିଭିନ୍ନ ଆତ୍ମା ସହିତ ମହାନ ଇନ୍ଦ୍ରଧନୁ ଥିବା ପରି ପାଇଥିଲୁ, ଏହା କିପରି ଥିଲା? ଏବଂ ତାହାପରେ ଲୋଗୋସ୍ ପରମେଶ୍ଵରଙ୍କଠାରୁ ବାହାରି ଥିଲା, ଯାହାକି ଥିଓଫାନି ହୋଇଗଲା, ଏବଂ ତାହା ଏକ ମନୁଷ୍ୟ ରୂପରେ ଥିଲା। ଏବଂ ମୋଶା ସେହି ଚଟ୍ଟାଣର ଗହ୍ଵରରେ ଥାଇ, ଏହାକୁ ଗମନ କରୁଥିବାର ଦେଖିଥିଲେ। ଆଉ ତାହାପରେ ସେହି ଥିଓଫାନି ସଂପୂର୍ଣ୍ଣ ଭାବରେ ମାନବ ଶରୀର, ଖ୍ରୀଷ୍ଟ ହୋଇଗଲେ।

ଏବଂ ଆମେମାନେ ଏହା କିପରି ପାଇଥିଲୁ ଯେ ଆମେମାନେ, ତାହାଙ୍କ ଅନୁଗ୍ରହ ଦ୍ଵାରା, ଅନନ୍ତ ଜୀବନ ପାଇଅଛୁ। ତେବେ, ସେହି ଶବ୍ଦ *ଚିରକାଳ* ହେଉଛି "କିଛି ଦୂରତା ପାଇଁ; ଏକ ସମୟାବଧି ପାଇଁ।" ଏହା ବାଇବଲରେ, କୁହା ଯାଇଅଛି, "ଚିରକାଳ ଏବଂ ଚିରକାଳ ପାଇଁ," ଏକ ସଂଯୋଗ ଅଛି। ମାତ୍ର *ଚିରକାଳ*ର ଅର୍ଥ ହେଉଛି କେବଳ "ଏକ ସମୟାବଧି।" ମାତ୍ର ଅନନ୍ତ ଅର୍ଥ ଚିରକାଳ ପାଇଁ। ଏବଂ କେବଳ ପ୍ରତ୍ୟେକ ସେହି ବିଷୟ ଯାହାର ଏକ ଆରମ୍ଭ ଥିଲା ତାହାର ଏକ ଶେଷ ଅଛି, ମାତ୍ର ଯେଉଁ ବିଷୟଗୁଡ଼ିକର କୌଣସି ଆରମ୍ଭ ନାହିଁ ତାହାର କୌଣସି

ଅନ୍ତ ନାହିଁ । ତେଣୁକରି ପରମେଶ୍ୱରଙ୍କର କୌଣସି ଆରମ୍ଭ ନ ଥିଲା ଏବଂ ତାହାଙ୍କର କୌଣସି ଅନ୍ତ ନାହିଁ ।

57 ଏବଂ ତେଣୁକରି, ଅତଏବ, ମଲ୍କୀଷେଦକ, ସେହି ମହାନ ଯାଜକ, ଜଣେ ମନୁଷ୍ୟ ପରି, ତାହାଙ୍କର କୌଣସି ଆରମ୍ଭ ନ ଥିଲା ଏବଂ ତାହାଙ୍କର କୌଣସି ଅନ୍ତ ନାହିଁ । ଏବଂ ଯେତେବେଳେ ଆମେ, ସେହି ଥିଓଫାନି ମାଧ୍ୟମରେ, ଯେ, ଜଗତ ସୃଷ୍ଟି ହେବା ପୂର୍ବରୁ ଆମେମାନେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କରା ଯାଇଥିଲୁ; ଯେତେବେଳେ ସେହି ଥିଓଫାନି ମାଂସମୟ ଦେହ ଧାରଣ କଲେ ଏବଂ ଆମ ମଧ୍ୟରେ ବାସ କଲେ, ତାହାପରେ, ତାହାଙ୍କ ମୃତ୍ୟୁ ଦ୍ୱାରା, ଆମେମାନେ ନିଜେ ତାହାଙ୍କର ଆତ୍ମାକୁ ଗ୍ରହଣ କରୁ ଏବଂ ଆମର କୌଣସି ଅନ୍ତ ନାହିଁ; ଅନନ୍ତ ଜୀବନ; ସ୍ୱର୍ଗଦୂତ ନୁହଁନ୍ତି, ମାତ୍ର ପୁରୁଷ ଏବଂ ସ୍ତ୍ରୀମାନେ । ଓଃ, ମୁଁ...ଯେକୌଣସି ପ୍ରକାରେ ବି, ଯଦି ମୁଁ ଏହାକୁ କେବଳ ଏପରି ଏକ ଉପାୟରେ ପାଇପାରିବି ଯେ ମୋର—ମୋର ଶ୍ରୋତାବୃନ୍ଦମାନେ ଏହାକୁ ବୁଝିଯିବେ! ଆପଣ କଦାପି ଏକ ସ୍ୱର୍ଗଦୂତ ହେବେ ନାହିଁ । ପରମେଶ୍ୱର ସ୍ୱର୍ଗଦୂତମାନଙ୍କୁ ନିର୍ମାଣ କଲେ, ମାତ୍ର ପରମେଶ୍ୱର ମନୁଷ୍ୟକୁ ନିର୍ମାଣ କଲେ । ଏବଂ ପରମେଶ୍ୱର ଯାହା କରନ୍ତି ତାହା ପରମେଶ୍ୱରଙ୍କଠାରୁ ହିଁ ଅଟେ, ଯାହାକି ସେତିକି ଅନନ୍ତ ଅଟେ ଯେତିକି ପରମେଶ୍ୱରଙ୍କ ଅନନ୍ତ ଅଟନ୍ତି । ଏବଂ ମନୁଷ୍ୟ ଠିକ ସେତିକି ଅନନ୍ତ ଅଟେ ଯେତିକି ତାର ସୃଷ୍ଟିକର୍ତ୍ତା ଅନନ୍ତ ଅଟନ୍ତି, କାରଣ ସେ ଅନନ୍ତତାରୁ ସୃଷ୍ଟି ହୋଇଥିଲା ।

58 ମାତ୍ର ପାପର ଏକ ଅନ୍ତ ଅଛି, ଦୁଃଖଭୋଗର ଏକ ଅନ୍ତ ଅଛି । ତେଣୁକରି, ସେଠାରେ ଏକ ଅନନ୍ତ ନରକ ହୋଇପାରେ ନାହିଁ । ସେଠାରେ ଏକ ନରକ, ଅଗ୍ନି ଏବଂ ଗନ୍ଧକ ଅଛି, ଆମେ ତାହା ଜାଣୁ, ମାତ୍ର ସେଠାରେ କୌଣସି ଅନନ୍ତ ନରକ ନାହିଁ । ସେଠାରେ କେବଳ ଗୋଟିଏ ପ୍ରକାରର ଅନନ୍ତ ଜୀବନ ଅଛି ଏବଂ ତାହା ପରମେଶ୍ୱରଙ୍କର ଅଟେ । ଯଦି ଆପଣଙ୍କୁ ଚିରକାଳ ପାଇଁ ଯନ୍ତ୍ରଣା ଭୋଗିବାକୁ ଥାଏ, ତେବେ ଆପଣଙ୍କଠାରେ ଅନନ୍ତ ଜୀବନ ରହିବାକୁ ଅଛି । ନରକର ଏକ ଅନ୍ତ ଅଛି, ହୋଇପାରେ ଯେ ଏହା କୋଟି କୋଟି ବର୍ଷ ଅଟେ, କିନ୍ତୁ ଏହା ଅବଶେଷରେ ଅନ୍ତ ହେବ ।

59 ବାଇବଲ କୌଣସି ସ୍ଥାନରେ, ଏହା କୁହେ ନାହିଁ, ଯେ ସେମାନେ ଅନନ୍ତକାଳ ନିମନ୍ତେ ଯନ୍ତ୍ରଣା ଭୋଗିଲେ, ଏହା କୁହେ, "ଚିରକାଳ ଏବଂ ଚିରକାଳ ପାଇଁ ।" ଯୂନସ ମଧ୍ୟ ଭାବିଲେ ଯେ ସେ ତିମିମାଛର ପେଟରେ "ଚିରକାଳ ପାଇଁ," ଅଛନ୍ତି । *ଚିରକାଳ* ଏକ ଦୂରତା କିମ୍ବା ଏକ ସମୟ ସୀମାକୁ ସୂଚାଇଥାଏ । ମାତ୍ର *ଅନନ୍ତ* ଚିରସ୍ଥାୟୀ ଅଟେ, ଏହାର କୌଣସି ଆରମ୍ଭ କିମ୍ବା ଶେଷ ନାହିଁ । ଏହା ଏକ ଗୋଲାକାର, ଏକ ବୃତ୍ତ ପରି ଅଟେ । ଏବଂ ଯେପରି ଆମର ସମୟ ଆଗକୁ ବଢୁଥାଏ, ଆମେମାନେ କେବଳ ପରମେଶ୍ୱରଙ୍କର ସେହି ମହାନ ଉଦ୍ଦେଶ୍ୟର ଚାରିପାଖରେ ଘୂରି ବୁଲୁଅଛୁ ।

60 ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ନିର୍ମାଣ କରିବା,

ଯେପରିକି ତାହା ସହିତ ସହଭାଗିତା କରାଯାଏ । ଏବଂ ସେ ତାହାକୁ ଏକ ସ୍ୱର୍ଣଯୋଗ୍ୟ ବସ୍ତୁ ରୂପରେ ସୃଷ୍ଟି କଲେ । ତେବେ, ପାପ ଆମକୁ ଦୁର୍ନୀତିର—ର—ର ଏପରି ଏକ ସ୍ଥାନକୁ ନେଇ ଆସିଲା, ମାତ୍ର ତାହା ପରମେଶ୍ୱରଙ୍କ କାର୍ଯ୍ୟକ୍ରମକୁ କେବେ ବି କ୍ଷାନ୍ତ କରେ ନାହିଁ । ଏବଂ, ହେ ପାପୀ ବନ୍ଧୁ, ଆଜି, ଯଦି ଆପଣ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଭାବେ ଜନ୍ମ ହୋଇ ନାହାଁନ୍ତି, ତେବେ ଆପଣଙ୍କର କୌଣସି ସ୍ଥାନରେ ଏକ ଅନ୍ତ ଅଛି । ଏବଂ ଆପାଣଙ୍କର ଶେଷ ହେଉଛି ବିଶୃଙ୍ଖଳା, ବିନାଶରେ, ଏବଂ ଯନ୍ତ୍ରଣା ଓ ଅଭାବରେ । ମାତ୍ର ଆପଣମାନଙ୍କ ପାଇଁ ଯେଉଁମାନେକି ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରିଛନ୍ତି, ଏବଂ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି, ତାହା ସେତିକି ଅନନ୍ତ ଅଟେ ଯେତିକି ଅନନ୍ତ ପରମେଶ୍ୱର ଅଟନ୍ତି । ଆପଣର କୌଣସି ଅନ୍ତ ନାହିଁ, "ମୁଁ ସେମାନଙ୍କୁ ଅନନ୍ତ ଜୋ'ଇ, ପରମେଶ୍ୱରଙ୍କ ନିଜର ଜୀବନ ଦିଏ, ଏବଂ ସେମାନେ କଦାପି ବିନଷ୍ଟ ହେବେ ନାହିଁ କିମ୍ବା ବିଚାରକୁ ଆସିବେ ନାହିଁ, ମାତ୍ର ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି ।" ତାହାହିଁ ଅଟେ ଯାହାକି ସେ ଥିଲେ । ତାହାହିଁ ଅଟେ ଯାହା ପାଇଁ ସେ ଆସନ୍ତି ।

61 ବର୍ତ୍ତମାନ, ଯୀଶୁ, ତାହାଙ୍କ ଯାଜକତ୍ୱର, ତାହାଙ୍କ ଆଗମନରେ, କେବଳ ଏକ ସହାନୁଭୂତି ସକାଶେ ଆସିଲେ ନାହିଁ । ଅନେକ ଲୋକ ଏହାକୁ ସେହିପରି ଭାବରେ ଶିକ୍ଷା ଦିଅନ୍ତି, ଯେ ସେ ଆସି, ଏହା କହିଥିଲେ, "ତେବେ, ବୋଧହୁଏ ଯଦି ମୁଁ ଦୁଃଖଭୋଗ କରେ, ତେବେ ମୁଁ ଏକ—ଏକ—ଏକ ଦୟାର ପାତ୍ର ସଦୃଶ ଦେଖା ଯିବି ଏବଂ ଲୋକମାନେ ନିଶ୍ଚିତ ଭାବରେ ମୋ ପାଖକୁ ଆସିବେ ।" ତାହା ଏକ ତ୍ରୁଟି ଅଟେ । ତାହା ପାଇଁ କୌଣସି ଶାସ୍ତ୍ରାଂଶ ନାହିଁ ।

କାରଣ, ପ୍ରତ୍ୟେକ ବ୍ୟକ୍ତି ଯିଏକି କେବେ ପରିତ୍ରାଣ ପାଇବେ, ପରମେଶ୍ୱର ଜଗତ ସୃଷ୍ଟି ହେବା ପୂର୍ବରୁ ସେମାନଙ୍କୁ ଜାଣିଥିଲେ । ବାଇବଲ ସେହିପରି ହିଁ ବ୍ୟକ୍ତ କରେ । ତେବେ, ପରମେଶ୍ୱର କେବେ ବି ଇଚ୍ଛା କରନ୍ତି ନାହିଁ ଯେ କେହି ବିନଷ୍ଟ ହୁଅନ୍ତୁ । ସେ ତ ଚାହାଁନ୍ତି ଯେ ସମସ୍ତେ ଆସି ଅନୁତାପ କରନ୍ତୁ । ମାତ୍ର, ପରମେଶ୍ୱର ହୋଇଥିବା ହେତୁରୁ, ପୂର୍ବଜ୍ଞାନ ଦ୍ୱାରା ସେ ଏହା ଜାଣିଥିଲେ ।

62 ରୋମୀୟ, ତାର ୫ମ ପର୍ବକୁ ଦେଖନ୍ତୁ । ପାଉଲ ସେଠାରେ ପରମେଶ୍ୱରଙ୍କ ନିର୍ବାଚନ ବିଷୟରେ ଏହା କହି, ତାକୁ ଉପସ୍ଥାପିତ କରୁଥିଲେ, ଯେ, "ଏଷୌ ଏବଂ ଯାକୁବ, ଉଭୟ ଶିଶୁ ଜନ୍ମ ହେବା ପୂର୍ବରୁ, କିମ୍ବା ଅନ୍ୟ କିଛି ବିଷୟ ହେବା ପୂର୍ବରୁ, ପରମେଶ୍ୱର କହିଥିଲେ ଯେ ସେ ସେମାନଙ୍କୁ ଜାଣିଥିଲେ ଏବଂ ସେ ଏଷୌକୁ ଘୃଣା କରିଥିଲେ ଓ ଯାକୁବଙ୍କୁ ପ୍ରେମ କରିଥିଲେ," ଏହା ପୂର୍ବେକି ଉଭୟ ବାଳକ ସେମାନଙ୍କର କୃତଜ୍ଞତା ଜଣାଇବା ହେତୁ ଏକ ସୁଯୋଗ—ଏକ ସୁଯୋଗ ପାଇଥାଆନ୍ତେ, କାରଣ ସେ ପରମେଶ୍ୱର ଥିଲେ । ସେ ଜାଣନ୍ତି… ସେ ଅସୀମ ଅଟନ୍ତି । ଯଦି ସେ ଅସୀମ, ସେ ପ୍ରତ୍ୟେକ ପୋକ, ପ୍ରତ୍ୟେକ ମାଛି, ପ୍ରତ୍ୟେକ କୀଟକୁ ଜାଣିଥିଲେ, ଯାହା ସବୁ କିଛି ପୃଥିବୀରେ କଦାପି ରହିଥିଲା, ସେ ତାହା ଜାଣିଥିଲେ । ସେ ଅସୀମ, ଅନନ୍ତ, ଅମର, ଧନ୍ୟ ପରମେଶ୍ୱର, ସର୍ବଶକ୍ତିମାନ, ସର୍ବବ୍ୟାପୀ, ସର୍ବଜ୍ଞ ଅଟନ୍ତି ।

ଏପରି କିଛି ବିଷୟ ନାହିଁ ଯାହା ସେ ଜାଣନ୍ତି ନାହିଁ । ସେଇଥି ପାଇଁ ସେ କହିପାରନ୍ତି ଯେ ଶେଷ କଅଣ ହେବ । ସେ ଆରମ୍ଭରୁ ଶେଷ ସବୁ କିଛି ଜାଣିଥିଲେ ।

63 ଭବିଷ୍ୟତ୍‌ବାଣୀ ଯାହା ଅଟେ ତାହା ହେଉଛି କେବଳ ତାହାଙ୍କର ଜ୍ଞାନ । ସେ ହେଉଛନ୍ତି ମୁଖ୍ୟ ଓକିଲ । ସେ—ସେ ହେଉଛନ୍ତି—ସେ ହେଉଛନ୍ତି ବିଚାରକର୍ତ୍ତା । ଏବଂ ସେ କେବଳ ସେହି—ସେହି ଓକିଲକୁ ତାହାଙ୍କର କିଛି ଜ୍ଞାନ ବିଷୟ କୁହନ୍ତି । ଏବଂ ତାହା ହିଁ ଯାହାକି ଭବିଷ୍ୟତ୍‌ବାଣୀ ଅଟେ, ଯାହାକି ଏହାକୁ ଭବିଷ୍ୟତ୍‌ବାଣୀ କରିପାରେ, କାରଣ ସେ ଜାଣନ୍ତି ଯେ କଅଣ ଘଟିବାକୁ ଯାଉଅଛି । ତେବେ, ସେଠାରେ ସେହି ପରମେଶ୍ୱର ଅଛନ୍ତି ଯାହାଙ୍କର ଆମେ ସେବା କରୁ । କୌଣସି ଇତିହାସର ଈଶ୍ୱର ନୁହଁନ୍ତି, ଯେପରିକି ବୌଦ୍ଧ ଧର୍ମାବଲମ୍ବୀ ଏବଂ ମହମ୍ମଦନମାନଙ୍କ ପରି, କିମ୍ବା ପ୍ରଭୃତି ପରି ନୁହଁନ୍ତି । ମାତ୍ର, ଏପରି ଏକ ପରମେଶ୍ୱର ଯିଏକି ସର୍ବବ୍ୟାପୀ, ଠିକ ବର୍ତ୍ତମାନ ଏଠାରେ, ଆଜି ସକାଳେ, ଠିକ ଏହି ସମୟରେ ଏହି ଆରାଧନାଳୟରେ ମୌଜୁଦ ଅଛନ୍ତି; ମହାନ ଯିହୋବା, **ମୁଁ ଅଟେ**, ଯିଏକି ପାପମୟ ଶରୀର ରୂପକୁ ଗ୍ରହଣ କରିବା ନିମନ୍ତେ, ଆପଣାକୁ ନମ୍ରତାରେ ଗଢିଥିଲେ । ସେ ଏଠାରେ ଅଛନ୍ତି । ସେ ହିଁ ଅଟନ୍ତି ଯିଏକି ଆପଣଙ୍କୁ ମୁକ୍ତ କରିଥିଲେ । ସେଠାରେ ଅନ୍ୟ କୌଣସି ସ୍ଥାନରେ, ଅନ୍ୟ କୌଣସି ସମୟରେ, ଅନ୍ୟ କେହି ହୋଇପାରନ୍ତି ନାହିଁ ଯିଏକି ଏହା କରିପାରନ୍ତି ।

64 ପରମେଶ୍ୱରଙ୍କର ସେଠାରେ ଉପରେ ତିନୋଟି ଲୋକ ନ ଥିଲେ, ଯେ ସେ ସେମାନଙ୍କ ମଧ୍ୟରୁ ଜଣକାକୁ, ତାହାଙ୍କ ପୁତ୍ରଙ୍କୁ ପ୍ରେରଣ କରିଥିଲେ । ଏହା ତ ପରମେଶ୍ୱର, ନିଜେ, ଏକ ପୁତ୍ର ରୂପରେ ଆସିଥିଲେ । ଜଣେ ପୁତ୍ରର ଏକ ଆରମ୍ଭ ଅଛି, ଏବଂ ସେହି ପୁତ୍ରର ଏକ ଆରମ୍ଭ ଥିଲା । ଯେ, ଆପଣମାନଙ୍କ ମଧ୍ୟରୁ କେତେକ ପ୍ରିୟ କ୍ୟାଥୋଲିକ୍ ଲୋକମାନେ, ମୁଁ ଆପଣଙ୍କର ପୁସ୍ତକ, *ଫ୍ୟାକ୍ଟସ୍ ଅଫ୍ ଆୱର ଫେଥ୍* ପାଇଅଛି, ଯାହାକି କୁହେ, "ପରମେଶ୍ୱରଙ୍କ ଅନନ୍ତ ପୁତ୍ରତ୍ୱ ।" ଆପଣ ସେହି ବାକ୍ୟକୁ କିପରି ଭାବରେ ପ୍ରକାଶ କରିବାକୁ ଯାଉଛନ୍ତି? ଆପଣ ଏହାକୁ ବୋଧଗମ୍ୟ ଅଟେ ବୋଲି କିପରି କରିବାକୁ ଯାଉଛନ୍ତି? ଏହା କିପରି ଅନନ୍ତ ହୋଇପାରେ? ତାହା ବାଇବଲ ନୁହେଁ । ତାହା ତ ହେଉଛି ଆପଣଙ୍କର ପୁସ୍ତକ, "ଅନନ୍ତ ପୁତ୍ରତ୍ୱ ।" ସେମାନେ କରନ୍ତି ନାହିଁ…ସେହି ବାକ୍ୟ ଠିକ୍ ନୁହେଁ । କାରଣ, ଯେକୌଣସି ବିଷୟ ଯାହାକି ଏକ ପୁତ୍ର ଅଟେ ତାହାର ଏକ ଆରମ୍ଭ ଥିଲା, ଏବଂ ଅନନ୍ତତାର କୌଣସି ଆରମ୍ଭ ନାହିଁ, ତେଣୁକରି ଏହା ଅନନ୍ତ ପୁତ୍ରତ୍ୱ ନୁହେଁ । ଖ୍ରୀଷ୍ଟ ଦେହ ଧାରଣ କରି ଆମମାନଙ୍କ ମଧ୍ୟରେ ବାସ କଲେ । ତାଙ୍କର ଏକ ଆରମ୍ଭ ଥିଲା । କୌଣସି ଅନନ୍ତ ପୁତ୍ରତ୍ୱ ନ ଥିଲା । ଏହା ତ ଅନନ୍ତ ପରମେଶ୍ୱରତ୍ୱ ଅଟେ, ପୁତ୍ରତ୍ୱ ନୁହେଁ । ତେବେ, ସେ ଆମକୁ ମୁକ୍ତ କରିବାକୁ ଆସିଥିଲେ, ଏବଂ ସେ ଆମକୁ ମୁକ୍ତ କଲେ ।

65 ତେବେ, ପାଉଲ, ସେଠାରେ ପହଞ୍ଚି, ଯାହାକି ମୁଁ ନିଶ୍ଚିତ ଅଟେ ଯେ ଅତୀତର ଶିକ୍ଷା ମାଧ୍ୟମରେ ଆପଣ ଏହାକୁ ବୁଝିଛନ୍ତି । ପ୍ରଭୁ ଇଚ୍ଛା କଲେ, ଆମେମାନେ କିଛି ସମୟ ମଧ୍ୟରେ, ଏହା ଉପରକୁ ପୁନର୍ବାର, ପଦ ପରେ ପଦ ଦେଇ ଯିବା । ବର୍ତ୍ତମାନ ।

*ଅତଏବ ଆସ…ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ—ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧି ଲାଭ କରିବା ନିମନ୍ତେ ଅଗ୍ରସର ହେଉ;…*

66 ତାହା ସେମାନଙ୍କୁ ଝୁଣ୍ଟେଇ ଦେଇଥାଏ, କଅଣ ନୁହେଁ କି? ଆସନ୍ତୁ କଅଣ କରିବା?

*…ଭିତ୍ତିମୂଳ ପୂନର୍ବାର ନ ବସାଇ; ସିଦ୍ଧି ଲାଭ କରିବା ନିମନ୍ତେ ଅଗ୍ରସର ହେଉ…*

67 ଏହାକୁ ଦେଖନ୍ତୁ। ଆସନ୍ତୁ ଏହି ଶବ୍ଦ "ସିଦ୍ଧତା" କୁ ନେବା। କଅଣ ଆପଣ ଜାଣନ୍ତି କି କେବଳ ଏକମାତ୍ର ଉପାୟ ଅଛି ଯେ ଆପଣ ସେଠାରେ ପରମେଶ୍ୱରଙ୍କ ଉପସ୍ଥିତିରେ ଛିଡା ହେବେ? ତାହା ହେଉଛି, ସିଦ୍ଧ ଭାବରେ। ପରମେଶ୍ୱର ଅପବିତ୍ର ବିଷୟଗୁଡିକୁ ସହ୍ୟ କରିପାରନ୍ତି ନାହିଁ।

68 ଏବଂ ଆପଣ ଆଇନ ଅବଲମ୍ବନକାରୀମାନେ: ଆପଣମାନେ ନିଜକୁ କେବେ କିପରି ଭାବରେ ସିଦ୍ଧ କରିପାରିବେ, ଯେତେବେଳେକି ଆପଣମାନଙ୍କ ପାଖରେ ନିଜକୁ ସିଦ୍ଧ କରିବା ପାଇଁ ଗୋଟିଏ ବି ଜିନିଷ ନାହିଁ? ଆପଣ ତ ପାପରେ ଜନ୍ମ ହୋଇଥିଲେ। ଆପଣଙ୍କର ସଂରଚନା ତ ଠିକ ପାପରେ ହୋଇଥିଲା। ଆପଣଙ୍କର ଏଠାରେ ରହିବାର ଅବିକଲ୍ ସେହି ଇଚ୍ଛା ମଧ୍ୟ ପାପ ହିଁ ଥିଲା। "ପାପରେ ଜନ୍ମିତ, ଅଧର୍ମରେ ଗଢା ହୋଇ, ମିଛ କହି ଜଗତକୁ ଆସିଥିଲା।" ତେବେ ଆପଣ କେଉଁଠାରେ ଛିଡା ହେବାକୁ ଯାଉଛନ୍ତି?

69 ହେ ପାପୀ, ଆପଣ କେଉଁଠାରେ ଅଛନ୍ତି, ଯିଏକି—ଯିଏକି ତାହା କହିଥିଲେ, "ମୁଁ ଧୂମପାନ ତ୍ୟାଗ କରିବି। ମୁଁ ସ୍ୱର୍ଗକୁ ଯିବି"? ଆପଣ କେଉଁଠାରେ ଅଛନ୍ତି, ଈଷଦୁଷ୍ଟ, ପୁରୁଣା କାଳିଆ, ତଥା-କଥିତ ଖ୍ରୀଷ୍ଟିଆନ, ଯିଏକି ଏକ ଲମ୍ବା ଚେହେରା ସହିତ ଏଣେ ତେଣେ ଯାଇ କୁହନ୍ତି, ଯେ, "ତେବେ, ମୁଁ ତ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ"? ହେ ଆପଣ ପାପୀ। ତାହା ଠିକ୍। ଯେପର୍ଯ୍ୟନ୍ତ ଆପଣ ପରମେଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଜନ୍ମ ନ ହୁଅନ୍ତି, ଆପଣ ବିନଷ୍ଟ ଅଟନ୍ତି। ତାହା ସତ ଅଟେ।

70 ଆପଣ କିପରି ସ୍ୱର୍ଗକୁ ଯାଉଅଛନ୍ତି? ଆପଣ କୁହନ୍ତି, "ମୁଁ ମୋ ଜୀବନରେ କେବେ ବି ମିଛ କହିନାହିଁ।" "ଓଃ, ପ୍ରିୟତମ। ଏହା—ଏହା ତ ଆରମ୍ଭ କରିବ୍ୟାକୁ, ଜଣେ ସ୍ୱର୍ଗଦୂତ ସଦୃଶ ଥିଲା।" ତାହା ଏକ ମିଥ୍ୟା ଅଟେ। ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଭଲ ଅଟନ୍ତି; ଆପଣ ତ ଜଣେ ପାପୀ ଅଟନ୍ତି। ଏବଂ ଆପଣଙ୍କ ପାଖରେ ଗୋଟିଏ ବି ଜିନିଷ ନାହିଁ; କୌଣସି ପୁରୋହିତ ନୁହଁନ୍ତି, କୌଣସି ବିଶପ ନୁହଁନ୍ତି, କୌଣସି କାର୍ଡିନାଲ୍ ନୁହଁନ୍ତି, କୌଣସି ପୋପ୍ ନୁହଁନ୍ତି, କିମ୍ବା ଅନ୍ୟ କେହି ଯିଏକି ଆପଣଙ୍କୁ ବଞ୍ଚାଇପାରନ୍ତି, 'କାରଣ ସେ ମଧ୍ୟ ସେହି ସମାନ ଡଙ୍ଗାରେ ଅଛନ୍ତି ଯେଉଁଥିରେ ଆପଣ ଅଛନ୍ତି। ଆମେମାନେ ଅଳ୍ପ କିଛି ମିନିଟ ମଧ୍ୟରେ ଏହା ଭିତରକୁ ଯାଉଅଛୁ। ଠିକ ସେହି ସମାନ ଅବସ୍ଥାରେ ଅଛନ୍ତି। ସେ ଥିଲେ…ରୋମର ପୋପ୍ ପାପରେ ଜନ୍ମ ହୋଇଥିଲେ, ଅଧର୍ମରେ ଗଢା ହୋଇଥିଲେ, ମିଛ

କହି ଜଗତକୁ ଆସିଥିଲେ, ପୁରୁଷ ଏବଂ ସ୍ତ୍ରୀର ଯୌନ ଇଚ୍ଛା ଦ୍ୱାରା ଜନ୍ମ ହୋଇଥିଲେ। ଆପଣ କେଉଁଠାରେ ସେଥିରୁ ଧାର୍ମିକତା ପାଇବାକୁ ଯାଉଅଛନ୍ତି?

71 "ତେବେ, ତାଙ୍କ ବାପା ଏବଂ ମାଆ ସେହି ସମାନ ଭାବରେ ଜନ୍ମ ହୋଇଥିଲେ, ଏବଂ ସେମାନେ ସେହି ସମାନ ଭାବରେ ଜନ୍ମ ହୋଇଥିଲେ, ଏବଂ ତାଙ୍କ ଜେଜେମା ଏବଂ ଜେଜେବାପା ଏବଂ ପଛରେ ସମସ୍ତେ।" ଏହା ତ ଆରମ୍ଭରୁ ହିଁ, ପାପ ଅଟେ!

72 ତେବେ କିଏ ଏହା କହିପାରେ ଯେ *ଏହା* ପବିତ୍ର ଏବଂ *ତାହା* ପବିତ୍ର ଅଟେ? କେବଳ ଗୋଟିଏ ଜିନିଷ ପବିତ୍ର ଅଟେ, ତାହା ହେଉଛି ଜୀବନ୍ତ ଖ୍ରୀଷ୍ଟଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟ, ଯିଏ ସିଦ୍ଧ କରା ଯାଇଅଛନ୍ତି। ଏବଂ ଆମର ଆବଶ୍ୟକତା ହେଉଛି ସିଦ୍ଧ ହେବା। ବର୍ତ୍ତମାନ, ଆମେ ଏହା କିପରି ହେବାକୁ ଯାଉଅଛୁ? ଏହାକୁ ନିଜେ, ଚେଷ୍ଟା କରିବେ। ମୁଁ ଏହାର ଗୁଣଗାରିମା ଉପରେ ସ୍ୱର୍ଗକୁ ଯିବା ପାଇଁ ଚେଷ୍ଟା କରିବାକୁ ଘୃଣା କରିବି, "ମୁଁ ପାଞ୍ଚ ମିନିଟ୍ ପୂର୍ବରୁ ଜନ୍ମ ହୋଇଥିଲି, ଏବଂ ବର୍ତ୍ତମାନ ଠିକ ଜଗତରୁ ବାହାରି ଯାଉଅଛି।" ମୁଁ ତ ବିନଷ୍ଟ ହୋଇଯିବି। ଯଦି ମୁଁ ମୋ ଜୀବନରେ କଦାପି କୌଣସି ମନ୍ଦ ଚିନ୍ତା କରି ନ ଥାଏ, ଯଦି ମୁଁ ମୋ ଜୀବନରେ କେବେବି କୌଣସି ଖରାପ ଶବ୍ଦ କହି ନ ଥାଏ, ଯଦି ମୁଁ କଦାପି କୌଣସି ମନ୍ଦ ବିଷୟକୁ ଦେଖି ନ ଥାଏ, କଦାପି କୌଣସି ମନ୍ଦ ବିଷୟ, କିମ୍ବା ସେପରି କିଛି ଭାବି ନ ଥାଏ, ତଥାପି ମୁଁ ନରକର ଧୂଳିସାତ କାନ୍ଥ ପରି ସେତିକି ଦୂଷିତ ଏବଂ କଳା ଅଟେ। ମୁଁ ଜଣେ ପାପୀ ଅଟେ।

73 ମୁଁ ଜୀବନ ଦେଇ ଆସିପାରେ ଏବଂ ଗୋଟିଏ କୋଠରୀରେ ବନ୍ଦ ହୋଇ ରହିପାରେ, ଏବଂ ଯେପରିକି କିଛି କାର୍ମେଲାଇଟ୍ ଭଉଣୀ କିମ୍ବା କେତେକେ କରନ୍ତି, ଏବଂ ଜଗତକୁ କେବେବି ଦେଖେ ନାହିଁ, ସେହିଠାରେ ରହିଥାଏ ଏବଂ ମୋ ଜୀବନ ସାରା ପ୍ରାର୍ଥନା କରିଥାଏ, ମଙ୍ଗଳ କାର୍ଯ୍ୟ କରେ, ଏକ କୋଟିପତି ଭାବରେ ଜନ୍ମ ଗ୍ରହଣ କରିଥାଏ ଏବଂ ଯାହା କିଛି ଅଛି ସବୁ ଗରିବ ଲୋକମାନଙ୍କୁ ଦାନ ଦେଇଥାଏ, ଆଉ ତଥାପି ମୁଁ ଜଣେ ପାପୀ ଅଟେ ଏବଂ ନରକକୁ ଯିବି। ହଁ, ଆଜ୍ଞା।

74 ମୁଁ ହୁଏତ ଲୁଥରାନ୍ ମଣ୍ଡଳୀ, ବାପ୍ଟିଷ୍ଟ, ପେଣ୍ଟିକଷ୍ଟାଲ୍, ପ୍ରେସ୍‌ବିଟେରିଆନ୍ ସହିତ ଯୋଗ ଦେଇପାରେ, ଯେତେବେଳେ ମୁଁ ବାପ୍ତିସ୍ମ ଗ୍ରହଣ କରିବାର ଧାଡିରେ ଥାଏ, ଏବଂ ଶହେ ବର୍ଷ ପର୍ଯ୍ୟନ୍ତ ସେହି ମଣ୍ଡଳୀ ପ୍ରତି ବିଶ୍ୱସ୍ତ ରୁହେ, ଏବଂ ମୋର ଜୀବନ ନେଇ ନିଆଯାଏ, ଏବଂ କୌଣସି ଲୋକ ମୋ ଉପରେ ଅଙ୍ଗୁଳି ଦେଖାଇ ଏହା କହିପାରିବେ ନାହିଁ "ସେ ତ ଏପରିକି କେବେ ଏକ ଖରାପ ଚିନ୍ତା ସୁଦ୍ଧା କରି ନ ଥିଲେ," ତଥାପି ମୁଁ ସେତିକି ସୁନିଶ୍ଚିତ ଭାବରେ ନରକକୁ ଯିବି ଯେତିକି ସୁନିଶ୍ଚିତ ମୁଁ ଛିଡା ହୋଇଛି।

75 ମୁଁ ଜଣେ ପାପୀ ଅଟେ। ତାହା ଠିକ୍ ଅଟେ। ମୋ ପାଖରେ କିଛି ହେଲେ ନାହିଁ। ସେଠାରେ ଆଦୌ, କୌଣସି ଉପାୟ ନାହିଁ, ଯେ ଦିଆଯିବା ହେତୁ ମୁଁ କୌଣସି—କୌଣସି ମୂଲ୍ୟ ପାଇପାରି ଥାଆନ୍ତି। ପରମେଶ୍ୱର ମୃତ୍ୟୁ ଆବଶ୍ୟକ କରିଥିଲେ। ଏବଂ ଯଦି ମୁଁ ମୋର ଜୀବନ ଦେଇ ଦେବି, ଯଦି ମୁଁ ମୋ ଜୀବନକୁ ଦେଇ ଦିଏ, ତେବେ ମୁଁ କିପରି ଅନୁତାପ କରିପାରେ?

କାରଣ, ଆପଣ...ପ୍ରଥମେ, ଋଣ ପରିଶୋଧ କରାଯିବାକୁ ଅଛି । ଏବଂ ପରମେଶ୍ୱର ହିଁ ଏକମାତ୍ର ଥିଲେ ଯିଏକି ନିଜ ଜୀବନକୁ ବଳିଦାନ କରି ପୁନର୍ବାର ଏହାକୁ ଉତ୍ଥାପିତ କରି ପାରିଥାନ୍ତେ । ତେଣୁ ସେ ପାପ ହୋଇପାରିଲେ, ଏବଂ ନିଜ ଜୀବନକୁ ବଳିଦାନ କରି ଏହାକୁ ଉତ୍ଥାପିତ କଲେ, ଏବଂ ଏହାକୁ "ନ୍ୟାୟ, ବୋଲି କହିଲେ, ଏବଂ ଋଣ ପରିଶୋଧ କରାଗଲା । ଆପଣ ସେଠାରେ ଅଛନ୍ତି ।

76 ବର୍ତ୍ତମାନ ଆସନ୍ତୁ ମାଥିଉକୁ ଯିବା, ତାର ୫ମ ପର୍ବ, ମୁଁ ବିଶ୍ୱାସ କରେ ଯେ ଏହା ହେଉଛି, 7ମ କିମ୍ବା ୫ମ ପର୍ବ । ଆମେ ଦେଖିବା ଯେ ଯୀଶୁ ଏଠାରେ କଅଣ କହୁଛନ୍ତି । ଠିକ୍ ଅଛି । ଏହା ହେଉଛି ମାଥିଉ, ତାର 5ମ ପର୍ବ । ଏବଂ ସେହି...ଯୀଶୁ, ପାର୍ବତୀୟ ଉପଦେଶରେ ପ୍ରଚାର, ପ୍ରଚାର କରୁଛନ୍ତି, ସେହି 47ତମ ପଦ ।

> *ଆଉ ତୁମ୍ଭେମାନେ ଯଦି କେବଳ ନିଜ ନିଜ ଭାଇମାନଙ୍କୁ ନମସ୍କାର କର, ତେବେ ତୁମ୍ଭେମାନେ ଅଧିକ କଅଣ କର? ବିଜାତୀୟମାନେ ସୁଦ୍ଧା କଅଣ ତାହା କରନ୍ତି ନାହିଁ...?* (ଦେଖନ୍ତୁ ।)
>
> ମାତ୍ର *ତୁମ୍ଭେମାନେ ସେହିପରି ସିଦ୍ଧ ହୁଅ,...*(କଅଣ?)
>
> *ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।*

ତାହା ଯୀଶୁଙ୍କର ଆଦେଶ ଥିଲା, "ତୁମ୍ଭେମାନେ ସେହିପରି ହୁଅ ।"

77 ସେମାନେ କୁହନ୍ତି, "କେହି ବି ସିଦ୍ଧ ହୋଇପାରନ୍ତି ନାହିଁ, ବୋଲି ବାଇବଲ କୁହେ, 'ସେଠାରେ କେହି ସିଦ୍ଧ ନୁହଁନ୍ତି ।' ସେଠାରେ ଆପଣଙ୍କର ବିରୋଧାଭାସ ଅଛି ।" କଅଣ ଏହା ଅଟେ କି? ଠିକ୍ ଅଛି ।

78 ଆପଣ ନିଜ ଭିତରେ ସିଦ୍ଧ ହୋଇପାରନ୍ତି ନାହିଁ । ଯଦି ଆପଣ ସେଥିରେ ଭରସା କରୁଛନ୍ତି ଯାହା ଆପଣ କରିଛନ୍ତି, ତାହାହେଲେ ଆପଣ ବିନଷ୍ଟ ଅଟନ୍ତି । "ତେଣୁ ତୁମ୍ଭମାନଙ୍କର ପରମେଶ୍ୱର ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।" ବର୍ତ୍ତମାନ:

> *ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ...ପିତା ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।*

79 "ଅତଏବ..." ତେବେ ଏବ୍ରୀର ସେହି 5ମ ପର୍ବ, ୬ଷ୍ଠ ପର୍ବ ।

> *ଅତଏବ ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ;...*

80 ତେବେ, ଆପଣ, ବ୍ରାନହାମ୍ ଟେବର୍ନେକଲ୍ । ଓଃ, ମୁଁ ଜାଣେ, "ଆମର ଆରୋଗ୍ୟତା ରହିଛି ।" ତାହା ଅଦ୍ଭୁତ ଅଟେ । "ଆମର ଦର୍ଶନମାନ ରହିଛି ।" ଓଃ, ତାହା—ତାହା ଉତ୍ତମ ଅଟେ । ଏବଂ ଆପଣଙ୍କର ଆତ୍ମିକ ସ୍ୱପ୍ନମାନ ରହିଛି, ଏବଂ ବେଳେବେଳେ ସେଗୁଡ଼ିକ

ଆତ୍ମିକ ସ୍ୱପ୍ନ ନୁହେଁ। ଏବଂ—ଏବଂ ବେଳେବେଳେ ଆପଣ…"ଆମେ, ଆମେମାନେ ଗରିବ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁ। ଆମେମାନେ ତାହା କରୁ ଯାହା ଆମେମାନେ କରିପାରୁ।" ଓଃ, ତାହା ସବୁ ଠିକ୍ ଅଟେ, ମାତ୍ର ଏହା ତାହା ନୁହେଁ ଯାହା ବିଷୟରେ ଆମେମାନେ ବର୍ତ୍ତମାନ କଥା କହୁଅଛୁ। ଆମେମାନେ ତ ଅନ୍ୟ ଏକ ପର୍ଯ୍ୟାୟ ମଧ୍ୟକୁ ପ୍ରବେଶ କରୁଅଛୁ।

*…ଶିକ୍ଷା…ପରିତ୍ୟାଗ କରି…*

81 "ଓଃ, ହଁ, ଆମଠାରେ ଖ୍ରୀଷ୍ଟଙ୍କ ଶିକ୍ଷା ରହିଛି। ଆମେ ବିଶ୍ୱାସ କରୁ ଯେ ସେ କୁମାରୀ-ଜନ୍ମିତ, ପରମେଶ୍ୱରଙ୍କ ପୁତ୍ର ଥିଲେ। ଏହି ସମସ୍ତ ବିଷୟ ସହିତ, ଆମେମାନେ ତାହା ବିଶ୍ୱାସ କରୁ।" ତାହା କେବଳ ଅଦ୍ଭୁତ ଅଟେ।

82 ମାତ୍ର, "ଏହାକୁ ପରିତ୍ୟାଗ କରି, ଆସନ୍ତୁ ସିଦ୍ଧିଲାଭ କରିବା ନିମନ୍ତେ ଅଗ୍ରସର ହେଉ।" ଓଃ, ମୋର ପ୍ରଭୁ! ମୋର ଇଚ୍ଛା ଯେ କାଳେ ବର୍ତ୍ତମାନ ମୋ ପାଖରେ ଏକ ପ୍ରଧାନ ଦୂତଙ୍କ ସ୍ୱର ଥାଆନ୍ତା, ଯେପରିକି ଏହାକୁ ଏପରି ଏକ ସ୍ଥାନକୁ ଆଣିଥାଆନ୍ତି ଯେଉଁଠାରେ ଆପଣ ଏହାକୁ ଦେଖିପାରନ୍ତେ। ବର୍ତ୍ତମାନ ସେ କୁହନ୍ତି, "ଖ୍ରୀଷ୍ଟଙ୍କ ସମସ୍ତ ଶିକ୍ଷା ପରିତ୍ୟାଗ କରି," ସମସ୍ତ ସେହି—ସେହି ଈଶ୍ୱରତତ୍ତ୍ୱବିତ୍‌ମାନେ, ଏବଂ ସମସ୍ତ ଈଶ୍ୱରତତ୍ତ୍ୱ ଯାହା ଆମେ ଜାଣୁ, ଖ୍ରୀଷ୍ଟଙ୍କ ଈଶ୍ୱରତ୍ତ୍ୱ ବିଷୟରେ ସମସ୍ତ କିଛି, ଯେ ସେ କିପରି ଦେହବନ୍ତ ପରମେଶ୍ୱର ହେଲେ, ଏହି ସମସ୍ତ ଅନ୍ୟାନ୍ୟ ବିଷୟଗୁଡ଼ିକ।

83 ପାଉଲ ଅଳ୍ପ କିଛି ମିନିଟରେ, ଏହି ସମସ୍ତ ବିଷୟଗୁଡିକୁ ଏଠାରେ ବୁଝାଇବାକୁ ଯାଆନ୍ତି। ଆସନ୍ତୁ ଏହାକୁ ଯିବା ପୂର୍ବରୁ, ଅଳ୍ପ ଟିକିଏ, ଏହାକୁ ପାଠ କରିବା।

*…ମୃତ କର୍ମରୁ ମନଃପରିବର୍ତ୍ତନ ଭିତ୍ତିମୂଳ ପୁନର୍ବାର ନ ବସାଇ…*

ଗତେବେ, ଆମେ ତାହା ବିଶ୍ୱାସ କରୁ।

…ଏବଂ *ପରମେଶ୍ୱରଙ୍କ*ଠାରେ *ବିଶ୍ୱାସ,*

ଆମେ ତାହା ବିଶ୍ୱାସ କରୁ।

ଏବଂ *ନାନା ବାପ୍ତିସ୍ମ ସମ୍ବନ୍ଧୀୟ ଶିକ୍ଷା,…*

ତେବେ ଆପଣ କିପରି ବାପ୍ତିଜିତ ହେବା ଉଚିତ୍, ଆମେ ତାହା ବିଶ୍ୱାସ କରୁ।

*…ଏବଂ ହସ୍ତାର୍ପଣ,…*

ଆମେ ହସ୍ତାର୍ପଣ କରାଯିବା ଉପରେ ବିଶ୍ୱାସ କରୁ, କଅଣ ନୁହେଁ କି? ଦେଖନ୍ତୁ, ତାହା ସବୁ, ନିଶ୍ଚିତରେ।

…ଏବଂ ସେହି ମୃତମାନଙ୍କର ପୁନରୁତ୍ଥାନ,…

84 ଆମେ ତାହା ବିଶ୍ୱାସ କରୁ । ତେବେ ଦେଖନ୍ତୁ । ଆପଣ ଏଠାରେ ଦେଖନ୍ତୁ, "ବିଚାର," ବ୍ୟବହୃତ ହୋଇଅଛି, "ଅନନ୍ତ" ଭାବରେ । ତାହା ଚିରଦିନ ପାଇଁ । ଯେତେବେଳେ ବିଚାର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ କୁହାଯାଏ, ଏହା ଚିରଦିନ ପାଇଁ ଅଟେ । ତାହାପରେ, ବିଚାର ଶୁଣାଣୀ ହେବା ପରେ ସେଠାରେ ଆଉ କୌଣସି ପୁନର୍ମିଳନ ହୋଇପାରେ ନାହିଁ । ବର୍ତ୍ତମାନ ଆପଣମାନେ ବୁଝିପାରନ୍ତି ଯେ ପରମେଶ୍ୱରଙ୍କୁ କାହିଁକି ତାହାଙ୍କର ନିଜର—ତାହାଙ୍କର ନିଜର ଉପାୟକୁ ନେବାକୁ ପଡିଲା, ଯେପରିକି ଆମେ ଏହାକୁ କହିଥାଉ, ତାହାଙ୍କର ନିଜର ଔଷଧୀକୁ । ଯେତେବେଳେ ସେ ମନୁଷ୍ୟକୁ ପାପ ପାଇଁ ନିନ୍ଦା କରିଥିଲେ, କେବଳ ଗୋଟିଏ ମାତ୍ର ଉପାୟ ଥିଲା ଯେ ସେ ପୁନର୍ମିଳନ କରିପାରିଥାନ୍ତେ, ତାହା ଥିଲା ସ୍ୱୟଂ ନିଜେ ସେହି ବ୍ୟକ୍ତିଙ୍କ ସ୍ଥାନକୁ ଗ୍ରହଣ କରିବା । ତାହାହିଁ ଏକମାତ୍ର ଉପାୟ ଥିଲା ଯେ ସେହି ବ୍ୟକ୍ତି ପୁନର୍ମିଳନ କରାଯାଇପାରନ୍ତି, କିମ୍ବା ଆମକୁ ପୁନର୍ମିଳନ କରାଇପାରନ୍ତି, ଯେ ସେ ଆମର ସ୍ଥାନକୁ ଗ୍ରହଣ କରି ଏକ ପାପୀ ହୋଇଯାଆନ୍ତେ । ପରମେଶ୍ୱର, ଯିହୋବା, ଜଣେ ପାପୀ ହୋଇଗଲେ, ଏବଂ ସେ ନିଜର ଜୀବନକୁ ଦେଇ ଦେଲେ ।

85 ତେବେ, ଆପଣ ନିଜର ଜୀବନକୁ, ଜଣେ ପାପୀ ଭାବରେ ଦେଇପାରିବେ, ଯେ ସେହି କାରଣ ହେତୁ ମରନ୍ତି । ପାଉଲ କହିଲେ, "ଯଦିଓ ମୁଁ ମୋର ଶରୀରକୁ ବଳିଦାନ ରୂପେ ଦଗ୍ଧ କରିବାକୁ ଦିଏ, ତଥାପି ମୁଁ କିଛି ନୁହେଁ," 'କାରଣ ଏହା କାମ କରିବ ନାହିଁ । ଦେଖନ୍ତୁ, ଯେତେବେଳେ ଆପଣ ମରିଯାଆନ୍ତି, ଆପଣ ଚାଲିଯାଆନ୍ତି । ଆପଣ ଜଣେ ପାପୀ ଭାବରେ ମରନ୍ତି, ଆପଣ ବିନଷ୍ଟ ଅଟନ୍ତି ।

86 "ମାତ୍ର ପରମେଶ୍ୱର ଶରୀରରେ ଓହ୍ଲାଇ ଆସିଲେ, ଏବଂ ପାପମୟ ଶରୀର ହୋଇ, ଶରୀରରେ ପାପକୁ ନିନ୍ଦା କଲେ ।" କାରଣ, ସେ ଅନନ୍ତ ପରମେଶ୍ୱର ଥିଲେ, ଏବଂ ନିଜ ଶରୀରକୁ ଉତ୍ଥାପନ କଲେ, ତେଣୁ ସେ ଧାର୍ମିକବାଦୀ ଅଟନ୍ତି ।

87 ତେବେ, ଏହି ସବୁ ବିଷୟ, "ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ," ପାଉଲ କହିଲେ । ଏବେ କଅଣ ଅଟେ?

*...ଶେଷ ବିଚାରସ୍ୱରୂପ ।*

*...ପରମେଶ୍ୱର ଅନୁମତି ଦେଲେ,...ଆମ୍ଭେମାନେ ଏହା କରିବା ।* (ଓୟ ପଦ ।)

88 ବର୍ତ୍ତମାନ, "ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ ।" ଯୀଶୁ କହିଲେ, "ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।"

ଏବଂ ଆମେମାନେ, ପ୍ରତ୍ୟେକ ଜଣ, ନିନ୍ଦିତ ଅଟୁ । ଏଥିରେ ଯାଏ ଆସେ ନାହିଁ ଯେ ଆମେ ଯାହା ବି କରୁ, ଆମେମାନେ ନିନ୍ଦିତ ଅଟୁ । ଆମେ ତ ନିନ୍ଦିତ ଭାବରେ, ଜନ୍ମ ହୋଇଥିଲୁ । ଆପଣଙ୍କର ମାଆ ଏବଂ ବାପା ନିନ୍ଦିତ ଭାବରେ, ଜନ୍ମ ହୋଇଥିଲେ । ଆପଣଙ୍କର, ଆପଣଙ୍କର ସମସ୍ତ ପିତୃପୁରୁଷମାନେ ପାପରେ ଜନ୍ମ ହୋଇଥିଲେ, ଅଧର୍ମରେ ଗଢା ହୋଇଥିଲେ । ତେବେ

ଆପଣ ଏହାକୁ କିପରି ଭାବରେ ପ୍ରାପ୍ତ କରିବାକୁ ଯାଉଛନ୍ତି? ଆପଣ କିପରି ଭାବରେ ସିଦ୍ଧ ହେବାକୁ ଯାଉଛନ୍ତି? ଯଦି ଆପଣ କଦାପି କୌଣସି ଜିନିଷ କରିନାହାଁନ୍ତି, କେବେବି ଚୋରି କରିନାହାଁନ୍ତି, କେବେବି ମିଛ କହି ନାହାଁନ୍ତି, ନିଜ ଜୀବନରେ କେବେ ବି କିଛି କରିନାହାଁନ୍ତି, ଆପଣ ତଥାପି ନିନ୍ଦିତ ଅଟନ୍ତି। ଏହା ପୂର୍ବେକି ଆପଣ ନିଜର ପ୍ରଥମ ନିଶ୍ୱାସ ନେଇଥିଲେ ଆପଣ ନିନ୍ଦିତ କରାଯାଇଥିଲେ। ଆପଣ ନିନ୍ଦିତ କରା ଯାଇଥିଲେ। ତାହା ଠିକ୍ ଅଟେ। ଏବଂ ଆପଣ ନିଜର ପ୍ରଥମ ନିଶ୍ୱାସ ନେବା ପୂର୍ବରୁ ହିଁ ପରମେଶ୍ୱରଙ୍କ ଦ୍ୱାରା ବିଚାରିତ କରାଯାଇଥିଲେ। କାରଣ ଆପଣ ନିଜର ପିତା ଏବଂ ମାତାଙ୍କର ଯୌନ ଇଚ୍ଛା ଦ୍ୱାରା, ବିଚାର କରାଯାଇଥିଲେ, ଯେଉଁମାନେକି ସେମାନଙ୍କ କ୍ରିୟା ଦ୍ୱାରା, ଆପଣଙ୍କୁ ଏଠାରେ ପୃଥିବୀକୁ ଆଣିଲେ। ଏବଂ ପରମେଶ୍ୱର ଏହାକୁ, ଆରମ୍ଭରେ ହିଁ ନିନ୍ଦା କରିଥିଲେ। ଆପଣ ଆରମ୍ଭରୁ ହିଁ, ନିନ୍ଦିତ ଅଟନ୍ତି। ତେବେ ଆପଣ କେଉଁଠାରେ...ଏବଂ ପୃଥିବୀର ଅନ୍ୟ ସମସ୍ତ ଲୋକମାନେ ଆପଣଙ୍କ ସହିତ ନିନ୍ଦିତ କରା ହୋଇଥିଲେ। ତେବେ ଆପଣ କେଉଁଠାରେ ସିଦ୍ଧିଲାଭ କରିବାକୁ ଯାଉଛନ୍ତି?

89 ଦେଖନ୍ତୁ। ଆସନ୍ତୁ ଆମେମାନେ ଅଳ୍ପ କ୍ଷଣ ପାଇଁ ଏବ୍ରୀ, ତାର 10ମ ପର୍ବକୁ ଯିବା। ଧ୍ୟାନ ସହକାରେ ଶୁଣନ୍ତୁ। ମୁଁ 9ମ ପର୍ବରୁ ଅଳ୍ପ କିଛି ଟିକିଏ ପାଠ କରିବାକୁ ଚାହେଁ, ପ୍ରଥମେ, ସେହି 11ଶ ପଦ।

> *କିନ୍ତୁ ଖ୍ରୀଷ୍ଟ ବର୍ତ୍ତମାନ ଉତ୍ତମ ଉତ୍ତମ ବିଷୟର ମହାଯାଜକସ୍ୱରୂପେ ଉପସ୍ଥିତ ହୋଇ, ଏହି ସୃଷ୍ଟିରୁ ଭିନ୍ନ ଅହସ୍ତକୃତ ମହତ୍ତର ଓ ଶ୍ରେଷ୍ଠତର ତମ୍ବୁ,* ତାହାଙ୍କ ନିଜ ତମ୍ବୁ, ତାହାଙ୍କର ଦେହ,...

90 ଦେଖନ୍ତୁ, ସେହି ପୁରୁଣା ତମ୍ବୁକୁ...କଅଣ ଆପଣମାନେ ଧ୍ୟାନ ଦେଲେ କି? ସେହି ପୁରାତନ ତମ୍ବୁରେ ଏକ ପର୍ଦ୍ଦା ଥିଲା, ଯାହାକି ସେହି ସିଂନ୍ଦୁକକୁ ଢାଙ୍କି ରଖୁଥିଲା ଯେଉଁଠାରେ ପରମେଶ୍ୱର ବାସ କରୁଥିଲେ। କେତେ ଜଣ ତାହା ଜାଣନ୍ତି? ନିଶ୍ଚିତରେ। ତେବେ, ଏଠାରେ ଥିବା ସେହି ପୁରୁଣା ମନୁଷ୍ୟ-ନିର୍ମିତ ତମ୍ବୁ, ରଙ୍ଗିତ ଛେଳି ଚର୍ମରୁ ନିର୍ମିତ ସେହି ପର୍ଦ୍ଦାଗୁଡିକ, ଏବଂ ଇତ୍ୟାଦି ସବୁ, ଏକ ତମ୍ବୁକୁ ନିର୍ମାଣ କରିଥିଲା ଯାହାକି ପରମେଶ୍ୱରଙ୍କ ଉପସ୍ଥିତିକୁ ଲୁଚାଇ ରଖିଥିଲା। କେତେ ଜଣ ତାହା ଜାଣନ୍ତି ଯେ ବର୍ଷକୁ ଥରେ କେବଳ ଜଣେ ବ୍ୟକ୍ତି ହିଁ ସେଠାରେ ଭିତରକୁ ଯାଇପାରୁଥିଲେ? ନିଶ୍ଚିତ ଭାବରେ। ତାହା ହାରୋଣ ଥିଲେ, ବର୍ଷକୁ ଥରେ ଭିତରକୁ ଯାଉଥିଲେ। ଏବଂ ସେ ନିଶ୍ଚିତ ଭାବରେ ଅଭିଷିକ୍ତ ହେବା ଉଚିତ ଅଟେ। ଏବଂ—ଏବଂ, ଓଃ, ସେହି ପ୍ରୟୋଜନ! ଏବଂ ସେ ନିଜ ହାତରେ ନିଶ୍ଚିତରେ ନିଆଁ ଧରିଥିବା ଜରୁରୀ ଅଟେ; ଆଉ ଯଦି ସେ ତାହା ବିନା ଯାଆନ୍ତି, ତାହାହେଲେ ସେ ସେହି ପର୍ଦ୍ଦାକୁ ଘୁଞ୍ଚାଇବା ମାତ୍ରେ ହିଁ ମରିଯାଆନ୍ତି। ସେ ଠିକ ସେହିଠାରେ ହିଁ ମରିଯିବେ। ତାଙ୍କୁ ନିଶ୍ଚିତ ଭାବରେ ସେଠାକୁ ଯାଇ ଏହି ପ୍ରଦୀପଗୁଡିକୁ ପ୍ରଜ୍ୱଳିତ କରିବାକୁ ଅଛି, ଏବଂ ଦୟାର ସିଂହାସନକୁ ଛିଞ୍ଚିବାକୁ ଅଛି ଯାହାକି ତାର ନିଦର୍ଶନ ଅଟେ ଯେ, ମୃତ୍ୟୁର ସେହି ରକ୍ତ, ସେହି ପ୍ରତିସ୍ଥାପନକାରୀର ରହିଅଛି, ଯେପର୍ଯ୍ୟନ୍ତକି ଖ୍ରୀଷ୍ଟ ଆସି ଏହାକୁ ସଫଳ ନ କରି ଦିଅନ୍ତି।

91 ତେବେ, ମାତ୍ର, ପରେ ପରମେଶ୍ୱର ଆଉ ଏକ ପ୍ରକାର ତମ୍ବୁରେ ପରିଣତ ହୋଇଗଲେ । ଆଉ ସେହି ତମ୍ବୁଟି କିଏ ଥିଲା? ଯୀଶୁ । ଏବଂ ପରମେଶ୍ୱର ଯୀଶୁଙ୍କ ଭିତରେ ଥିଲେ, ଏବଂ ସେ ଲୁଚି ରହିଥିଲେ, ମାତ୍ର ସେ ନିଜର ଅଭିବ୍ୟକ୍ତି ଦ୍ୱାରା, ନିଜକୁ ଜଗତ ସହିତ ପୁନର୍ମିଳନ କରାଉଥିଲେ । ଖ୍ରୀଷ୍ଟ ପରମେଶ୍ୱରଙ୍କୁ ପ୍ରକାଶ କରିଥିଲେ । ସେ କହିଲେ, "ଏହା ମୁଁ ନୁହେଁ ଯିଏକି କାର୍ଯ୍ୟ କରେ । ଏହା ତ ମୋର ପିତା ଯିଏକି ମୋଠାରେ ବାସ କରନ୍ତି । ମୁଁ ନିଜଠାରୁ କିଛି କରେ ନାହିଁ ମାତ୍ର ମୁଁ ପିତାଙ୍କୁ ଯାହା କରୁଥିବାର ଦେଖେ । ମୋ ଭିତରେ ଥିବା ପିତା, ମୋତେ ଏହି ଦର୍ଶନଗୁଡିକ ଦେଖାନ୍ତି, ଏବଂ ତାହାପରେ ମୁଁ ଯାଇ ପିତା ମୋତେ ଯାହା କରିବାକୁ କହିଥାଆନ୍ତି ମୁଁ ସେହିପରି କରିଥାଏ ।" କଅଣ ଆପଣ ଏହା ବୁଝିଲେ କି? ପରମେଶ୍ୱର ଜଣେ ମାନବୀୟ ଶରୀର ଭିତରେ ଥିଲେ, ରଙ୍ଗ ହୋଇଥିବା ଛେଳି ଚର୍ମ ପଛରେ ନୁହେଁ, ମାତ୍ର ଜୀବନ୍ତ ଭାବରେ, ଚଳପ୍ରଚଳନ କରୁଥିଲେ । ପରମେଶ୍ୱରଙ୍କର ହାତ ଥିଲା; ପରମେଶ୍ୱରଙ୍କର ପାଦ ଥିଲା; ପରମେଶ୍ୱରଙ୍କର ଜିଭ ଥିଲା; ପରମେଶ୍ୱରଙ୍କର ଆଖି ଥିଲା; ଏବଂ ସେ ଖ୍ରୀଷ୍ଟ ଥିଲେ । ସେ ସେଠାରେ ଥିଲେ ।

92 ତେବେ, ସେ ଚାଲିଗଲେ, ଏବଂ ଆତ୍ମା ଭିତରକୁ ଆସିଲେ ଯେପରିକି, ଯେପରିକି ତାହାଙ୍କ ମୃତ୍ୟୁ ଦ୍ୱାରା ସେ ମଣ୍ଡଳୀକୁ ସିଦ୍ଧ କରିପାରନ୍ତି ଏବଂ ମଣ୍ଡଳୀକୁ ସମର୍ପଣରେ ଆଣିପାରନ୍ତି। ଏବଂ ତାହାପରେ ସେହି ସମାନ ଆତ୍ମା ଯାହାକି ଖ୍ରୀଷ୍ଟଙ୍କଠାରେ ଥିଲେ ମଣ୍ଡଳୀରେ ଅଛନ୍ତି, ଏବଂ ଠିକ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ କରୁଛନ୍ତି ଯାହା ଖ୍ରୀଷ୍ଟ କରିଥିଲେ। "ଅଳ୍ପ ସମୟ ଏବଂ ଜଗତ ମୋତେ ଆଉ ଅଧିକ ଦେଖିବ ନାହିଁ; ତଥାପି ତୁମେମାନେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ, ତୁମ ଅନ୍ତରରେ ରହିବି ।"

93 ତେବେ ଏହାକୁ ଶୁଣନ୍ତୁ ।

> *କିନ୍ତୁ ଖ୍ରୀଷ୍ଟ* ବର୍ତ୍ତମାନ *ଉତ୍ତମ ଉତ୍ତମ ବିଷୟର ମହାଯାଜକସ୍ୱରୂପେ, ଉପସ୍ଥିତ ହୋଇ, ଏହି ସୃଷ୍ଟିରୁ ଭିନ୍ନ ଅହସ୍ତକୃତ ମହତ୍ତର ଓ ଶ୍ରେଷ୍ଠତର ତମ୍ବୁ;*

ସେ ହସ୍ତ ନିର୍ମିତ ନ ଥିଲେ । ସେ କିପରି ଜନ୍ମ ହୋଇଥିଲେ? କୁମାରୀ ଜନ୍ମ ।

> *ଦେଇ ଯାଇ ଛାଗ ଓ ଗୋବତ୍ସର ରକ୍ତ ନୁହେଁ,* ଏହି ଶରୀର କେବେ ବଳିଦାନ କରାଯାଇ ନ ଥିଲା କିମ୍ବା ପବିତ୍ର କରାଯାଇ ନ ଥିଲା, *ମାତ୍ର ଆପଣାର ରକ୍ତ ଘେନି...*

94 ଆପଣ ଜାଣନ୍ତି ଯେ ରକ୍ତ ପୁରୁଷ ଲିଙ୍ଗରୁ ଆସିଥାଏ । ଏବଂ ତାହାପରେ କେହି ଜଣେ କୁହନ୍ତି, "ଓଃ, ଯୀଶୁ ତ ଜଣେ ଯିହୂଦୀ ଥିଲେ ।" ସେ ଯିହୂଦୀ ନ ଥିଲେ । "ଓଃ, ଆମେମାନେ ଯିହୁଦୀ ରକ୍ତ ଦ୍ୱାରା ଉଦ୍ଧାର ପାଇଅଛୁ ।" ନା, ଆମେ ନୋହୁଁ । ଯଦି ଆମେମାନେ ଯିହୁଦୀ ରକ୍ତ ଦ୍ୱାରା ଉଦ୍ଧାର କରା ଯାଇଥାଉ, ତାହାହେଲେ ଆମେମାନେ ଏବେ ସୁଦ୍ଧା ବିନଷ୍ଟ ଅଟୁ ।

ଯୀଶୁ ଯିହୂଦୀ ନ ଥିଲେ, କିମ୍ବା ସେ ଅଣଯିହୂଦୀ ମଧ୍ୟ ନ ଥିଲେ । ସେ ତ ପରମେଶ୍ୱର ଥିଲେ: ପରମେଶ୍ୱର ପିତା, ଆତ୍ମା, ସେହି ଅଦୃଶ୍ୟ ଜଣେ । "କୌଣସି ବ୍ୟକ୍ତି ପରମେଶ୍ୱରଙ୍କୁ କୌଣସି ସମୟରେ କେବେବି ଦେଖି ନାହାଁନ୍ତି, କେବଳ ପିତାଙ୍କ ଏକମାତ୍ର ଅଦ୍ୱିତୀୟ ପୁତ୍ର ତାହାଙ୍କୁ ଘୋଷଣା କରିଛନ୍ତି ।" ସେ ପରମେଶ୍ୱରଙ୍କୁ ପ୍ରକାଶ କରିଥିଲେ, ଯେ ପରମେଶ୍ୱର କଅଣ ଅଟନ୍ତି ।

95 ତେବେ ତାହାଙ୍କର ମଣ୍ଡଳୀକୁ ପରମେଶ୍ୱରଙ୍କୁ ପ୍ରକାଶ କରିବାର ଥିଲା, ଏହା ଦେଖାଇବାକୁ ଥିଲା ଯେ ପରମେଶ୍ୱର କିଏ ଅଟନ୍ତି । ବୁଝିଲେ?

ଆମେମାନେ କଅଣ କଲୁ? ନିଜକୁ ସଂଗଠିତ କରି ପକାଇଲୁ, ଏବଂ, "ମୋର *ସେମାନଙ୍କ* ସହିତରେ କିଛି କରିବାର ନାହିଁ । ସେମାନେ ମେଥୋଡିଷ୍ଟ ଅଟନ୍ତି । ସେମାନେ ପ୍ରେସ୍‌ବିଟେରିଆନ୍ ଅଟନ୍ତି । ମୁଁ *ସେମାନଙ୍କ* ସହିତରେ କିଛି କରିବାକୁ ଚାହେଁ ନାହିଁ । ମୁଁ ବାପ୍‌ଟିଷ୍ଟ ଅଟେ । ମୁଁ ପେଣ୍ଟିକଷ୍ଟାଲ୍ ଅଟେ ।" ହୁଃ! ଆପଣ ତ ସେହି ପ୍ରକାରର ଏକ ଉଦ୍ଦେଶ୍ୟ ସହିତରେ, ବିନଷ୍ଟ ଅଟନ୍ତି । ଠିକ୍ ।

96 କିଏ ଗର୍ବ କରିପାରେ? କିଏ କିଛି କହିପାରେ? ସେହି ଅପମାନକୁ ଦେଖନ୍ତୁ ଯାହା ପ୍ରେସ୍‌ବିଟେରିଆନ୍ ନେଇ କରି ଆସିଛନ୍ତି । ସେହି ଅପମାନକୁ ଦେଖନ୍ତୁ, ବାପ୍‌ଟିଷ୍ଟମାନେ । ସେହି ଅପମାନକୁ ଦେଖନ୍ତୁ, କ୍ୟାଥୋଲିକ୍ । ସେହି ଅପମାନକୁ ଦେଖନ୍ତୁ, ପେଣ୍ଟିକଷ୍ଟାଲ୍, ନାଜରିନ୍, ପିଲ୍‌ଗ୍ରିମ ହୋଲିନେସ୍ । ଅବଶିଷ୍ଟ ସେମାନଙ୍କୁ ଦେଖନ୍ତୁ ।

ମାତ୍ର, ମୁଁ ଆପଣଙ୍କୁ ଆହ୍ୱାନ କରେ, ଯେ ଆପଣ ତାହା ପ୍ରତି ଅପମାନରେ, ନିଜର ହାତକୁ ଇଙ୍ଗିତ କରନ୍ତୁ । ହଁ । ଗୋଟିଏ ଆଙ୍ଗୁଠି ଦେଖାନ୍ତୁ, ଯେତେବେଳେକି ସର୍ବଶକ୍ତିମାନ୍ ପରମେଶ୍ୱର କହିଥିଲେ, "ଏହା ଆମ୍ଭର ପ୍ରିୟ ପୁତ୍ର, ଯାହାଙ୍କଠାରେ ଆମ୍ଭେ ବାସ କରିବାକୁ ପ୍ରସନ୍ନ । ତାହାଙ୍କର ଶୁଣ ।" ସେ ସେଠାରେ ଅଛନ୍ତି । ତାହା ସେହି ସିଦ୍ଧ ଜଣକା ଅଟନ୍ତି ।

97 ତେବେ, ଆସନ୍ତୁ ବର୍ତ୍ତମାନ ଏହାଠାରୁ ଟିକିଏ ଆଗକୁ ପାଠ କରିବା ।

> *ଛାଗ ଓ…ଗୋବତ୍ସର ରକ୍ତ ନୁହେଁ, ମାତ୍ର ଆପଣାର ରକ୍ତ ଘେନି ଏକାଥରକେ ମହାପବିତ୍ର ସ୍ଥାନରେ ପ୍ରବେଶ କରି, ଅନନ୍ତ ମୁକ୍ତି ସାଧନ କରିଅଛନ୍ତି…*(କଅଣ ଆପଣ ଏହା ବୁଝିଲେ କି?)…*ଆମ ପାଇଁ ଅନନ୍ତ ମୁକ୍ତି ସାଧନ କରିଅଛନ୍ତି ।*

98 ଏହା ପାଇଁ ନୁହେଁ ଯେ ଆଜି ମୁକ୍ତ ହେବେ, ଏବଂ ତାହାପରେ, ପରବର୍ତ୍ତୀ ସପ୍ତାହରେ ଯେତେବେଳେ ଉଦ୍ଦୀପନା ଆରମ୍ଭ ହୁଏ, ପୁନର୍ବାର ମୁକ୍ତ କରାଯିବେ, ଏବଂ ତାହାପରେ, ଓଃ, ଆମେମାନେ ପଶ୍ଚାଦଗମନ କରୁ ଓ ପୁନର୍ବାର ମୁକ୍ତ କରାଯାଉ । ଆପଣ ତ ଥରେ, ଚିରଦିନ ପାଇଁ ମୁକ୍ତ କରାଯାଆନ୍ତି । ତାହା ଠିକ୍ । ଆଉ ଅଧିକ ମୁକ୍ତି, ମୁକ୍ତି, ମୁକ୍ତି ନୁହେଁ । "ଅନନ୍ତକାଳୀନ ମୁକ୍ତି!" "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ ସେ କଦାପି ବିଚାରକୁ ଆସିବ ନାହିଁ, ବରଂ କରିଅଛି," ଅତୀତ କାଳ, "ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।" କାରଣ ସେ କମ୍ପିତ

ହୋଇ ଉଠିଥିଲେ? କାରଣ ସେ ଏକ ନିର୍ଦ୍ଦିଷ୍ଟ ଉପାୟରେ ବାପ୍ତିଜିତ ହୋଇଥିଲେ? କାରଣ ତାଙ୍କ ହାତରେ ରକ୍ତ ବାହାରିଥିଲା? "କାରଣ ସେ ପରମେଶ୍ୱରଙ୍କ ଏକମାତ୍ର ଅଦ୍ୱିତୀୟ ପୁତ୍ର ଉପରେ ବିଶ୍ୱାସ କରିଅଛନ୍ତି ।" ସେହିପରି ଭାବରେ ହିଁ ଆମେମାନେ ଅନନ୍ତ ମୁକ୍ତି ପାଇଥାଉ ।

99 ବର୍ତ୍ତମାନ ଶୁଣନ୍ତୁ ।

> *କାରଣ...ଯଦି ଛାଗ ଓ ବୃଷମାନଙ୍କ ରକ୍ତ, ପୁଣି ଅଶୁଚୀମାନଙ୍କ ଉପରେ* ସେଚନ କରାଯାଇଥିବା ସେହି—ସେହି...ସେଚିତ *ସେହି ଗାଭୀଭସ୍ମ,* ଶରୀରକୁ *ପବିତ୍ର କରେ:*

> *ତେବେ ଯେଉଁ ଖ୍ରୀଷ୍ଟ ଚିରନ୍ତନ ଆତ୍ମାଙ୍କ ଦ୍ୱାରା ଆପଣାକୁ ନିଖୁନ୍ତ ବଳିସ୍ୱରୂପେ ପରମେଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ, ତାହାଙ୍କ ରକ୍ତ କେତେ ଅଧିକ ପରିମାଣରେ, ଜୀବିତ ପରମେଶ୍ୱରଙ୍କ ସେବା କରିବା ନିମନ୍ତେ ମୃତ କର୍ମରୁ ଆମ୍ଭମାନଙ୍କ ବିବେକକୁ ଶୁଦ୍ଧ ନ କରିବ?*

100 "ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।" ତେବେ ସେଥିରେ ଆପଣଙ୍କର କଅଣ ଯାଏ ଆସେ ଯେ ଜଗତ କଅଣ ଭାବୁଅଛି? ଆପଣଙ୍କର ପଡ଼ୋଶୀ କଅଣ ଭାବନ୍ତି ସେଥିରେ ଆପଣଙ୍କର କଅଣ ଫରକ୍ ପଡେ? ଆମର ବିବେକ ତ ମରି ଯାଇଅଛି, ଏବଂ ଆମେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ପୁନର୍ନିର୍ମାଣ କରାଯାଇଅଛୁ ଏବଂ ନୂତନ ଭାବେ ଜନ୍ମ ପାଇଅଛୁ, ଯେ ପ୍ରକୃତ ଏବଂ ଜୀବନ୍ତ ପରମେଶ୍ୱରଙ୍କୁ ସେବା କରୁ । ଆପଣ ସେଠାରେ ଅଛନ୍ତି ।

101 ବର୍ତ୍ତମାନ ପୃଷ୍ଠାର ଠିକ ଆର ପଟରେ, ବରଂ, 10ମ ପର୍ବର, 10ମ ପଦକୁ ଚାଲି ଆସନ୍ତୁ ।

> *...ବ୍ୟବସ୍ଥା ଆଗାମୀ ଉତ୍ତମ ଉତ୍ତମ ବିଷୟର ଛାୟାସ୍ୱରୂପ ହୋଇ, ସେହିସବୁ ବିଷୟର ଅବିକଳ ପ୍ରତିମୂର୍ତ୍ତି ନ ହେବାରୁ, ବର୍ଷକୁ ବର୍ଷ ସର୍ବଦା ସେହି ଏକପ୍ରକାର ବଳି ଉତ୍ସର୍ଗ କରିବା* ଦ୍ୱାରା ଉପାସକମାନଙ୍କୁ *କଦାପି* ସି-ଦ୍ଧ-କ-ରି-ପା-ରେ ନାହିଁ ।

ସି-ଦ୍ଧ, ଏହା ସେଠାରେ ଅଛି, "ସିଦ୍ଧ ।"

> *...ଖ୍ରୀଷ୍ଟଙ୍କ ବିଷୟକ ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି, ସିଦ୍ଧିଲାଭ* କରିବା *ନିମନ୍ତେ ଅଗ୍ରସର ହେଉ;...*

> *ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ...ପିତା ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ ।*

102 "ବ୍ୟବସ୍ଥା ଆଗାମୀ ଉତ୍ତମ ଉତ୍ତମ ବିଷୟର ଛାୟାସ୍ୱରୂପ ହୋଇଥିବା ହେତୁ," ସମସ୍ତ ନିୟମସକଳ ଏବଂ ବାପ୍ତିସ୍ମମାନ ଏବଂ ସେହି...ଅନ୍ୟ ସମସ୍ତ ବିଷୟ ଯାହା ସେମାନଙ୍କର ରହିଥିଲା, "ଉପାସକଙ୍କୁ କଦାପି ସିଦ୍ଧ କରିପାରିବ ନାହିଁ" ଏବଂ, ତଥାପି, ପରମେଶ୍ୱର "ସିଦ୍ଧ" ଆବଶ୍ୟକ କରନ୍ତି ।

103 ଆପଣ ନାଜରିନ ମଣ୍ଡଳୀରେ ଯୋଗ ଦିଅନ୍ତୁ, ତାହା ଆପଣଙ୍କୁ କେବେବି ସିଦ୍ଧ କରିବ ନାହିଁ । ଆପଣ ବାପ୍‌ଟିଷ୍ଟ ମଣ୍ଡଳୀ, ପେଣ୍ଟିକଷ୍ଟାଲରେ ଯୋଗ ଦିଅନ୍ତୁ, ଏହା ଯାହାକିଛି ବି ଅଟେ, ଏହା ଆପଣଙ୍କୁ କଦାପି ସିଦ୍ଧ କରିବ ନାହିଁ । ଆପଣ ଜଣେ ଭଲ, ବିଶ୍ୱସ୍ତ ବ୍ୟକ୍ତି ହୋଇଥିବା ହେତୁ, ତାହା ଆପଣଙ୍କୁ କଦାପି ସିଦ୍ଧ କରିବ ନାହିଁ । ଆପଣ ଗୋଟିଏ ବି ବିଷୟ ଯୋଗ୍ୟତା ହେତୁ ହାସିଲ୍ କରିପାରନ୍ତି ନାହିଁ । ଯୋଗ୍ୟତା ଦ୍ୱାରା ହାସିଲ୍ କରିବା ଭଳି, ଆପଣଙ୍କଠାରେ ସେହିପରି କିଛି ହେଲେ ବିଷୟ ନାହିଁ । ଆପଣ ବିନଷ୍ଟ ଅଟନ୍ତି । ଆପଣ କୁହନ୍ତି, "ତେବେ, ମୁଁ ବ୍ୟବସ୍ଥା ପାଳନ କରେ । ମୁଁ ବିଶ୍ରାମବାର ପାଳନ କରେ । ମୁଁ *ଏହା* ପାଳନ କରେ, ପରମେଶ୍ୱରଙ୍କ ସମସ୍ତ ନିୟମ ପାଳନ କରେ । ମୁଁ *ଏହା* କରେ ।"

104 ପାଉଲ କହିଲେ, "ଆସୁ ତେବେ ସେହି ସମସ୍ତ ବିଷୟ ସବୁକୁ ପୃଥକ କରିବା ।"

105 "ତାହା ଠିକ ଅଟେ, ମାତ୍ର ଆମେମାନେ *ଏହା* କରିବା । ଆମେମାନେ ଲୋକମାନଙ୍କୁ ବାପ୍ତିଜିତ କରିବା, ଏବଂ ଆମେ ସେମାନଙ୍କର ଆରୋଗ୍ୟତା ଏବଂ ପ୍ରଭୃତି ସବୁ ବିଷୟ ପାଇଁ ସେମାନଙ୍କ ଉପରେ ହସ୍ତାର୍ପଣ କରିବା ।"

106 ଆମେ ଏହାକୁ, ପଦ ପରେ ପଦ, ସେହି ଜିନିଷଗୁଡ଼ିକ ମଧ୍ୟରୁ ପ୍ରତ୍ୟେକକୁ ନେଇପାରିବା । ବାପ୍ତିସ୍ମ, ଆମେ ଏହାକୁ ବିଶ୍ୱାସ କରୁ । "ସେଠାରେ ଗୋଟିଏ ଆଶା, ଗୋଟିଏ ପ୍ରଭୁ, ଗୋଟିଏ ବିଶ୍ୱାସ, ଗୋଟିଏ ବାପ୍ତିସ୍ମ ଅଛି ।" ଆମେମାନେ ବିଶ୍ୱାସ କରୁ ଯେ ସେଠାରେ ଏକ ବାପ୍ତିସ୍ମ ଅଛି । ଆମେମାନେ ମୃତମାନଙ୍କର ପୁନରୁତ୍ଥାନରେ ବିଶ୍ୱାସ କରୁ । ଅବିକଳ ଭାବେ । ଆମେମାନେ ବିଶ୍ୱାସ କରୁ ଯେ ଯୀଶୁ ମରିଥିଲେ ଏବଂ ପୁନରୁତ୍ଥିତ ହୋଇଥିଲେ । ଆମେ ତାହା ବିଶ୍ୱାସ କରୁ । "ରୋଗୀମାନଙ୍କ ପାଇଁ, ହସ୍ତାର୍ପଣ କରିବା," ତାହା ହିଁ ଅଟେ ଯାହାକି ଏହା କୁହେ । "ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ । ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ ।" ଆମେ ତାହା ବିଶ୍ୱାସ କରୁ ।

ମାତ୍ର ତାହା କଅଣ ଅଟେ? ପାଉଲ କହିଲେ, "ଏହା ସବୁ ମୃତ କର୍ମ ଅଟେ ।" ଏହା ଏପରି କିଛି ଅଟେ ଯାହା ଆପଣ କରନ୍ତି ।

107 "ତେବେ ଆସନ୍ତୁ ଆମେ ସିଦ୍ଧିଲାଭ ଆଡ଼କୁ ଅଗ୍ରସର ହେଉ ।" ଓଃ, ମୋର ପ୍ରଭୁ! ଆମେମାନେ ଆରାଧନାଳୟକୁ ଆସୁଅଛୁ, ଭିତ୍ତିମୂଳକୁ ନୁହେଁ; ସେହି ଆରାଧନାଳୟକୁ, ଆପେ ସେହି ତମ୍ବୁ ନିକଟକୁ ଆସୁଅଛୁ । ତାହା ସେହି ଭିତ୍ତିମୂଳ ଅଟେ: ସେହି ବ୍ୟବସ୍ଥା, ଏବଂ ସେହି ଧାର୍ମିକତା, ଏବଂ—ଏବଂ—ଏବଂ—ଏବଂ ମଣ୍ଡଳୀରେ ଯୋଗଦେବା, ଏବଂ ବାପ୍ତିଜିତ ହେବା, ଏବଂ—ଏବଂ ହାତ ରଖିବା । ସେଗୁଡ଼ିକ ହେଉଛି ମଣ୍ଡଳୀର ସମସ୍ତ ବିଧିସକଳ ।

"ମାତ୍ର ବର୍ତ୍ତମାନ ଆସୁ ଆମେ ସିଦ୍ଧିଲାଭ ଆଡ଼କୁ ଅଗ୍ରସର ହେଉ ।" ଏବଂ ସେଠାରେ କେବଳ ଜଣେ ଅଛନ୍ତି ଯିଏକିକି ସିଦ୍ଧିଲାଭ କରିଅଛନ୍ତି, ତାହା ହେଉଛନ୍ତି ଯୀଶୁ ।

108 ଆମେ ତାହାଙ୍କ ଭିତରକୁ କିପରି ପ୍ରବେଶ କରିବା? "ମେଥୋଡିଷ୍ଟଙ୍କ ମାଧ୍ୟମରେ କି?" ନା। "ପେଣ୍ଟିକଷ୍ଟାଲ୍?" ନା। "ବାପ୍ଟିଷ୍ଟ?" ନା। "କୌଣସି ମଣ୍ଡଳୀ ମାଧ୍ୟମରେ କି?" ନା। "ରୋମାନ୍ କ୍ୟାଥୋଲିକ୍?" ନା।

109 ଆମେମାନେ ଏହା ଭିତରକୁ କିପରି ପ୍ରବେଶ କରିବା? ରୋମୀୟ ୫:1।

> *ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ...ଯେଉଁମାନେ* ଏହି ଜଗତର *ଭାବାନୁସାରେ ଆଚରଣ* କରନ୍ତି ନାହିଁ, *ଶାରୀରିକ ଭାବାନୁସାରେ ଆଚରଣ ନ କରି, ଆତ୍ମିକ* ଭାବାନୁସାରେ ଆଚରଣ *କରିଥାଆନ୍ତି,* ଯେଉଁମାନେକି ସେହି ବିଷୟଗୁଡ଼ିକ ପ୍ରତି ମନୋଯୋଗ କରନ୍ତି ନାହିଁ ଯାହା ଜଗତକୁ କହିବାକୁ ଥାଏ।

110 ଏପରିକି ଯଦି ଆପଣ ଅସୁସ୍ଥ ଅଛନ୍ତି, ଏବଂ ଡାକ୍ତର କୁହନ୍ତି, "ତୁମେ ମରିବାକୁ ଯାଉଅଛ," ଆପଣ ତାହା ପ୍ରତି ଧ୍ୟାନ ଦିଅନ୍ତି ନାହିଁ, ତାହା ଆପଣଙ୍କୁ ଟିକେ ହେଲେ ବି ବ୍ୟତିବ୍ୟସ୍ତ କରେ ନାହିଁ।

111 ଯଦି ସେମାନେ ଆପଣଙ୍କୁ କୁହନ୍ତି, "ଆପଣଙ୍କୁ ଉଦ୍ଧାର ପାଇବା ପୂର୍ବରୁ ଜଣେ କ୍ୟାଥୋଲିକ୍ ହେବାକୁ ଅଛି, କିମ୍ବା ଜଣେ ପ୍ରେସବିଟେରିଆନ୍, କିମ୍ବା *ଏହା* କରିବାକୁ ଅଛି," ଆପଣ ଏଥିପ୍ରତି କୌଣସି ଧ୍ୟାନ ଦିଅନ୍ତି ନାହିଁ।

"ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ, ଯେଉଁମାନେ ଶାରୀରିକ ଭାବାନୁସାରେ, ଯେଉଁ ବିଷୟେ ସବୁ ସେମାନେ ଦେଖନ୍ତି ତଦନୁସାରେ ଆଚରଣ କରନ୍ତି ନାହିଁ।" ସମସ୍ତକିଛି ବିଷୟ ଯାହା ଆପଣ ନିଜ ଆଖିରେ ଦେଖନ୍ତି ତାହା ପାର୍ଥିବ ଅଟେ।

112 ମାତ୍ର ଏହା ତ ସେହି ବିଷୟମାନ ଅଟେ ଯାହାକି ଆପଣ ନିଜର ଆତ୍ମାରେ, ବାକ୍ୟ ମାଧ୍ୟମରେ ଦେଖନ୍ତି! ବାକ୍ୟ ହେଉଛି ପରମେଶ୍ୱରଙ୍କର ସେହି ଦେଖିବାର ଦର୍ପଣ ଯାହାକି ଏହି ବିଷୟକୁ ପ୍ରତିଫଳିତ କରେ ଯେ ସେ କଅଣ ଅଟନ୍ତି ଏବଂ ଆପଣ କଅଣ ଅଟନ୍ତି। ହାଲ୍ଲେଲୁୟା! ଓଃ, ମୋର ପ୍ରଭୁ! ଏହା ଆପଣଙ୍କୁ କହିଥାଏ। ଜଗତରେ ଏହା ହେଉଛି ଏକମାତ୍ର ପୁସ୍ତକ ଯାହା ଆପଣଙ୍କୁ କହିଥାଏ ଯେ ଆପଣ କେଉଁଠାରୁ ଆସିଛନ୍ତି, ଆପଣ କିଏ, ଏବଂ ଆପଣ କେଉଁଠାକୁ ଯାଉଛନ୍ତି। ମୋତେ ସାହିତ୍ୟିକ ରଚନାର ଯେକୌଣସି ପୃଷ୍ଠା, ଯେକୌଣସି ସ୍ଥାନରେ ବି, ସମସ୍ତ ବିଜ୍ଞାନ କିମ୍ବା ଅନ୍ୟ ଯେକୌଣସି ବିଷୟ ସହିତରେ ଥିବାର ଦେଖାନ୍ତୁ, ପ୍ରତ୍ୟେକ ଉତ୍ତମ ପୁସ୍ତକ ଯାହାକି ଲେଖା ହୋଇଅଛି ଦେଖାନ୍ତୁ, ଏହା ମଧ୍ୟରୁ କୌଣସି ଟି ହେଲେ ଆପଣଙ୍କୁ ତାହା ବିଷୟରେ କିଛି କହିପାରିବେ ନାହିଁ। *ଏହା* ହେଉଛି ପରମେଶ୍ୱରଙ୍କର ଦେଖିବାର ଦର୍ପଣ, ଯାହାକି ଏହା ଦର୍ଶାଏ ଯେ ସେ କଅଣ ଏବଂ ଆପଣ କଅଣ ଅଟନ୍ତି। ତାହାପରେ, ଏହା ମଝିରେ ସେଠାରେ ସେହି ରକ୍ତ-ରେଖା ଅଛି, ଯାହାକି ଏହା

ଦର୍ଶାଏ ଯେ ଆପଣ କଅଣ ହୋଇପାରନ୍ତି ଯଦି ଆପଣ ପସନ୍ଦ କରିବାକୁ ଚାହାଁନ୍ତି। ଆପଣ ସେଠାରେ ଅଛନ୍ତି।

113 "ଗୋଟିଏ ଆତ୍ମା ଦ୍ୱାରା," ତେବେ, ପ୍ରଥମ କରିନ୍ଥୀୟ 12। ଆମେମାନେ ସେହି ଶରୀର ମଧ୍ୟକୁ କିପରି ପ୍ରବେଶ କରିବା?

"ହାତ ମିଶାଇବା ଦ୍ୱାରା?" ନା, ଆଜ୍ଞା। "ମଣ୍ଡଳୀରେ ଯୋଗ ଦେବା ଦ୍ୱାରା?" ନା, ମହାଶୟ। "ପଛକୁ, ଆଗକୁ ବାପ୍ତିଜିତ ହୋଇ? ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ? ଯୀଶୁ ଖ୍ରୀଷ୍ଟଙ୍କ ନାମରେ? ଶାରୋଣର ଗୋଲାପ, ଉପତ୍ୟକାର ଶୋଷନ ପୁଷ୍ପ, ପ୍ରଭାତି ତାରା? ଆଉ କିଛି ଯାହା ଆପଣ ଚାହାଁନ୍ତି?"

ଏହାର ତାହା ସହିତ କିଛି ହେଲେ ସମ୍ବନ୍ଧ ନାହିଁ। "ପରମେଶ୍ୱରଙ୍କ ପ୍ରତି ଏକ ଉତ୍ତମ ବିବେକର ଉତ୍ତର କେବଳ।" ଏବଂ ତଥାପି ଆମେମାନେ କଳି ଝଗଡା, ଏବଂ ଚିନ୍ତା, ଏବଂ ଯୁକ୍ତିତର୍କ, ଏବଂ ବିଭାଜନ କରିଥାଉ, ଏବଂ ପାର୍ଥକ୍ୟ କରିଥାଉ। ତାହା ଠିକ୍। "ମାତ୍ର ସେଗୁଡ଼ିକ ସବୁ ମୃତ କର୍ମ ଅଟେ।" ଆମେମାନେ ତ ସିଦ୍ଧତା ଆଡ଼କୁ ଅଗ୍ରସର ହେଉଅଛୁ।

114 ତାହାହିଁ ସେହି କାର୍ଯ୍ୟଗୁଡିକ ଅଟେ ଯାହା ମୁଁ କରିଥିଲି। ଜଣେ ସେବକ ଆପଣଙ୍କୁ ବାପ୍ତିସ୍ମ ଦେଲେ। ସେ ଆପଣଙ୍କୁ ଆଗକୁ, ପଛକୁ, କିମ୍ବା ତିନିଥର, ଚାରିଥର, କିମ୍ବା ଥରେ କରି ବାପ୍ତିଜିତ କଲେ, କିଅବା ସେ ଏହାକୁ କିପରି ଭାବରେ କଲେ, ତାହାର ଏହା ସହିତ କିଛି ହେଲେ ସମ୍ବନ୍ଧ ନାହିଁ। ଆପଣ ତ ଯେକୌଣସି ପ୍ରକାରେ ବି, ସେହି ମଣ୍ଡଳୀର ସହଭାଗୀତା ମଧ୍ୟରେ କେବଳ ବାପ୍ତିଜିତ ହୋଇଅଛନ୍ତି, ଏବଂ ସେହି ମଣ୍ଡଳୀକୁ ଏହା ପ୍ରମାଣ କରୁଅଛନ୍ତି: ଯେ ଆପଣ ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି, ଏବଂ ପୁନରୁତ୍ଥାନରେ ବିଶ୍ୱାସ କରନ୍ତି। ରୋଗୀଙ୍କୁ ସୁସ୍ଥ କରିବା ପାଇଁ ହାତ ରଖିବାରେ ବିଶ୍ୱାସ କରନ୍ତି, ଏହା ଅଦ୍ଭୁତ ଅଟେ, ମାତ୍ର, ଏହା ସବୁ ସ୍ୱାଭାବିକ ଅଟେ, ଏବଂ ସେହି ଶରୀର ସୁନିଶ୍ଚିତ ଭାବରେ ପୁନର୍ବାର ମରିଯିବ ଯେତିକି ସୁନିଶ୍ଚିତ ଆପଣ ଜୀବିତ ଅଛନ୍ତି। ଏହା ପୁଣି ଥରେ ମରିଯିବ। "ତେବେ ଆସୁ ଆମେମାନେ ସେହି ବିଷୟ ସବୁକୁ ପୃଥକ କରି, ସିଦ୍ଧତା ଆଡ଼କୁ ଅଗ୍ରସର ହେଉ।"

115 ଆମେମାନେ କିପରି ସିଦ୍ଧତାକୁ ପହଞ୍ଚିବା? ତାହାହିଁ ଅଟେ ଯାହାକି ଆମେମାନେ ଜାଣିବାକୁ ଚାହୁଁ।

…ଖ୍ରୀଷ୍ଟ *ସିଦ୍ଧ କରିଅଛନ୍ତି…*

"ପରମେଶ୍ୱର ଆମ ସମସ୍ତଙ୍କର ଅଧର୍ମକୁ ତାହାଙ୍କ ଉପରେ ଥୋଇ ଦେଲେ। ସେ ଆମମାନଙ୍କ ଅଧାର୍ମିକତା ପାଇଁ ଘାତ ହୋଇଥିଲେ, ଆମମାନଙ୍କ ଅଧର୍ମ ପାଇଁ କ୍ଷତବିକ୍ଷତ ହୋଇଥିଲେ, ଆମମାନଙ୍କ ଶାନ୍ତିର ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା, ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ।" ତାହା ସେହି ଶରୀର ହିଁ ଅଟେ ଯାହା ମଧ୍ୟକୁ ଆମେମାନେ ପ୍ରବେଶ କରିବାକୁ ଚାହୁଁ। ତାହାହିଁ ସେହି ଶରୀର ଅଟେ। କାହିଁକି? ଯଦି ଆପଣ ସେହି ଶରୀରରେ ଅଛନ୍ତି, ତାହାହେଲେ ଆପଣ କଦାପି ବିଚାର ଦେଖିବେ ନାହିଁ, ଆପଣ କଦାପି

ମୃତ୍ୟୁକୁ ଆସ୍ୱାଦନ କରିବେ ନାହିଁ। ଆପଣ ସମସ୍ତ ମୃତ୍ୟୁ, ବିଚାର, ପାପ, ଏବଂ ଅନ୍ୟ ସମସ୍ତ କିଛି ବିଷୟରୁ ମୁକ୍ତ ଥାଆନ୍ତି, ଯେତେବେଳେ ଆପଣ ସେହି ଶରୀରରେ ଥାଆନ୍ତି।

116 "ହେ ପ୍ରଚାରକ, ଆପଣ ଏଥି ଭିତରକୁ କିପରି ପ୍ରବେଶ କରିବେ? ଏହି ଆରାଧନାଳୟରେ ଯୋଗ ଦେବା ଦ୍ୱାରା?" ଆପଣ ତଥାପି, ବିନଷ୍ଟ ଅଟନ୍ତି। କୌଣସି ପ୍ରକାରେ ବି, ଯୋଗଦାନ କରିପାରିବେ ନାହିଁ; ଆମ ପାଖରେ କୌଣସି ପୁସ୍ତକ ନାହିଁ। "ଆମେମାନେ ଏଥି ଭିତରକୁ କିପରି ପ୍ରବେଶ କରିବା? କୌଣସି ମଣ୍ଡଳୀରେ ଯୋଗ କରିବା ଦ୍ୱାରା?" ନା, ମହାଶୟ। "ଆପଣ ଏଥି ଭିତରକୁ କିପରି ପ୍ରବେଶ କରିବେ?" ଆପଣ ଏଥିରେ ଜନ୍ମଗ୍ରହଣ କରନ୍ତି।

117 ପ୍ରଥମ କରିନ୍ଥୀୟ 12।

> *କାରଣ ଆମେ ସମସ୍ତେ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ,...*

118 ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ଦ୍ୱାରା, ଆମେମାନେ ସେହି ଶରୀରରେ ବାପ୍ତିଜିତ ହୋଇଅଛୁ, ଏବଂ ପାପରୁ ମୁକ୍ତ ହୋଇଅଛୁ। ପରମେଶ୍ୱର ଆଉ ଅଧିକ ଆପଣଙ୍କୁ ଦେଖନ୍ତି ନାହିଁ; ସେ କେବଳ ଖ୍ରୀଷ୍ଟଙ୍କୁ ଦେଖନ୍ତି। ଏବଂ ଯେତେବେଳେ ଆପଣ ସେହି ଶରୀରରେ ଥାଆନ୍ତି, ପରମେଶ୍ୱର ସେହି ଶରୀରକୁ ବିଚାର କରିପାରନ୍ତି ନାହିଁ। ସେ ତ ଏହାକୁ ପୂର୍ବରୁ ବିଚାର କରିସାରିଛନ୍ତି। ସେ ଆମର ବିଚାରକୁ ନେଇ ନେଲେ ଏବଂ ଆମକୁ ଭିତରକୁ ପ୍ରବେଶ କରିବା ହେତୁ ଆମନ୍ତ୍ରିତ କଲେ। ଏବଂ ବିଶ୍ୱାସ ଦ୍ୱାରା, ଅନୁଗ୍ରହ ଜରିଆରେ, ଆମେ ଯାଉ ଏବଂ ଆମର କ୍ଷମାକୁ ଗ୍ରହଣ କରୁ। ଏବଂ ପବିତ୍ରଆତ୍ମା ଆମକୁ ତାହାଙ୍କ ସହିତ ଏହି ସହଭାଗିତା ମଧ୍ୟକୁ ନେଇକରି ଆସନ୍ତି। "ଏବଂ ଆମେମାନେ ଜଗତର ବିଷୟଗୁଡ଼ିକ ଅନୁସାରେ ଆଉ ଆଚରଣ ନ କରି, ବରଂ ଆମେମାନେ ଆତ୍ମାର ଭାବାନୁସାରେ ଆଚରଣ କରୁ।"

ସଂଜୀବିତ ହୋଇଥାଇ, ସେହି ବାକ୍ୟ ଆମ ପାଖକୁ ଆସିଲା। ସେ ମୋ ବଦଳରେ ମୃତ୍ୟୁବରଣ କଲେ। ମୁଁ ଜୀବିତ କରାଗଲି। ଏଠାରେ ମୁଁ ଅଛି, ଯିଏକି ଏକଦା ପାପ ଓ ଅପରାଧରେ ମରି ଯାଇଥିଲି, ଜୀବିତ କରାଗଲି। ମୋର ସମସ୍ତ ଇଚ୍ଛା ତାହାଙ୍କର ସେବା କରିବା ଅଟେ। ମୋର ସମସ୍ତ ପ୍ରେମ ତାହାଙ୍କ ପ୍ରତି ଅଟେ। ମୋର ସମସ୍ତ ଯାତ୍ରା ତାହାଙ୍କ ନାମରେ ହେଉ ବୋଲି ଚାହେଁ, ଯେ ମୁଁ ଯେଉଁଆଡେ ବି ଯାଏ, ମୁଁ ଯାହାକିଛି ବି କରେ, ମୁଁ ତାହାଙ୍କୁ ଗୌରବାନ୍ୱିତ କରେ। ଯଦି ମୁଁ ଶିକାର କରୁଥାଏ, ଯଦି ମୁଁ ମାଛ ଧରୁଥାଏ, ଯଦି ମୁଁ ବଲ୍ ଖେଳୁଥାଏ, ଯଦି—ଯଦି ମୁଁ...ମୁଁ ଯାହାକିଛି ବି କରୁଥାଏ, ମୁଁ ନିଶ୍ଚିତ ଭାବରେ ଏପରି ଚାହେଁ, "ଖ୍ରୀଷ୍ଟ ମୋ ଭିତରେ ଥାଆନ୍ତୁ," ପରି ଜୀବନ ଥାଉ, ଯାହାକି ଲୋକମାନଙ୍କୁ ସେହିଭଳି ହେବା ପାଇଁ ଆଗ୍ରହୀ କରିବ; ନିଜର ମଣ୍ଡଳୀଗୁଡ଼ିକ ବିଷୟରେ କଳି ଝଗଡା, ନିନ୍ଦା କରିବା, ଏବଂ ବାଜେ ଗପ କରିବା ପରି ନୁହେଁ। କଅଣ ଆପଣ ଏହା ବୁଝିଲେ କି?

"ଗୋଟିଏ ଆତ୍ମା ଦ୍ଵାରା ଆମେ ସେହି ଶରୀରରେ ବାପ୍ତିଜିତ ହୋଇଅଛୁ।" "ଏବଂ ଯେତେବେଳେ ମୁଁ ରକ୍ତ ଦେଖେ, ମୁଁ ତୁମ ଛାଡ଼ି ଆଗକୁ ଚାଲିଯିବି।"

119 ଶୁଣନ୍ତୁ। ଆସନ୍ତୁ, ଦୟାକରି ଏଠାରେ ଟିକିଏ ଆଗକୁ ପାଠ କରିବା।

…*ଯାହାକି ସେହି ଉପାସକଙ୍କୁ* କଦାପି ସିଦ୍ଧ କରିପାରିବ *ନାହିଁ।*

"କାରଣ…" 2ୟ ପଦ, ସେହି 10ମ ପର୍ବ।

*ଯଦି ପାରିଥାଆନ୍ତେ ତେବେ* ସେହିସବୁ ବଳିର *ଉତ୍ସର୍ଗ କଅଣ ନିବୃତ୍ତ ହୋଇ ନ ଥାଆନ୍ତା?*

120 ଯଦି ତାହା ସେହି ବ୍ୟକ୍ତିଙ୍କୁ ସିଦ୍ଧ କରିପାରିବ…ଏବଂ ପରମେଶ୍ଵର ସିଦ୍ଧତା ପ୍ରୟୋଜନ କରନ୍ତି। ଯଦି ବ୍ୟବସ୍ଥା ପାଳନ କରିବା ଦ୍ଵାରା, ଯଦି ସମସ୍ତ ଆଜ୍ଞାଗୁଡିକୁ କାର୍ଯ୍ୟକାରୀ କରିବା ଦ୍ଵାରା, ତାହା ଆପଣଙ୍କୁ ସିଦ୍ଧ କରିଦେବ, ତାହାହେଲେ ସେଠାରେ ଆଉ—ସେଠାରେ ଆଉ ଅନ୍ୟ କୌଣସି ବିଷୟ ରହିବାର ପ୍ରୟୋଜନ ନାହିଁ; ଆପଣ ତ ପୂର୍ବରୁ ସିଦ୍ଧ କରା ଯାଇସାରିଛନ୍ତି। କାରଣ, ଯେତେବେଳେ ଆପଣ ସିଦ୍ଧ ଅଟନ୍ତି, ଆପଣ ଅନନ୍ତ ଥାଆନ୍ତି। କାରଣ, ପରମେଶ୍ଵର ହିଁ ଏକମାତ୍ର ଅନନ୍ତ ଅଟନ୍ତି, ଏବଂ ପରମେଶ୍ଵର ହିଁ ଏକମାତ୍ର ସିଦ୍ଧ ଅଟନ୍ତି। ଏବଂ କେବଳ ଏକମାତ୍ର ଉପାୟ ଯେ ଆପଣ ଅନନ୍ତ ହୋଇପାରନ୍ତି, ତାହା ହେଉଛି ପରମେଶ୍ଵରଙ୍କ ଅଂଶ ହୋଇଯିବା। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

…*ଥରେ ଶୁଚୀକୃତ ହୋଇ*…*ବିବେକରେ ଆଉ* ପାପର *ବୋଧ ନ ପାଇ*।

କଅଣ? "ଉପାସକ ଥରେ ଶୁଚୀକୃତ ହୋଇ, ଆଉ ବିବେକରେ ବୋଧ ରହେ ନାହିଁ…" ଯଦି ଆପଣ ଏହାର ଅନୁବାଦ ଲେଖିବେ, ତାହା ହେଉଛି "ଇଚ୍ଛା।"

…*ସେହି* ଉପାସକ *ଥରେ ଶୁଚୀକୃତ ହୋଇ*…ଆଉ *ପାପର* ଇଚ୍ଛା *ରୁହେ* ନାହିଁ *।*

…*ଯଦି ସେହି* ଉପାସକ *ଥରେ ଶୁଚୀକୃତ ହୋଇ*…

121 ଆପଣ ବର୍ତ୍ତମାନ ଉପରକୁ ଯାଇ କୁହନ୍ତି, "ଓଃ, ହାଲ୍ଲେଲୁୟା, ମୁଁ ଗତ ରାତିରେ ଉଦ୍ଧାର କରାଗଲି। ମାତ୍ର, ତେବେ, ପରମେଶ୍ଵର ଧନ୍ୟ ହେଉନ୍ତୁ, ସେହି *ସ୍ତ୍ରୀ* ମୋତେ ପଶ୍ଚାଦଗମନ କରାଇଥିଲା। ହାଲ୍ଲେଲୁୟା, କୌଣସି ଦିନେ ମୁଁ ପୁନର୍ବାର ଉଦ୍ଧାର କରାଯିବି।" ଆପଣ ବେଚାରା ଅପ୍ରଶିକ୍ଷିତ ବୁଦ୍ଧିହୀନ। ତାହା ସେହିପରି ନୁହେଁ।

122 "ସେହି ଉପାସକ ଥରେ ଶୁଦ୍ଧ ହୋଇଥିବା ପରେ ତାଙ୍କଠାରେ ପାପର ଆଉ କୌଣସି ବିବେକ ରହେ ନାହିଁ," ବାଇବଲ କୁହେ। ଶୁଣନ୍ତୁ, ଯେତେବେଳେକି ଆମେ ଏହାକୁ ପାଠ କରୁ, ମାତ୍ର ଗୋଟିଏ ମିନିଟ୍।

*କିନ୍ତୁ ସେହି ବଳିରେ*…ଯେପରିକି ବର୍ଷକୁ ବର୍ଷ ପାପ ସ୍ମରଣ କରାଯାଏ।

123 ବର୍ତ୍ତମାନ ଆମେ ତଳକୁ ଯିବାକୁ ଯାଉଅଛୁ, ପ୍ରାୟଃ ୫ମ ପଦକୁ ନେବାକୁ ଯାଉଅଛୁ, ଯେପରିକି ସମୟ ରକ୍ଷା କରାଯାଏ, ଏବଂ ମୋତେ ଯେଉଁଠାରେ ପହଞ୍ଚିବାକୁ ଅଛି ସେଠାରେ ପହଞ୍ଚେ।

> ଉପରେ *ସେ କହନ୍ତି, ବଳିଦାନ ଓ ନୈବେଦ୍ୟ ଏବଂ ହୋମ-ବଳି…ପାପାର୍ଥକ ବଳି ତୁମ୍ଭେ ଲୋଡିଲ ନାହିଁ, କିମ୍ଵା ତହିଁରେ ତୁମର ସନ୍ତୋଷ ନ ଥିଲା; ଯାହାସବୁ ବ୍ୟବସ୍ଥା ଅନୁସାରେ ଉତ୍ସର୍ଗ କରାଯାଏ;*

124 ୭ମ ପଦ।

> *ତତ୍ପରେ ସେ କହନ୍ତି, ଦେଖ, ହେ ପରମେଶ୍ୱର, ତୁମ୍ଭର ଇଚ୍ଛା ସାଧନ କରିବାକୁ ମୁଁ ଆସିଅଛି। ସେ ଲୋପ କରନ୍ତି…*ଲୋପ…*ଦ୍ୱିତୀୟଟି ସ୍ଥାପନ କରିବା ନିମନ୍ତେ ସେ ପ୍ରଥମଟିକୁ,* ସେହି ବ୍ୟବସ୍ଥାକୁ, *ଲୋପ କରନ୍ତି।*

125 ମୋର ଇଚ୍ଛା ଯେ କାଳେ ଆମ ପାଖରେ ତାହା ଉପରେ ରହିବା ପାଇଁ ସମୟ ଥାଆନ୍ତା। ଯେପର୍ଯ୍ୟନ୍ତ ଆପଣ ଜଣେ ପ୍ରେସ୍‌ବିଟେଟେରିଆନ୍, କିମ୍ଵା ଜଣେ ପେଣ୍ଟିକଷ୍ଟାଲ୍, କିମ୍ଵା ବାପ୍ଟିଷ୍ଟ, କିମ୍ଵା ମେଥୋଡିଷ୍ଟ ଥାଆନ୍ତି, ସେପର୍ଯ୍ୟନ୍ତ ସେ ଆପଣଙ୍କ ସହିତ କଦାପି କିଛି କରିପାରନ୍ତି ନାହିଁ। ତାହାଙ୍କୁ ପ୍ରଥମେ, ସେହିସବୁ ବିଷୟକୁ ନେଇଯିବାକୁ ଅଛି, ଦେଖନ୍ତୁ, ଯେପରିକି ସେ ଦ୍ୱିତୀୟକୁ ପ୍ରତିଷ୍ଠା କରିପାରନ୍ତି। ଯେପର୍ଯ୍ୟନ୍ତ ଆପଣ କହୁଥାଆନ୍ତି, "ତେବେ, ମୁଁ ତ ଜଣେ ମେଥୋଡିଷ୍ଟ ଅଟେ।" ଆହା, ମେଥୋଡିଷ୍ଟ, ବା ବାପ୍ଟିଷ୍ଟ, କିମ୍ଵା ପେଣ୍ଟିକଷ୍ଟାଲ ବିରୁଦ୍ଧରେ କିଛି ନୁହେଁ। ମାତ୍ର, ଭାଇ, ତାହା ନାହିଁ—ତାହା ଏହାକୁ ବନାନ କରେ ନାହିଁ। ଆପଣଙ୍କୁ ତ ସିଦ୍ଧତା ଆଡ଼କୁ ଅଗ୍ରସର ହେବାକୁ ଅଛି, ତାହା ହେଉଛି ଖ୍ରୀଷ୍ଟଙ୍କ ଆଡକୁ।

126 ବର୍ତ୍ତମାନ ଏହାକୁ, ଗୋଟିଏ ମିନିଟ୍ ଦେଖନ୍ତୁ।

> *ଯୀଶୁ ଖ୍ରୀଷ୍ଟଙ୍କ ଶରୀର ଏକାଥରକେ ଉତ୍ସର୍ଗୀକୃତ ହେବା ଦ୍ୱାରା…ସେହି ଇଚ୍ଛା ହେତୁ ଆମ୍ଭେମାନେ ପବିତ୍ରୀକୃତ ହୋଇଅଛୁ।*

127 ହୁଁଃ? ଆସନ୍ତୁ ଆମେମାନେ କେବଳ ଏହାକୁ ଟିକିଏ ଆଗକୁ ପାଠ କରିବା, ଏବଂ ଏହାକୁ ଧରି ରଖିବା। ତେବେ ଯେତେବେଳେ ଆମେମାନେ ଏହାକୁ ପାଠ କରୁଅଛୁ ଏହା ନିମଜ୍ଜିତ ହୋଇଯାଉ, "ଏକାଥରକେ।"

> *ଆହୁରି ମଧ୍ୟ ପ୍ରତ୍ୟେକ ଯାଜକ ପ୍ରତିଦିନ ସେବା କରିବା ପାଇଁ ଓ ଥରକୁଥର ସେହି ଏକପ୍ରକାର ବଳି ଉତ୍ସର୍ଗ କରିବା ପାଇଁ* ଠିଆ *ହୋଇଥାଆନ୍ତି, ଏହିସବୁ କେବେ* ପାପ *ହରଣ କରିପାରେ ନାହିଁ:*
>
> *ମାତ୍ର ଏହି ବ୍ୟକ୍ତି,…*

କଅଣ ଆପଣ ପ୍ରସ୍ତୁତ ଅଟନ୍ତି କି? କଅଣ ଆପଣ ବର୍ତ୍ତମାନ ନିଜର ପୋଷାକ ଖୋଲା ରଖିଛନ୍ତି କି, ଯେପରିକି ଏହା ଅନ୍ୟତ୍ର ନ ଯାଇ, ସୀଧାସଳଖ ହୃଦୟକୁ ଯିବ? "କିନ୍ତୁ ଏହି

ବ୍ୟକ୍ତି।" କଅଣ ବ୍ୟକ୍ତି? ରୋମ୍‌ର ପୋପ୍ ନୁହଁନ୍ତି, ମେଥୋଡିଷ୍ଟ ମଣ୍ଡଳୀର. କିମ୍ବା ଅନ୍ୟ କୌଣସି ମଣ୍ଡଳୀର ବିଶପ୍ ନୁହଁନ୍ତି।

*ମାତ୍ର ଏହି ବ୍ୟକ୍ତି, ଖ୍ରୀଷ୍ଟ, ସେ ପାପ ନିମନ୍ତେ କେବଳ ଏକ ବଳି ଉତ୍ସର୍ଗ କଲା ଉତ୍ତାରେ, ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଚିରକାଳ ପାଇଁ ଉପବେଶନ କଲେ;*

*ସେହି ଦିନାବଧି ତାହାଙ୍କର ଶତ୍ରୁମାନେ ତାହାଙ୍କ ପାଦପୀଠ କରାଯାଇ ନ ଥିବା ପର୍ଯ୍ୟନ୍ତ ସେ ଅପେକ୍ଷା କରୁଅଛନ୍ତି।*

ଦେଖନ୍ତୁ। ଏଠାରେ ସେ ଆସନ୍ତି।

*କାରଣ କେବଳ ଏକ ବଳିର ଉତ୍ସର୍ଗ ଦ୍ୱାରା ସେ ସି-ଦ୍ଧ କରିଅଛନ୍ତି, ସେ ସିଦ୍ଧ କରିଅଛନ୍ତି...*

"ପରବର୍ତ୍ତୀ ଉଦ୍ଦୀପନା ପର୍ଯ୍ୟନ୍ତ"? ତାହା କଅଣ କହିବ?

*...ସେ ପବିତ୍ରୀକୃତ ହେଉଥିବା ଲୋକମାନଙ୍କୁ ଚିରକାଳ ପାଇଁ ସିଦ୍ଧ କରିଅଛନ୍ତି।*

କଅଣ ଆପଣ ଏହା ବୁଝିଲେ କି? "ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ।"

128 ତେବେ ଆପଣ ହୋଲିନେସ୍ ଲୋକମାନେ କୁହନ୍ତି, "ଓଃ, ହଁ, ଆମେମାନେ ପବିତ୍ରତାରେ ବିଶ୍ୱାସ କରୁ। ହାଲ୍ଲେଲୁୟା! ଆମେମାନେ ପବିତ୍ରୀକରଣରେ ବିଶ୍ୱାସ କରୁ।" ମାତ୍ର ଆପଣ ତ ନିଜର ମାର୍ଗକୁ ନେଉଅଛନ୍ତି। ଆପଣ କେବଳ *ଏହା* ଛାଡିଦିଅନ୍ତୁ ଏବଂ *ତାହା* ଛାଡ଼ିଦିଅନ୍ତୁ। ଆପଣ ଜାଣନ୍ତି ଯେ ଆପଣ ତାହା କରିବା ଉଚିତ୍ ନୁହେଁ।

ଯେପର୍ଯ୍ୟନ୍ତକି ଖ୍ରୀଷ୍ଟ ଦ୍ୱାରକୁ ଖୋଲି ନାହାଁନ୍ତି ଏବଂ ଏହାକୁ ଆପଣଙ୍କ ହୃଦୟରେ ସଂଜୀବିତ କରିନାହାଁନ୍ତି, ଏବଂ ଆପଣ ଏପରି ଏକ ସ୍ଥାନ ନ ହୋଇଯାଆନ୍ତି ଯେଉଁଠାରେକି ପାପ ମୃତ ଅଟେ, ଏବଂ ଇଚ୍ଛା, ଏହା ସବୁ ଚାଲି ଯାଇଥାଏ। ତାହାପରେ, ସେ ଆପଣଙ୍କର ନିଜର ସ୍ୱ-ଧାର୍ମିକତାକୁ ନେଇଯାଆନ୍ତି, ଯେପରିକି ସେ ନିଜକୁ ଆପଣଙ୍କ ଭିତରେ ପ୍ରତିଷ୍ଠିତ କରିପାରନ୍ତି। "ଏବଂ ଆପଣଙ୍କ ଭିତରେ, ଏହା ହେଉଛନ୍ତି ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର, ସେହି ମହିମାର ଆଶା।"

*...ଆସୁ ଆମେ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ;*

129 ଆମେମାନେ କିପରି ସିଦ୍ଧ ହୋଇପାରିବା? ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା। ମଣ୍ଡଳୀରେ ଯୋଗଦେବା ଦ୍ୱାରା ନୁହେଁ। ଆମର ଭଲ କର୍ମଗୁଡିକ ଦ୍ୱାରା ନୁହେଁ, ଯାହା ଆମେମାନେ କରିଥାଉ। ତାହା ସବୁକିଛି ଠିକ ଅଟେ। ଏଇଥି ପାଇଁ ନୁହେଁ ଯେ ଆମେମାନେ ଏହିପରି ଭାବରେ ବା ସେହିପରି ଭବରେ ବାପ୍ତିଜିତ ହୋଇଥିଲୁ। ଏଇଥି ପାଇଁ ନୁହେଁ ଯେ ଆମେମାନେ ହାତ ରଖାଯିବା ଦ୍ୱାରା, ସୁସ୍ଥ ହୋଇଥିଲୁ। ଏହି ଅନ୍ୟାନ୍ୟ ବିଷୟଗୁଡିକ ମଧ୍ୟରୁ କୌଣସି ସକାଶୁ ନୁହେଁ, "ଆମେ ମୃତ୍ୟୁ, ସମାଧି, ଏବଂ ପୁନରୁତ୍ଥାନରେ ବିଶ୍ୱାସ କରୁ।"

130 ପାଉଲ କହିଲେ, "ମୁଁ ମନୁଷ୍ୟ ଏବଂ ସ୍ୱର୍ଗଦୂତମାନଙ୍କ ଭାଷାରେ କଥା କହିପାରେ," ତାହା ହେଉଛି ଉଭୟ ସେହି ଭାଷା ଯାହାକି ବୁଝାଯାଏ ଏବଂ ସେହି ଭାଷା ଯାହାକି ବୁଝା ଯାଇ ନ ପାରେ, ଏହାର ବ୍ୟାଖ୍ୟା କରାଯିବାକୁ ଅଛି, "ମୁଁ କିଛି ନୁହେଁ । ଯଦିଓ ମୋ ପାଖରେ ଜ୍ଞାନର ବରଦାନ ଅଛି ଏବଂ ପରମେଶ୍ୱରଙ୍କ ସମସ୍ତ ଜ୍ଞାନ ବୁଝିପାରେ," ବାଇବଲକୁ ବ୍ୟାଖ୍ୟା କରିପାରେ, ଆରମ୍ଭ କରି...ତାକୁ ଏକତ୍ର ମିଶାଇପାରେ, "ମୁଁ କିଛି ନୁହେଁ ।" ତେବେ ସେତେବେଳେ ବାଇବଲ ଶିଖିବା ପାଇଁ, ବିଦ୍ୟାଳୟକୁ ଯିବାଟା ବହୁତ ଅଧିକ କିଛି ଲାଭ କରିବ ନାହିଁ, କଅଣ କରିବ କି? "ଯଦିଓ ମୋ ପାଖରେ ବିଶ୍ୱାସ ଥାଏ ଯେ ମୁଁ ପର୍ବତଗୁଡ଼ିକୁ ଘୁଞ୍ଚାଇ ଦେଇପାରେ..." ସେତେବେଳେ ଆରୋଗ୍ୟ ଅଭିଯାନର ସେତେ ଅଧିକ ମହତ୍ତ୍ୱ ରହେ ନାହିଁ, କଅଣ ରହେ କି? "ମୁଁ କିଛି ନୁହେଁ । ଯଦିଓ ମୁଁ ମୋର ଶରୀରକୁ ବଳି ରୂପେ ଦଗ୍ଧ ହେବା ପାଇଁ ଦେଇ ଦିଏ ।"

131 "ଓଃ," ସେମାନେ କୁହନ୍ତି, "ସେ ଲୋକଟି ଧାର୍ମିକ ଅଟେ ।"

132 "ମାତ୍ର ସେ କିଛି ନୁହେଁ," ପାଉଲ କହିଲେ, "କଦାପି କିଛି ହେବ ନାହିଁ ।"

133 "କାରଣ ଯେଉଁଠାରେ ଭାଷା ଅଛି, ସେଗୁଡିକ କ୍ଷାନ୍ତ ହୋଇଯିବ; ଯେଉଁଠାରେ ଭବିଷ୍ୟତ୍‌ବାଣୀ ଅଛି, ଏହା ବିଫଳ ହୋଇଯିବ; ଯେଉଁଠାରେ ଏହିସବୁ ଅନ୍ୟାନ୍ୟ ବିଷୟ ଅଛି, ତାହା ବିଫଳ ହୋଇଯିବ । ମାତ୍ର ଯେତେବେଳେ ତାହା ଯାହାକି ସିଦ୍ଧ ଅଟେ ଆସେ, ସେତେବେଳେ ଯାହା ଆଂଶିକ ଅଟେ ତାହା ଦୂର ହୋଇଯିବ ।" ଦେଖନ୍ତୁ, ସେହି "ସିଦ୍ଧ ।" ସିଦ୍ଧ କଅଣ ଅଟେ? ପ୍ରେମ । ପ୍ରେମ କଅଣ ଅଟେ? ପରମେଶ୍ୱର । "ଆସନ୍ତୁ ଏହି ସମସ୍ତ ଛୋଟ ମୃତ କର୍ମଗୁଡିକୁ ଏବଂ ନିୟମକୁ ପୃଥକ କରିବା, ଏବଂ ସିଦ୍ଧିଲାଭ ଆଡକୁ ଅଗ୍ରସର ହେବା ।" କଅଣ ଆପଣ ଏହା ଦେଖୁଛନ୍ତି କି? ଆମେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ସିଦ୍ଧିଲାଭ ହୋଇଅଛୁ । ଆମେମାନେ ଏଥିରେ କିପରି ପ୍ରବେଶ କରିବା? ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ।

134 "ଠିକ୍ ଅଛି, କଅଣ ଘଟିତ ହୁଏ?" ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଥାଆନ୍ତି ।

135 "ତେବେ, କଅଣ ମୁଁ କମ୍ପିତ ହେବି, ଏହା ପ୍ରତି, ଡେଇଁବି କି?" ଆପଣଙ୍କୁ—ଆପଣଙ୍କୁ କିଛି ହେଲେ କରିବାକୁ ପଡେ ନାହିଁ, କିଛି ହେଲେ କରିବାକୁ ପଡିବ ନାହିଁ । ଆପଣ ଏହାକୁ ପୂର୍ବରୁ କରି ସାରିଛନ୍ତି, ପରମେଶ୍ୱର ଆପଣଙ୍କୁ ମୃତ୍ୟୁରୁ ବାହାର କରି ଜୀବନକୁ ଆଣିଅଛନ୍ତି, ଏବଂ ଆପଣ ଜୀବିତ ଅଟନ୍ତି । ତେବେ ଆପଣଙ୍କର ଜୀବନର ଆପଣଙ୍କର ଫଳଗୁଡିକ ଏହାକୁ ପ୍ରଦର୍ଶିତ କରିଥାଏ ।

136 ଆପଣମାନଙ୍କ ମଧ୍ୟରୁ ଅନେକ ମେଥୋଡିଷ୍ଟ ଏବଂ ନାଜରିନ୍‌ମାନେ ଅତ୍ୟଧିକ ଉଚ୍ଚ ପାଟିରେ ଚିତ୍କାର କରିଥିଲେ ଯେତିକି ଆପଣ ଚିତ୍କାର କରିପାରନ୍ତି, ପୁଣି ଜଣେ ବ୍ୟକ୍ତିଙ୍କର ଖଳାରୁ ଶସ୍ୟ ଚୋରି କରିପାରନ୍ତି, ତାହା ଠିକ୍, ତାହା ସବୁକିଛି କରିପାରନ୍ତି ଯାହା କରା ଯାଇପାରେ ।

137 ଆପଣମାନଙ୍କ ମଧ୍ୟରୁ ଅନେକ ପେଣ୍ଟିକଷ୍ଟାଲମାନେ ପରଭାଷାରେ କଥା କହିଥିଲେ, ଯେପରିକି ଗୋରୁ ଚର୍ମ ଉପରେ ମଟର ଢଳାଯାଏ, ନିଶ୍ଚିତ ଭାବରେ, ଠିକ ବାହାରି ଗଲେ ଏବଂ ପରବର୍ତ୍ତୀ ପୁରୁଷର ସ୍ତ୍ରୀ ସହିତ ପଳାୟନ କଲେ, ଓ ସବୁ ପ୍ରକାର କାର୍ଯ୍ୟକଳାପଗୁଡ଼ିକୁ କଲେ । ତାହା ଏହା ନୁହେଁ, ଭାଇ ।

138 ପବିତ୍ରଆତ୍ମାଙ୍କ ବଦଳେ ସ୍ଥାନକୁ ନେବା ପାଇଁ କୌଣସି ସମ୍ବେଦନା କିମ୍ବା କୌଣସି କିଛି ବିଷୟକୁ ପାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଯେତେବେଳେ ନୂତନ ଜନ୍ମ ଆସେ, ଆପଣ ପରିବର୍ତ୍ତିତ ହୋଇଥାଆନ୍ତି । ଆପଣଙ୍କୁ ଏହାକୁ ପ୍ରମାଣ କରିବା ପାଇଁ କିଛି କରିବାକୁ ପଡ଼େ ନାହିଁ । ଆପଣଙ୍କର ଜୀବନ ଏହାକୁ ପ୍ରମାଣ କରେ, ଯେତେବେଳେ ଆପଣ ଗମନାଗମନ କରନ୍ତି । ଆପଣ ହିଁ ପ୍ରେମ, ଶାନ୍ତି, ଦୀର୍ଘସହିଷ୍ଣୁତା, ଭଦ୍ରତା, ନମ୍ରତା, ଧୈର୍ଯ୍ୟ ଅଟନ୍ତି । ତାହାହିଁ ଅଟେ ଯାହାକି ଆପଣ ଅଟନ୍ତି, ଏବଂ ସମଗ୍ର ବିଶ୍ୱ ଆପଣଙ୍କ ଭିତରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିଫଳନକୁ ଦେଖେ ।

139 ତେବେ, ପରଭାଷାରେ କଥା କହିବା, ସେଠାରେ ଚିତ୍କାର କରିବା, ତାହା ତ କେବଳ ସେହି ଗୁଣସକଳ ଅଟେ ଯାହାକି ଏହି ପ୍ରକାରର ଏକ ଜୀବନକୁ ଅନୁଗମନ କରିଥାଏ ।

ଏବଂ ଆପଣ ସେହି ଗୁଣଚରିତ୍ରକୁ ନେଇ, ସେଗୁଡ଼ିକୁ ନକଲ କରିପାରନ୍ତି, ଏବଂ କଦାପି ସେହି ଜୀବନକୁ ପାଇ ନ ପାରନ୍ତି । ଆମେ ଏହା ଦେଖୁ । କେତେଜଣ ଜାଣନ୍ତି ଯେ ତାହା ସତ ଅଟେ? ନିଶ୍ଚିତରେ, ଆପଣ ଜାଣନ୍ତି । ନିଶ୍ଚିତ ଭାବରେ ଆପଣ ଜାଣନ୍ତି । ମୋର ପ୍ରଭୁ! ଆପଣ ଏହାକୁ ନିଜର ଚାରିପାଖରେ ସବୁ ଦେଖନ୍ତି ।

140 ତେଣୁକରି, ଏପରି କିଛି ନାହିଁ ଯାହାକି ଆପଣ କହିପାରନ୍ତି ଯେ ଏହା ପବିତ୍ରଆତ୍ମାଙ୍କର ପ୍ରମାଣ ଅଟେ, ଯେପର୍ଯ୍ୟନ୍ତକି ଏହା ଆପଣଙ୍କର ଜୀବନ ନୁହେଁ ଯାହା ଆପଣ ଅତିବାହିତ କରନ୍ତି । ତେବେ, ଯଦି ଆପଣ ପରଭାଷାରେ କଥା କହିବାକୁ ଚାହାଁନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଠିକ୍ ଅଟେ ଯଦି ଆପଣ ଏହାର ସପକ୍ଷରେ ସାକ୍ଷ୍ୟ ନିମନ୍ତେ ସେହି ଜୀବନକୁ ଅତିବାହିତ କରନ୍ତି । ତାହା ଠିକ୍ । ଏବଂ ଯଦି ଆପଣ ଚିତ୍କାର କରିବାକୁ ଚାହାଁନ୍ତି, ଭଲ, ତାହା ଉତ୍ତମ ଅଟେ । ମୁଁ ମଧ୍ୟ, ଚିତ୍କାର କରେ, ବେଳେବେଳେ ଏତେ ଖୁସି ହୋଇଯାଏ ଯେ ମୁଁ ବଡ଼ କଷ୍ଟରେ ଜୋତା ହଳେ ପିନ୍ଧିପାରେ; ମୋତେ ଏପରି ଅନୁଭବ ହୁଏ ଯେପରିକି ମୁଁ ସେଥିରୁ ଡେଇଁ ବାହାରି ଯିବି । ଏବଂ ତାହା ଆଶ୍ଚର୍ଯ୍ୟଜନକ ଅଟେ । ମୁଁ ଏହାକୁ ବିଶ୍ୱାସ କରେ ।

141 ମୁଁ ଦର୍ଶନମାନ ଦେଖିଅଛି, ଏବଂ ରୋଗୀମାନଙ୍କୁ ସୁସ୍ଥ ହେବାର, ମୃତମାନଙ୍କୁ ଉତ୍ଥାପିତ ହେବାର ଦେଖିଅଛି । ଯେତେବେଳେ ସେମାନେ ସେଠାରେ ପଡ଼ି ରହିଥାନ୍ତି ଏବଂ ଡାକ୍ତରମାନେ ଚାଲି ଯାଅନ୍ତି ଏବଂ କୁହନ୍ତି, "ସେମାନେ ଶେଷ ଦଶାରେ ଅଛନ୍ତି ଏବଂ ବିନଷ୍ଟ ଅଟନ୍ତି," ସେଠାରେ କେତେକ ଘଣ୍ଟା ପଡ଼ି ରହିଥାନ୍ତି; ଏବଂ ପବିତ୍ରଆତ୍ମା ଠିକ ତଳକୁ ଓହ୍ଲାଇ ଆସନ୍ତି ଏବଂ ଏକ ଦର୍ଶନ ଦେଖାନ୍ତି, ସେଠାକୁ ଯାଏ ଏବଂ ସେହି ବ୍ୟକ୍ତିଙ୍କୁ ଉତ୍ଥାପିତ କରେ । ମୁଁ ସେହି ଲୋକମାନଙ୍କୁ ଯେଉଁମାନେକି ବଧିର, ମୂକ, ଏବଂ ଅନ୍ଧ, ଏବଂ ଅପଙ୍ଗ,

ଚାଲୁଥିବାର ଦେଖିଅଛି । ତାହା ନୁହେଁ…ତାହା ତ କେବଳ ଗୁଣସକଳ ଅଟେ ।

142 ଭାଇ, ବହୁ ସମୟ ପୂର୍ବରୁ, ଏହା ପୂର୍ବେକି ଜଗତର କେବେ ଏକ ମୂଳଦୁଆ ରହିଥିଲା, ପରମେଶ୍ୱର ତାହାଙ୍କର ଅନନ୍ତ ଅନୁଗ୍ରହ ଦ୍ୱାରା, ସେ ତଳକୁ ଅନାଇଥିଲେ, ଏବଂ ପୂର୍ବଜ୍ଞାନ ଦ୍ୱାରା ସେ ଆପଣଙ୍କୁ ଓ ମୋତେ ଦେଖିଥିଲେ । ସେ ଜାଣିଥିଲେ ଯେ ଆମେ କେଉଁ ଯୁଗରେ ବାସ କରିବୁ । ସେ ଜାଣିଥିଲେ ଯେ ଆମେ କଅଣ ହେବୁ । ତେଣୁ, ନିର୍ବାଚନ ଦ୍ୱାରା, ସେ ଆମକୁ ଜଗତର ପତ୍ତନାବଧିରୁ ବାଛିଥିଲେ, ଯେପରିକି ବିନା କୌଣସି ଦାଗରେ ତାହାଙ୍କ ସହିତ ରହୁ ।

143 ତେବେ, ଯଦି ସେ ଜଗତର ପତ୍ତନାବଧିରୁ ଆମକୁ ବାଛିଥିଲେ ଯେ ଆମେମାନେ ବିନା ଦାଗରେ ତାହାଙ୍କ ସହିତ ରହୁ, ଏବଂ ଆମେ ସମସ୍ତେ ଦାଗ ସହିତ ଜନ୍ମ ହୋଇଥିଲୁ, ଏବଂ କୌଣସି କିଛି ବିଷୟ କରିପାରେ ନାହିଁ…କୌଣସି କିଛି ଆମକୁ ସଫା କରିପାରେ ନାହିଁ, ତେବେ ଆମେମାନେ କିପରି ଭାବରେ—ଆମେମାନେ କିପରି ଭାବରେ ଦାଗ ବିନା ରହିବାକୁ ଯାଉଅଛୁ? "ସେ ତାହାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ପଠାଇଲେ, ଯେପରିକି ଯେକେହି ତାହାଙ୍କୁ ବିଶ୍ୱାସ କରେ ତାଙ୍କ ଜୀବନର କୌଣସି ଅନ୍ତ ନ ହୁଏ, ବରଂ ଅନନ୍ତ ଜୀବନ ପାଏ; କଦାପି ବିନଷ୍ଟ ନ ହୁଏ, କିନ୍ତୁ ଅନନ୍ତ ଜୀବନ ପାଏ ।" ତାହାପରେ ଯେତେବେଳେ ଆମେମାନେ ବିଶ୍ୱାସ ଦ୍ୱାରା, ଅନୁଗ୍ରହ ଜରିଆରେ, ତାହାଙ୍କ ନିକଟକୁ ଆସୁ, ପବିତ୍ରଆତ୍ମା ଆମକୁ ଡାକୁଥିବା ଦ୍ୱାରା, ସେତେବେଳେ ଆମେମାନେ ଉଦ୍ଧାର ପାଇଥାଉ ।

144 ଏହା ପୂର୍ବେକି ଏହି ପୃଥିବୀରେ ଗୋଟିଏ ବି ଶରୀର ରହିଥାନ୍ତା, ଆପଣଙ୍କର ଶରୀରଗୁଡିକ ଏଠାରେ ପଡ଼ି ରହିଥିଲା । ଏହା କ୍ୟାଲସିୟମ୍, ପୋଟାଶ୍, ଆର୍ଦ୍ରତା, କସ୍ମିକ—କସ୍ମିକ ପ୍ରକାଶ, ଏବଂ ପେଟ୍ରୋଲିୟମ, ଏବଂ ଅନ୍ୟାନ୍ୟ ସବୁ, ଷୋହଳ ତତ୍ତ୍ୱରୁ ନିର୍ମିତ ହୋଇଥିଲା । ଏବଂ ପବିତ୍ରଆତ୍ମା ପୃଥିବୀ ଉପରେ ଡେଣା ବିସ୍ତାର କରିବାକୁ ଲାଗିଲେ ଯେପରିକି ଅଣ୍ଡା ଉପରେ ବସନ୍ତି, ଏବଂ "ଉ କରିବାକୁ ଲାଗିଲେ ।" ଏବଂ ଯେତେବେଳେ ଏହା ହେଲା, ପ୍ରଥମ ବିଷୟ ଆପଣ ଜାଣନ୍ତି, ଏକ ଛୋଟ ଇଷ୍ଟର ଫୁଲଟିଏ ଆସିଲା । ତାହାପରେ ସେ କିଛି ଘାସ, ଏବଂ କିଛି ପକ୍ଷୀ ଜାତ କଲେ, ଏବଂ କିଛି ସମୟ ପରେ, ଜଣେ ମନୁଷ୍ୟ ବାହାରି ଆସିଲା ।

145 ତେବେ, ସେ ପୃଥିବୀର ଧୂଳିରୁ କେବେବି କୌଣସି ସ୍ତ୍ରୀକୁ ସୃଷ୍ଟି କଲେ ନାହିଁ । ସେହି ସ୍ତ୍ରୀ ତ ଆରମ୍ଭ ରୁ ହିଁ, ଜଣେ ପୁରୁଷ ଥିଲେ; ସେହି ପୁରୁଷ ଏବଂ ସ୍ତ୍ରୀ ଏକ ଥିଲେ । ତେଣୁ ସେ ଆଦମଙ୍କ ପାର୍ଶ୍ୱରୁ, ଏକ ପଞ୍ଜୁରି ନେଇ, ତାଙ୍କ ସହକର୍ମୀ ଭାବରେ, ଏକ ସ୍ତ୍ରୀଲୋକକୁ ନିର୍ମାଣ କଲେ । ଏବଂ ତାହାପରେ ପାପ ଭିତରକୁ ଆସେ । ତାହାପରେ ପାପ ଆସିବା ପରେ…

146 ଏହା ଯାହା ହେଉନା କାହିଁକି, ପରମେଶ୍ୱର ପରାସ୍ତ ହେବେ ନାହିଁ । ସେ କଦାପି ପରାସ୍ତ ହେବେ ନାହିଁ । ତେବେ, ସ୍ତ୍ରୀମାନେ ପୃଥିବୀରେ ପୁରୁଷମାନଙ୍କୁ ଜାତ କରିବାକୁ ଲାଗିଲେ । ଏବଂ ପରମେଶ୍ୱର, ଅନନ୍ତ ଅନୁଗ୍ରହ ଦ୍ୱାରା, ଦେଖିଲେ ଯେ କିଏ ଉଦ୍ଧାର ପାଇବ, ଏବଂ ସେ ଆପଣମାନଙ୍କୁ ଡାକିଲେ । "କୌଣସି ବ୍ୟକ୍ତି ମୋ ପାଖକୁ ଆସି ପାରନ୍ତି ନାହିଁ, ଯେପର୍ଯ୍ୟନ୍ତକି

ପ୍ରଥମେ, ମୋ ପିତା ତାଙ୍କୁ ନ ଡାକନ୍ତି ।” ଯିଏ ଇଚ୍ଛା କରେ, କିମ୍ୱା ଯିଏ ପରିଶ୍ରମ କରେ ସେହି ବ୍ୟକ୍ତି ନୁହେଁ, ମାତ୍ର ପରେମଶ୍ୱର ଯିଏକି ଦୟା କରନ୍ତି ।

147 ଆପଣ କୁହନ୍ତି, “ତେବେ, ମୁଁ ପରମେଶ୍ୱରଙ୍କୁ ଅନ୍ୱେଷଣ କଲି । ମୁଁ ପରମେଶ୍ୱରଙ୍କୁ ଖୋଜିଲି ।” ନା, ଆପଣ କେବେବି କଲେ ନାହିଁ । ପରମେଶ୍ୱର ଆପଣଙ୍କୁ ଖୋଜିଲେ । ତେବେ ଏହା ସେହି ପ୍ରକାରେ ହିଁ ତାହା ଆରମ୍ଭରେ ଥିଲା ।

148 ଏହା ଆଦମ ନ ଥିଲା ଯିଏକି କହିଥିଲେ, “ହେ ପିତା, ପିତା, ମୁଁ ପାପ କରିଅଛି । ତୁମେ କେଉଁଠାରେ?”

149 ଏହା ତ ପିତା ଥିଲେ ଯିଏକି କହିଥିକଲେ, “ହେ ଆଦମ, ଆଦମ, ତୁମେ କେଉଁଠାରେ?” ତାହାହିଁ ହେଉଛି ମଣିଷର ପ୍ରକୃତି । ତାହା ହେଉଛି ମଣିଷର ଚରିତ୍ର । ତାହାହିଁ ଅଟେ ଯେଉଁଥିରେ ସେ ନିର୍ମିତ ହୋଇଅଛି ।

150 “ଏବଂ କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ଆକର୍ଷିତ ନ କରନ୍ତି । ଏବଂ ପିତା ମୋତେ ଯେସମସ୍ତଙ୍କୁ ଦେଇଅଛନ୍ତି,...” ହାଲ୍ଲେଲୁୟା! “ଯେ ସମସ୍ତେ ଆସିବେ, ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦେବି, ଏବଂ ମୁଁ ତାଙ୍କୁ ଶେଷ ଦିନରେ ଉତ୍ଥାପିତ କରିବି ।” ସ୍ୱର୍ଗର ପରମେଶ୍ୱରଙ୍କର, କି ଏକ ଆଶୀଷିତ, କି ଆଶୀଷିତ ପ୍ରତିଜ୍ଞା ଅଟେ! ଆଜି ରାତିରେ ଆମେ ଯେଉଁଠାରେ ପହଞ୍ଚିଅଛୁ, ଯେଉଁଠାରେ, “ସେ ନିଜଠାରେ ଶପଥ କରିଥିଲେ ।” ସେଠାରେ ଆଉ ଅଧିକ ମହତ୍ତର କେହି ନାହାଁନ୍ତି । ଆପଣ ନିଜଠାରୁ ଅଧିକ ମହତ୍ତର କାହାରି ଜଣକାର ଶପଥ କରନ୍ତି । ସେଠାରେ କେହି ହେଲେ ଅଧିକ ମହତ୍ତର ନ ଥିଲେ, ତେଣୁ ପରମେଶ୍ୱର ନିଜଠାରେ ଶପଥ କଲେ । ଆମେମାନେ ଏଥି ଭିତରକୁ ପ୍ରବେଶ କରୁଅଛୁ, ସେ ଏହା କିପରି କଲେ ଏବଂ ସେ ଏହା କେତେବେଳେ କଲେ; ଏବଂ ନିଜଠାରେ ଏକ ଶପଥ କଲେ, ଯେ ସେ ଆମକୁ ଉତ୍ଥାପିତ କରିବେ ଏବଂ ଆମକୁ ତାହାଙ୍କର ନିଜର ବଂଶ କରିବେ ।

151 ଓଃ, ଆଜି ସକାଳେ, ଆମେମାନେ କେତେ ସିଦ୍ଧ ଏବଂ ଦୃଢ ଭାବେ ଛିଡା ହୋଇପାରୁ! ଆପଣ କିପରି ଭାବରେ ଦେଖିପାରନ୍ତି, ଯଦି ମୃତ୍ୟୁ ଆପଣଙ୍କ ମୁଖରେ ଠିକ ଚାହିଁ ରହିଥାଏ, ଆପଣ ପାଉଲ ପରି କହିପାରିବେ, “ରେ ମୃତ୍ୟୁ, କାହିଁ ତୋର ନାହୂଡ? ରେ କବର, କାହିଁ ତୋର ଜୟ? ମାତ୍ର ପରମେଶ୍ୱରଙ୍କୁ ଧନ୍ୟବାଦ ହେଉ, ଯିଏକି ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମକୁ ବିଜୟ ପ୍ରଦାନ କରିଥାନ୍ତି ।” ସେଠାରେ ଆପଣ ଅଛନ୍ତି । କାହିଁକି?

152 “ଓଃ, ଆପଣ ତ *ଅମୁକ-ଓ-ଅମୁକ* କଲେ ।”

153 “ମୁଁ ଏହା ଜାଣେ, ମାତ୍ର ମୁଁ ତାହାଙ୍କ ରକ୍ତ ଦ୍ୱାରା ଆଚ୍ଛାଦିତ ହୋଇଅଛି ।” ହାଲ୍ଲେଲୁୟା!

154 “ଏକ ଆତ୍ମାଙ୍କ ଦ୍ୱାରା, ଆମେମାନେ ସମସ୍ତେ ଏକ ଶରୀରରେ ବାପ୍ତିଜିତ ହୋଇଥିଲୁ ।” ଆପଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, ଆପଣ ଯାହାକିଛି ବି ଅଟନ୍ତି, ଆମେମାନେ ଏକ ଶରୀରରେ ବାପ୍ତିଜିତ ହୋଇଥିଲୁ । ଆମମାନଙ୍କର ସହଭାଗୀତା ଅଛି,

ଏବଂ ଆମେମାନେ ପରମେଶ୍ୱରଙ୍କ ରାଜ୍ୟର ନାଗରିକ ଅଟୁ, ଏହା ଅଙ୍ଗୀକାର କରିଥାଉ, ଯେ, "ଆମେମାନେ ଏହି ଜଗତର ନୋହୁଁ।"

155 ମୋର ସାନ ଝିଅ, ଅନ୍ୟ ଦିନ ଆସି, କହିଲା, "ବାପା, ଏହି ସାନ ଝିଅଟି *ଅମୁକ-ଓ-ଅମୁକ* କଲା। ଏବଂ ସେମାନେ *ଅମୁକ-ଓ-ଅମୁକ* କଲେ। ଆମେମାନେ ସେହି ଘରକୁ ଯାଇଥିଲୁ। ସେମାନେ *ଅମୁକ-ଓ-ଅମୁକ* କଲେ।" ମୁଁ କହିଲି...କହିଲା, "ଆମେମାନେ ତାହା କାହିଁକି କରୁନାହୁଁ?"

156 ମୁଁ କହିଲି, "ପ୍ରିୟେ, ଆମେ ସେହି ଜଗତର ନୋହୁଁ। ସେମାନେ ସେମାନଙ୍କର ନିଜର ଏକ ଦୁନିଆରେ ରୁହନ୍ତି।"

157 କହିଲା, "କଅଣ ଆମେ ସମସ୍ତେ ସେହି ସମାନ ଭୂମିରେ ଚାଲୁ ନାହୁଁ କି?"

158 ମୁଁ କହିଲି, "ଏହି ଜଗତର, ପ୍ରିୟେ। ଆମେମାନେ ସେହି ଲୋକମାନଙ୍କ ମଧ୍ୟରୁ ନୋହୁଁ।"

159 ବାଇବଲ କୁହେ, "ପରମେଶ୍ୱର କୁହନ୍ତି, ସେମାନଙ୍କ ମଧ୍ୟରୁ ବାହାରି ଆସ, ପୃଥକ ହୁଅ।" ଦେଖନ୍ତୁ, ଆପଣ ସେମାନଙ୍କ ମଧ୍ୟରୁ ନୁହଁନ୍ତି। ଏବଂ ଯେତେବେଳେ ସେହି ନୂତନ ପ୍ରକୃତି ଆପଣଙ୍କ ଭିତରକୁ ଆସେ, ଆପଣଙ୍କୁ ଟଣାଯିବାକୁ ପଡ଼େ ନାହିଁ। ଆପଣ ଲୋଟଙ୍କ ପତ୍ନୀଙ୍କ ପରି, ଫେରି ଯିବାକୁ ଚାହିଁବେ ନାହିଁ। ଆପଣ ତ ଠିକ, ଏଥିରୁ ଜନ୍ମ ହୋଇଥାଆନ୍ତି। ଏବଂ ଆପଣ ଅନ୍ୟ ଏକ ପରିସରରେ ଥାଆନ୍ତି। ଏବଂ ତାହା ଆପଣଙ୍କୁ ଆବର୍ଜନା ପରି ଦେଖାଯାଏ।

ଏବଂ ଏହା, ଏହି ମହାନ, ଚମତ୍କାର ଆମେରିକାରେ ଯେଉଁଠାରେକି ଆମେମାନେ ରହୁଅଛୁ, ତାହାର ଏକ ବଡ ବିଶୃଙ୍ଖଳାରେ ପାଲଟି ଯାଇଛି। ସବୁକିଛି କାମବାସନା ଏବଂ ସ୍ତ୍ରୀ ଅଟେ। ଏବଂ ସ୍ତ୍ରୀଲୋକମାନେ ଯେପରି ଭାବରେ ସେମାନେ ପୋଷାକ ପିନ୍ଧନ୍ତି, ପୁରୁଷମାନେ ଯେପରି ଭାବରେ ସେମାନେ ଆଚରଣ କରନ୍ତି, ଏବଂ—ଏବଂ ସେହି ବିଷୟମାନ ଯାହା ସେମାନେ କରୁଥାଆନ୍ତି, ଏବଂ ତାହାପରେ ନିଜକୁ, "ଖ୍ରୀଷ୍ଟିଆନ" ବୋଲି ଡାକନ୍ତି।

160 ଉଦାହରଣ ସ୍ୱରୂପ, ଏହି ଏଲ୍‌ଭିସ୍ ପ୍ରେସ୍‌ଲୀ, ବର୍ତ୍ତମାନ ଗଲେ ଏବଂ ସେହି ପେଣ୍ଟିକଷ୍ଟାଲ୍ ମଣ୍ଡଳୀରେ ଯୋଗ ଦେଲେ। ଅବଶ୍ୟ, ସେହିଠାରେ ହିଁ ଅଟେ ଯେଉଁଠାରେକି...ଯିହୂଦା ପାଖରେ ତିରିଶଟି ରୌପ୍ୟ ମୁଦ୍ରା ରହିଥିଲା। ଏଲ୍‌ଭିସ୍ ପାଖରେ ତାଙ୍କର ଜନ୍ମସିଦ୍ଧ ଅଧିକାର ବିକ୍ରୟ କରିବା ପାଇଁ, କ୍ୟାଡିଲାକ ଗାଡିଗୁଡିକର ଏକ ସମୂହ ରହିଅଛି, ଏବଂ କେତେକ—ଏବଂ କେତେକ ମିଲିୟନ୍ ଡଲାର୍ ଟଙ୍କା ରହିଅଛି। ଆର୍ଥର୍ ଗଡଫ୍ରେ। ତାହା ପ୍ରତି ଦୃଷ୍ଟି କରନ୍ତୁ।

161 ଏଠାରେ ଲୁଇସ୍‌ଭିଲେର ଜିମି ଓସ୍‌ବୋର୍ନକୁ ଦେଖନ୍ତୁ, ସେହି ପୁରୁଣା ବୁଗି-ୱଗି, ରକ୍-ଏବଂ-ରୋଲ୍ ସଂଗୀତ, ପୁରୁଣା ଦୂଷିତ ଏବଂ ଅପରିଷ୍କାର ବିଷୟ ସହିତରେ। ଏବଂ ରବିବାର ସକାଳେ, ସେହି ବାଇବଲକୁ ନିଅନ୍ତି ଏବଂ ମଞ୍ଚ ଉପରେ ଛିଡା ହୋଇ ପ୍ରଚାର କରନ୍ତି। କି ଏକ ଅପମାନର ବିଷୟ!

ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ବାଇବଲ କୁହେ, "ପ୍ରତ୍ୟେକ ମେଜ ବାନ୍ତିରେ ପରିପୂର୍ଣ୍ଣ।" କାହିଁକି, ଆମେମାନେ ତ ଏକ ଭୟଙ୍କର ଦିନରେ ବାସ କରୁଅଛୁ!

162 ଏବଂ ଲୋକମାନେ କୁହନ୍ତି, "ଓଃ, ସେମାନେ ବହୁତ ଧାର୍ମିକ ଅଟନ୍ତି।" ଓଃ! କଅଣ ଆପଣ ଜାଣନ୍ତି ନାହିଁ ଯେ ଶୟତାନ ଧାର୍ମିକ ଅଟେ? କଅଣ ଆପଣ ଜାଣନ୍ତି ନାହିଁ ଯେ କୟିନ ସେତିକି ଧାର୍ମିକ ଥିଲା ଯେତିକି ଧାର୍ମିକ ହେବଲ ଥିଲେ? କିନ୍ତୁ, ତାହା ପାଖରେ ପ୍ରକାଶନ ନ ଥିଲା। ତାହାହିଁ ତ ଏହା ଅଟେ। ତାହା ପାଖରେ ପ୍ରକାଶନ ନ ଥିଲା।

ହଁ, ଆମେମାନେ ସମସ୍ତେ ମଣ୍ଡଳୀକୁ ଯାଇଥାଉ, ମାତ୍ର ସେଠାରେ କେତେକ ହିଁ ଥାଆନ୍ତି ଯାହାଙ୍କ ପାଖରେ ଜୀବନ ଥାଏ, ସେମାନେ ହିଁ ଅଟନ୍ତି ଯାହାଙ୍କ ହୃଦୟରେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶନକୁ ପାଇଥାଆନ୍ତି। କମ୍ପନ ହେବା ଦ୍ୱାରା ନୁହେଁ, ଡେଇଁବା ଦ୍ୱାରା ନୁହେଁ, ମଣ୍ଡଳୀରେ ଯୋଗ ଦେବା ଦ୍ୱାରା ନୁହେଁ। ମାତ୍ର, ସେହି ପ୍ରକାଶନ, ଯାହାକି ପରମେଶ୍ୱର ତାହାଙ୍କଠାରେ ପ୍ରକାଶ କରିଅଛନ୍ତି।

163 ଦେଖନ୍ତୁ କଅଣ ବ୍ୟକ୍ତ କରେ, "ମନୁଷ୍ୟପୁତ୍ର ଯେ ମୁଁ, ଲୋକମାନେ ମୁଁ କିଏ ବୋଲି, କଅଣ କୁହନ୍ତି?"

164 "କେତେକ କୁହନ୍ତି ଆପଣ 'ଜଣେ ଭବିଷ୍ୟଦ୍‌ବକ୍ତା।' ଆଉ କେତେକ କୁହନ୍ତି ଆପଣ 'ଏଲିୟ।' ଏବଂ କେତେକ..."

କହିଲେ, "କିନ୍ତୁ ତୁମେମାନେ କଅଣ କହୁଅଛ?"

165 ପିତର କହିଲେ, "ତୁମ୍ଭେ ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ।" ତାହା ତାଙ୍କର ଓଷ୍ଠାଧରରୁ ନ ଥିଲା।

166 ସେ କହିଲେ, "ହେ ଯୂନସଙ୍କ ପୁତ୍ର, ଶିମୋନ, ତୁମେ ଧନ୍ୟ, କାରଣ ମାଂସ ଓ ରକ୍ତ ଏହା କଦାପି ପ୍ରକାଶ କରି ନାହିଁ। ତୁମେ ଏହାକୁ ବାଇବଲର କୌଣସି—କୌଣସି ନୀତିଶାସ୍ତ୍ରରୁ କଦାପି ଶିକ୍ଷା କରି ନାହଁ, କିମ୍ବା କୌଣସି ଧର୍ମଶାସ୍ତ୍ରୀୟ ବିଦ୍ୟାଳୟରୁ ଶିଖି ନାହଁ। ତୁମେମାନେ ଧନ୍ୟ, କାରଣ ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ। ବରଂ ମୋହର ସ୍ୱର୍ଗସ୍ଥ ପିତା ଏହାକୁ ପ୍ରକାଶ କରିଅଛନ୍ତି। ଏବଂ ଏହି ଶୈଳ ଉପରେ ମୁଁ ମୋର ମଣ୍ଡଳୀକୁ ନିର୍ମାଣ କରିବି, ଏବଂ ନରକର ଫାଟକ ଏହା ବିରୁଦ୍ଧରେ ପ୍ରବଳ ହୋଇପାରେ ନାହିଁ।"

167 ଯଦି ଆପଣ ଆଜି ସକାଳେ, ଜଣେ ଖ୍ରୀଷ୍ଟିଆନ ଅଟନ୍ତି, କାରଣ ଆପଣ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟନ୍ତି, ତାହାହେଲେ ଆପଣ ବିନଷ୍ଟ ଅଟନ୍ତି। ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ଏଇଥି ପାଇଁ ଅଟନ୍ତି କାରଣ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି, ଆପଣ ବିଚାରରୁ ମୁକ୍ତ ଅଟନ୍ତି; ଖ୍ରୀଷ୍ଟଙ୍କଠାରେ ରହିଥାନ୍ତି, ତାହାହେଲେ ଆପଣ ସବୁ ସମୟରେ ସିଦ୍ଧ ହେବା ଦିଗରେ ଗତି କରୁଥାଆନ୍ତି। ପରମେଶ୍ୱର ଗୋଟିଏ ବି ଜିନିଷ ଦେଖିପାରନ୍ତି ନାହିଁ। ଆପଣ କୁହନ୍ତି, "ତେବେ, କଅଣ ମୁଁ କେବେ ଏକ ଭୁଲ କରିବି କି?" ନିଶ୍ଚିତରେ, ମାତ୍ର ଆପଣ ଅତହ ଜାଣିଶୁଣି କରିବେ ନାହିଁ।

168 ତେବେ ଆମେମାନେ ଅଳ୍ପ କିଛି ମିନିଟ ମଧ୍ୟରେ, ତାହା ଭିତରକୁ ଯାଉଅଛୁ, "କାରଣ ଯିଏ ସତ୍ୟର ଜ୍ଞାନ ପାଇବା ପରେ ଯଦି ଇଚ୍ଛାକୃତ ଭାବରେ ପାପ କରେ, ତେବେ ସେଠାରେ ପାପ ପାଇଁ ଆଉ କୌଣସି ବଳିଦାନ ବାକି ରହେ ନାହିଁ।" ଆମେମାନେ ଆଜି ରାତି ତାହା ଭିତରକୁ ଯିବା, କାରଣ ଏହା ବର୍ତ୍ତମାନ ଟିକେ ବିଳମ୍ବ ହୋଇ ଯାଇଅଛି।

169 ଆସନ୍ତୁ ଆମେମାନେ ଏହାର କେବଳ ଆଉ ଅଧିକ ଦୁଇଟି ପଦଗୁଡ଼ିକୁ ପାଠ କରିବା, ଯେପରିକି ଆମେମାନେ ଏହାକୁ ଆଉ ଟିକିଏ ଅଧିକ ଗ୍ରହଣ କରିବା ପାଇଁ ଭଲ ଅନୁଭବ କରିପାରୁ। ଠିକ୍ ଅଛି। ତେବେ, ଆମେମାନେ ଆଜି ରାତିରେ, ଠିକ ସେହି 4ର୍ଥ ପଦରେ ଆରମ୍ଭ କରିବା। ଏହାକୁ ଶୁଣନ୍ତୁ।

> *କାରଣ ଯେଉଁମାନେ ଥରେ ଆଲୋକ ପ୍ରାପ୍ତ ହୋଇଅଛନ୍ତି, ଏବଂ* କରା... ଏବଂ *କରା* ଯାଇଅଛନ୍ତି... ଏବଂ *ସ୍ୱର୍ଗୀୟ* ଦାନର ଶକ୍ତି, *ଆସ୍ୱାଦ ପାଇଅଛନ୍ତି, ଏବଂ ପବିତ୍ରଆତ୍ମାଙ୍କର* ସହଭାଗୀ *ହୋଇଅଛନ୍ତି,*
>
> *ଏବଂ...ପରମେଶ୍ୱରଙ୍କ ଉତ୍ତମ ବାକ୍ୟ ଓ ଭାବୀ ଯୁଗର* ଶକ୍ତି *ଆସ୍ୱାଦନ କରିଅଛନ୍ତି,*
>
> *ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନଃପରିବର୍ତ୍ତନ* ନିମନ୍ତେ... ସେମାନଙ୍କୁ *ପୁନର୍ବାର ନୂତନ କରାଇବା ଅସାଧ୍ୟ;...*

ବୁଝିଲେ? ଏବଂ ଏହା କଅଣ ତାହା ଦେଖାଇବା ପାଇଁ, ଆମେମାନେ ତାହାକୁ ଏବ୍ରୀ 10 ମଧ୍ୟକୁ, ଏବଂ ଆଗକୁ ପଛକୁ ନେଇଥାଉ।

170 ବନ୍ଧୁଗଣ, "ଆସନ୍ତୁ ଆମେ ସିଦ୍ଧିଲାଭ ନିମାନତେ ଅଗ୍ରସର ହେଉ।" ଆମମାନଙ୍କର ଅଛି...ଆମେମାନେ ନୋହୁଁ...ଆମେମାନେ ଆଜି ବିନା ବାହାନାରେ ଅଟୁ। ଆମ ପାଖରେ ଆଦୌ କିଛି, ବାହାନା ନାହିଁ। ସ୍ୱର୍ଗର ପରମେଶ୍ୱର ଏହି ଶେଷ ଦିନରେ ପ୍ରକଟିତ ହୋଇଅଛନ୍ତି ଏବଂ ସେହି ସମାନ କାର୍ଯ୍ୟଗୁଡ଼ିକୁ କରୁଅଛନ୍ତି ଯାହା ସେ ସେହି ଦିନ କରିଥିଲେ, ଯେତେବେଳେ ସେ ଏହା ପୂର୍ବରୁ ଏଠାରେ ଥିଲେ, ଯେତେବେଳେ ସେ ପୃଥିବୀରେ ଥିଲେ। ସେ ପ୍ରମାଣ କରିଅଛନ୍ତି, ଯେତେବେଳେକି ଆମେମାନେ ଏହି ବାଇବଲ ଦେଇ ଆସୁଅଛୁ। ଏବଂ ଆପଣ—ଆପଣ, ଶ୍ରେଣୀ, ଏହା ଜାଣନ୍ତି, ଯେ ଆମେମାନେ ଚମତ୍କାର ପରେ ଚମତ୍କାର ନେଇଅଛୁ ଏବଂ ଚିହ୍ନ ପରେ ଚିହ୍ନ ନେଇଅଛୁ, ଏବଂ ଆଶ୍ଚର୍ଯ୍ୟକର୍ମ ପରେ ଆଶ୍ଚର୍ଯ୍ୟକର୍ମ ନେଇଅଛୁ, ଯାହା ସେ ପ୍ରାନ୍ତରରେ ସନ୍ତାନଗଣଙ୍କ ସହିତ କରିଥିଲେ, ସେହି ବିଷୟମାନ ଓ ଚିହ୍ନଗୁଡ଼ିକ ଯାହା ସେ କରିଥିଲେ; ସେହି ବିଷୟମାନ ଯାହା ସେ ପୃଥିବୀରେ ଥିବା ସମୟରେ, ଶରୀରରେ ପ୍ରକଟିତ ହୋଇଥିବା ସମୟରେ କରିଥିଲେ; ଏବଂ ଠିକ ସେହି ସମାନ ବିଷୟମାନ ଆଜି, ଆମମାନଙ୍କ ଗହଣରେ ସ୍ପଷ୍ଟ ଭାବରେ ଘଟୁଅଛି। ଏହାକୁ ପ୍ରମାଣ କରିବା ପାଇଁ ସେହି ବାକ୍ୟ ଏଠାରେ ଅଛି। ଏଠାରେ ସେହି ବିଷୟ ଅଛି ଯାହାକି ଏହାକୁ ଠିକ୍ କରିବା ପାଇଁ, ଠିକ

ବୋଲି କହିଥାଏ । ସେହି ସମାନ ବିଷୟକୁ ସାଧନ କରିବା ପାଇଁ ଏଠାରେ ପରମେଶ୍ୱରଙ୍କ ଆତ୍ମା ଅଛନ୍ତି, ତେଣୁ ଆମେମାନେ ବିନା କୌଣସି ବାହାନାରେ ଅଟୁ ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

171 ସ୍ୱର୍ଗୀୟ ପିତା, ଏହା ଦେଖି ଯେ ଆମେମାନେ ସାକ୍ଷୀମାନଙ୍କର ଏତେ ବଡ଼ ମେଘ ଦ୍ୱାରା ଆବିଷ୍ଟ ହୋଇଅଛୁ, ତାହାହେଲେ ଆସୁ ପ୍ରତ୍ୟେକ ଶବ୍ଦକୁ, ସବୁକିଛି ବିଷୟକୁ, ପ୍ରତ୍ୟେକ ଭୁଲକୁ, ପ୍ରତ୍ୟେକ ମନ୍ଦ ଶବ୍ଦକୁ, ପ୍ରତ୍ୟେକ କୁହାଯାଇଥିବା-ଖରାପ ଶବ୍ଦକୁ, ପ୍ରତ୍ୟେକ ବିଚାରକୁ ପୃଥକ କରିଦେଉ, "ଏବଂ ଆମ ସମ୍ମୁଖରେ ରଖାଯାଇଥିବା ସେହି ଦୌଡକୁ ଧୈର୍ଯ୍ୟ ସହକାରେ ଧାବମାନ ହେଉ, ପୁଣି ଆମର ବିଶ୍ୱାସର କର୍ତ୍ତା ଏବଂ ସମାପନକାରୀ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଚାହିଁ ଦୌଡୁ ।" ଓଃ ତାହାଙ୍କର ସବୁଠାରୁ ଅନନ୍ୟ ଏବଂ ପବିତ୍ର ନାମକୁ ଧନ୍ୟ ହେଉ! କିପରି ସେ ପତିତ ମନୁଷ୍ୟକୁ ମୁକ୍ତ କରିବା ପାଇଁ, ଏବଂ ସେମାନଙ୍କୁ ପ୍ରଭୁ ପରମେଶ୍ୱରଙ୍କ ସହଭାଗିତା ନିକଟକୁ ଫେରାଇ ଆଣିବା ପାଇଁ ପୃଥିବୀକୁ ଆସିଥିଲେ । ଏବଂ ଏଥିପାଇଁ ଆମେ ତାହାଙ୍କୁ ଧନ୍ୟବାଦ ଦେଉଅଛୁ । ଏବଂ ବର୍ତ୍ତମାନ ତାହାଙ୍କ ଅନୁଗ୍ରହରେ...ଆମେ ତାହାଙ୍କୁ କେବେବି ବାଛି ନ ଥିଲୁ, ମାତ୍ର ସେ ଆମକୁ ବାଛିଥିଲେ । ସେ କହିଲେ, "ତୁମେ ମୋତେ ବାଛି ନାହଁ, ମାତ୍ର ମୁଁ ତୁମମାନଙ୍କୁ ବାଛିଅଛି ।" କେବେ? "ଜଗତର ପତ୍ତନାବଧିରୁ ।"

172 ଏବଂ, ପ୍ରିୟ ପରମେଶ୍ୱର, ଯଦି ଆଜି ସକାଳେ ଏଠାରେ ଏପରି କେହି ବସି ଥାଆନ୍ତି, ଯେଉଁମାନେକି ବୋଧହୁଏ ଏହାକୁ ବର୍ଷ ବର୍ଷ ଧରି ଏଡ଼ାଇ ଦେଇଅଛନ୍ତି, ମାତ୍ର ନିରନ୍ତର ଭାବରେ ସେହି ହୃଦୟରେ ଏକ ଅଳ୍ପ ଆଘାତଟିଏ ରହିଆସୁଛି । ବୋଧହୁଏ ସେମାନେ ଏହା ଭାବି, ମଣ୍ଡଳୀରେ ଯୋଗ ଦେଇଥିଲେ ଯେ, "ତେବେ, ଏହା ଠିକ୍ ହୋଇଯିବ ।" ପିତା, ନିଶ୍ଚିତରେ, ସେହି ଶାସ୍ତ୍ର ଆଜି ସକାଳେ ଏହାକୁ ବ୍ୟାଖ୍ୟା କରିଅଛି: ଯେ ଆପଣ ଏକ ମଣ୍ଡଳୀ ପଛରେ ଲୁଚି ରହି, ଧାର୍ମିକ ହୋଇପାରିବେ ନାହିଁ; କିଅବା ଆପଣ ଭଲ ହୋଇପାରିବେ ନାହିଁ, ଆପଣ ମିଛ ନ କହି ଏବଂ ଚୋରି ନ କରି ଏବଂ କୌଣସି କିଛି ଖରାପ କାମ ନ କରି, ଏବଂ ତଥାପି ଧାର୍ମିକ ହୋଇପାରିବେ ନାହିଁ ।

173 ଆମ ପାଖରେ କେବଳ ଗୋଟିଏ ଧାର୍ମିକତା ଅଛି, ତାହା ଆମର ନିଜର ନୁହେଁ, ମାତ୍ର ତାହାଙ୍କର ଧାର୍ମିକତା ଅଟେ । ସେ ଆମର ପରିତ୍ରାଣକୁ ସିଦ୍ଧ କରିଅଛନ୍ତି । ତେଣୁକରି, ତାହାଙ୍କଠାରେ ରହି, ପରମେଶ୍ୱର ଆମର ଭୁଲଗୁଡିକୁ ଦେଖନ୍ତି ନାହିଁ । ଯେତେବେଳେ ଆମେମାନେ କିଛି ଭୁଲ୍ କରିଥାଉ, ଆମ ଭିତରେ ଏକ ଆତ୍ମା ଥାଏ, ଯିଏକି ଚିତ୍କାର କରିଥାଏ, "ହେ ପିତା, ମୋତେ କ୍ଷମା କର!" ତାହାପରେ ପରମେଶ୍ୱର ଏହାକୁ ଦେଖନ୍ତି ନାହିଁ । ଏବଂ ଏହା ଅଟେ ଯେ, ଆମେମାନେ ତାହାଙ୍କ ସହିତ ସହଭାଗୀତାରେ ଏବଂ ଅନୁଗ୍ରହରେ ଅଣା ଯାଇଥାଉ । ହେ ପ୍ରଭୁ, ଯେତେବେଳେ ଆମେମାନେ ଏହି ସେବାକୁ ସମାପନ କରୁଅଛୁ, ଖ୍ରୀଷ୍ଟଙ୍କ ନାମରେ ଏହା ପ୍ରଦାନ କର । ଆମେନ୍ ।

174 କିଛି କ୍ଷଣ ପାଇଁ, ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ । ଏଥିରେ କିଛି ଯାଏ ଆସେ

ନାହିଁ ଯେ ଆପଣ କରନ୍ତି, ଆପଣ ବିନଷ୍ଟ ଅଟନ୍ତି। ଏହାକୁ ଶୁଣନ୍ତୁ। କିଛି ସମୟ ପୂର୍ବରୁ... ହୋଇପାରେ ଯେ ମୁଁ ଏହାକୁ ପୂର୍ବରୁ କହିଥିବି। ଏଠାରେ ମୋ ସହିତ ଘଟିଥିବା ଏକ ଛୋଟ ଅନୁଭୂତି ଅଛି।

175 ମୁଁ ଉପରେ ଟୋଲେଡୋ, ଓହାୟୋରେ—ରେ ଥିଲି। ମୁଁ ଏକ ଉଦ୍ଦୀପନା ସଭାରେ ଥିଲି ଏବଂ—ଏବଂ ସେଠାରେ ତଳେ ଏକ ସଭା କରୁଥିଲି ଏବଂ ବହୁତ ଲୋକମାନେ ଥିଲେ। ସେମାନେ ଜାଣିଥିଲେ ଯେ ମୁଁ କେଉଁ ହୋଟେଲରେ ରହୁଥିଲି; ତେଣୁକରି ସେମାନେ ମୋତେ ସେଠାରୁ ବାହାର କରି ଆଭ୍ୟନ୍ତରୀଣ ଅଞ୍ଚଳକୁ ନେଇଗଲେ। ମୁଁ ସେଠାରେ ବାହାରେ, ଏକ ଛୋଟ ମୋଟେଲରେ ରହୁଥିଲି।

176 ଆମେମାନେ ଏକ ଛୋଟ ମଦ୍ୟପ ଭୋଜନାଳୟରେ ଖାଦ୍ୟ ଖାଇ ଆସୁଥିଲୁ। ଏହା ଏକ ଅଦ୍ଭୁତ ସ୍ଥାନ ଥିଲା, ସେଠାରେ ସାନ ସାନ ମହିଳାମାନେ ଥିଲେ, ଠିକ ସେତିକି ଖ୍ରୀଷ୍ଟିଆନ ଏବଂ ସାଧୁଗଣ ପରି ଦିଶୁଥିଲେ ଯେତିକି ସେମାନେ ହୋଇପାରନ୍ତି, ପରିଷ୍କାର ଏବଂ ପ୍ରକୃତରେ ସୁନ୍ଦର ଥିଲେ। ରବିବାର ଆସିଲା, ମୋତେ ଭୋକ ଲାଗିଲା। ମୁଁ ଅଳ୍ପ ଟିକିଏ ଉପବାସ ରଖିଥିଲି। ଏବଂ ମୁଁ ରାସ୍ତାର ଅନ୍ୟ ପାର୍ଶ୍ୱରେ ଆରପଟକୁ ଯିବାକୁ ଚାହିଁଲି, ଯେ ଟିକେ କିଛି ଭୋଜନ ଆଦେଶ କରେ। ଏକ କୋଣରେ ଗୋଟିଏ ଛୋଟ ରାସ୍ତା ଥିଲା, ଏବଂ ସେଠାରେ କେବଳ ଏକ ନିୟମିତ, ସାଧାରଣ, ଆମେରିକୀୟ ଭୋଜନପାନର, ସ୍ଥାନ ଥିଲା। ଛୋଟ, ଏକ ଛୋଟ ସ୍ଥାନ ଥିଲା, ଏକ ଜଳପାନ ଗୃହ, ରାତିସାରା ଖୋଲା ରହୁଥିଲା। ଯେତେବେଳେ ମୁଁ ସେହି ରବିବାର ଦିନ ସେଠାରେ ଭିତରକୁ ଗଲି, ଅପରାହ୍ଣ ପ୍ରାୟଃ ଦୁଇ ଘଟିଟାରେ, ସେହି ଦିନ ଅପରାହ୍ଣରେ ପ୍ରଚାର କରିବାକୁ ଯିବା ପୂର୍ବରୁ, ମୁଁ ଏତେ ହନ୍ତସନ୍ତ ହୋଇ ଯାଇଥିଲି, ଯେ ମୁଁ କଅଣ କରିବି ଜାଣି ନ ଥିଲି।

177 ମୁଁ ଭିତରକୁ ଗଲି, ଏବଂ ପ୍ରଥମ ବିଷୟ ଯାହା ମୁଁ ଲକ୍ଷ୍ୟ କଲି ତାହା ଜଣେ ଯୁବା ମହିଳା ଥିଲେ ଯିଏକି ପ୍ରାୟଃ ଷୋହଳ, ଅଠର ବର୍ଷ ବୟସର ହୋଇଥିବେ, କୌଣସି ବାପାଙ୍କ ପ୍ରିୟ, କୌଣସି ମାଆର ପ୍ରିୟ, ସେଠାରେ ପଛରେ ଏକ ବାଳକ ସହିତ ଠିଆ ହୋଇଥିଲେ, ଏବଂ ତାର ଅଣ୍ଟାରେ ତାର ହାତ ଦେଇଥିଲା। କିଶୋର-ବୟସର ଦଳେ ପିଲାମାନେ ସେହି—ସେହି କାଉଣ୍ଟରରେ ବସିଥିଲେ।

178 ମୁଁ ଜୁଆ ଖେଳିବାର ଏକ ସ୍ଲଟ୍ ମେସିନ୍‌ର ଶବ୍ଦକୁ ଶୁଣିଲି। *ଏଠାକୁ* ଅନାଇଲି, ଏବଂ ସେଠାରେ ଜଣେ ପୋଲିସ୍‌କର୍ମୀ ଗୋଟିଏ ସ୍ତ୍ରୀଲୋକର ଚାରିପାଖରେ, ତାଙ୍କର ହାତକୁ ଏଠାରେ ଉପରେ, ତାର ଅଣ୍ଟା ପାଖରେ ଦେଇ ଛିଡା ହୋଇଥିଲା, ଏବଂ ଜୁଆ ଖେଳିବାର ଏକ ସ୍ଲଟ୍ ମେସିନ୍‌କୁ ଖେଳୁଥିଲା। ତେବେ, ଆପଣମାନେ ଜାଣନ୍ତି ଯେ ଓହାୟୋରେ ଜୁଆ ଖେଳ ଏବଂ ସ୍ଲଟ୍ ମେସିନ୍ ବେଆଇନ୍ ଅଟେ, ଆପଣ ଏଠାରେ ଥିବା ବକଆଇ ଲୋକମାନେ ଜାଣନ୍ତି। ଏବଂ ଆପଣ ଜାଣନ୍ତି ଯେ ତାହା ବେଆଇନ୍ ଅଟେ। ଏବଂ ଏଠାରେ ସେହି ଆଇନ୍ ନିଜେ ରହିଥିଲା, ଏକ ସ୍ଲଟ୍ ମେସିନ୍ ଖେଳୁଥିଲା; ଏବଂ ମୋ ବୟସର ଜଣେ

ବ୍ୟକ୍ତି, ବୋଧହୁଏ ବିବାହିତ ହୋଇଥିବେ, ଅନେକ ସନ୍ତାନମାନେ ଥିବେ, ବୋଧହୁଏ ଏକ ଜେଜେବାପା ହୋଇଥିବେ। ଜଣେ ପୋଲିସ୍‌କର୍ମୀ, ମାର୍ଗ ପାଟ୍ରୋଲିଂ ରକ୍ଷୀ, ଏକ ସ୍ଲଟ୍ ମେସିନ୍ ଖେଳୁଥିଲେ। ସେଠାରେ ସେହି ଯୁବା ଥିଲେ...କିଶୋର-ବୟସର ପିଲାମାନଙ୍କର କଅଣ କାମ? ଏହା କଅଣ ହେଉଅଛି?

179 ମୁଁ ସେଠାରେ ଠିଆ ହେଲି। କେହିହେଲେ ମୋତେ ଭିତରକୁ ଆସୁଥିବାର ଦେଖିଲେ ନାହିଁ, ସେମାନେ ବହୁତ ଅଧିକ ବ୍ୟସ୍ତ ଥିଲେ, ସେମାନଙ୍କ ମଧ୍ୟରୁ ଅଧେ ତ ମଦ୍ୟପାନ କରିଥିଲେ। ତେଣୁ, ମୁଁ ଦେଖି ରହିଲି। ମୁଁ କାହାରିକୁ କହୁଥିବାର ଶୁଣିଲି, "ତେବେ, କଅଣ ତୁମେ ଭାବୁଛ ଯେ ସେହି ବର୍ଷା ରୁବାର୍ବ ଫଳ ଚାଷକୁ ନଷ୍ଟ କରିଦେବ?" ଏବଂ ଏଠାରେ ଆଖପାଖକୁ ଅନାଇଲି, ଏବଂ ଏଠାରେ ଜଣେ ମହିଳା ବସିଥିଲେ, ବୟସ୍କ ମହିଳା, ପ୍ରକୃତ... ସେ ପଇଁ-ଷାଠିଏ, ସତୁରି, ଏହାର ପାଖାପାଖୀ ବୟସର ଥିଲେ। ଏବଂ ସେହି ବେଚାରା ମହିଳା...ମୁଁ କାହାରିକୁ ହେଲେ ସେମାନଙ୍କର ଶ୍ରେଷ୍ଠ ଦେଖାଯିବାରେ ଦୋଷୀ କରେ ନାହିଁ। ମାତ୍ର ଯେତେବେଳେ ସେ...ସେ ନିଜକୁ ସାଜସଜ୍ଜା କରିଥିଲେ, ତାଙ୍କର କେଶକୁ ନୀଳ ରଙ୍ଗ କରିଥିଲେ, ପ୍ରକୃତ ନୀଳ-ଦିଶୁଥିଲା। ଏବଂ ତାର ଶୀର୍ଷରେ, ସମସ୍ତ କିଛି କାଟି, ଏହାକୁ ପ୍ରକୃତ ନୀଳ ରଙ୍ଗ କରିଥିଲେ। ଏବଂ ସେ ପ୍ରକୃତରେ ଏକ ଗାଢ଼ ରଙ୍ଗ ପ୍ରସାଧନ ଲଗାଇଥିଲେ, କିମ୍ବା ଆପଣ ତାହାକୁ ଯାହାକିଛି ବି କୁହନ୍ତି ଯାହାକୁ ମୁଖମଣ୍ଡଳରେ ଲଗାଯାଏ, ଏବଂ ଏକ ବଡ଼ ବଡ଼ ଦାଗଗୁଡିକ ରହିଥିଲା। ଏବଂ ସେ ଛୋଟ ଜାମା ସର୍ଟ ପିନ୍ଧିଥିଲେ, ଏବଂ ସେହି ବେଚାରା ବୃଦ୍ଧା ମହିଳାଜଣକ ଏତେ କୁଞ୍ଚିତ ହୋଇଯାଇଥିଲେ ଯେ ମାଂସ, ପୁଳାଏ ଦିଶୁଥିଲା, ଯେ ତାଙ୍କ ଗୋଡ ଉପରେ ସେହି ପ୍ରକାରେ ମାଂସ ଝୁଲି ରହିଥିଲା। ଏବଂ ସେ ମଦ୍ୟପାନ କରିଥିଲେ। ସେ ସେଠାରେ ଜଣେ ବୃଦ୍ଧ ଲୋକଙ୍କ ସହିତ ବସିଥିଲେ, ଏବଂ ଏହା ଗ୍ରୀଷ୍ମ ସମୟରେ, ଏହି ପୁରୁଣା, ଧୂସର ବର୍ଣ୍ଣର ସୈନିକମାନଙ୍କର ଅଙ୍ଗରଖା ମଧ୍ୟରୁ ଗୋଟିଏ, କିମ୍ବା ହରିତ ସମ୍ପୂର୍ଣ୍ଣ ପୋଷାକ ପିନ୍ଧିଥିଲେ। ଏହା ସେହିପରି ଭାବରେ ଝୁଲି ରହିଥିଲା, ଏବଂ ତାଙ୍କ ବେକର ଚାରିଆଡ଼େ ଏକ ବଡ ସ୍କାର୍ଫ ରହିଥିଲା। ସେମାନେ ଉଭୟ ଦୁଇ ଜଣଯାକ, ମଦ ପିଇଥିଲେ, ଏବଂ ସେମାନେ ଏହି ବେଚାରା ବୃଦ୍ଧା ସ୍ତ୍ରୀଲୋକ ସହିତ ଥିଲେ।

180 ମୁଁ ସେଠାରେ ଠିଆ ହୋଇ ଚାରିପାଖକୁ ଅନାଇଲି। ମୁଁ କହିଲି, "ହେ ପରମେଶ୍ୱର, ତୁମେ ଏହାକୁ କିପରି ଭାବରେ ସହ୍ୟ କରିପାର? କଅଣ—କଅଣ...ତୁମେ ଏହିପରି ବିଷୟକୁ କିପରି ଭାବରେ ଦୃଷ୍ଟି କରିଥାଅ? ଯେତେବେଳେକି, ଏହା ମୋତେ, ଅନୁଗ୍ରହ ଦ୍ୱାରା ଉଦ୍ଧାର ପାଇଥିବା ଜଣେ ପାପୀକୁ ସେହି ପ୍ରକାର, ଚିନ୍ତା କରିବାକୁ ପ୍ରବର୍ତ୍ତାଇଥାଏ, ତୁମେ କିପରି—ତୁମେ କିପରି ଭାବରେ ଏହାକୁ ଦେଖିପାର? କାହିଁକି, ଏହା ତ ଏହିପରି ଭାବରେ ଦିଶେ ଯେପରିକି ତୁମେ ସେହି ବିଷୟକୁ ବିସ୍ଫୋଟ କରିଦେବ। କଅଣ ମୋର ସାନ ରିବିକା ଏବଂ ସାରାଙ୍କୁ ସେହି ପ୍ରକାରର ଏକ ପ୍ରଭାବରେ ଗତି କରିବାକୁ ପଡିବ କି? କଅଣ ମୋର ଦୁଇ ସାନ ଝିଅଙ୍କୁ ଏକ—ଏକ ଲୋକପ୍ରିୟ, ଏତେ ଜଣାଶୁଣା, ଏହି ଜଗତକୁ ଯେପରିକି ତାହା ଅଛି ସମ୍ମୁଖୀନ ହେବାକୁ ପଡିବ କି, ଯେଉଁଠାରେ ଲୋକମାନେ ସେହିପରି ଭାବରେ ଆଚରଣ

କରନ୍ତି? ହେ ପରମେଶ୍ୱର, ମୁଁ କିପରି ବା କେବେ କରିପାରେ...ମୁଁ କଅଣ କରିପାରେ?"

ଅବଶ୍ୟ, ଏହା ତାହାଙ୍କର ଅନୁଗ୍ରହ ଅଟେ ଯଦି ସେମାନେ ଅନନ୍ତ ଜୀବନ ପାଇଁ ନିଯୁକ୍ତ ହୋଇଥାଆନ୍ତି, ତେବେ ସେମାନେ ତାହା ନିକଟକୁ ଆସିବେ । ଯଦି ସେମାନେ ନ ଥାଆନ୍ତି, ସେମାନେ ଆସିବେ ନାହିଁ । ମୁଁ ଜାଣେ ନାହିଁ । ତାହା ପରମେଶ୍ୱରଙ୍କ ଉପରେ ନିର୍ଭର କରେ । ମୁଁ ମୋର ଅଂଶ କରିବି ।

181 ମୁଁ ଭାବିଲି, "ହେ ପରମେଶ୍ୱର, ତୁମେ ଏହାକୁ କିପରି ସହ୍ୟ କରିପାର? ଏପରି ଦେଖାଯାଏ ଯେ ତୁମେ ଏତେ ପବିତ୍ର ଅଟ ଯେ ତୁମେ ସେହି ବିଷୟକୁ ହିଁ ଏହି ପୃଥିବୀ ପୃଷ୍ଠରୁ ବିନାଶ କରିଦେବ ।" ମୁଁ କହିଲି, "ସେଠାରେ ବସିଥିବା ସେହି ବେଚାରା ଜେଜେମାକୁ ଦେଖ । ସେଠାରେ ବସିଥିବା ସେହି ଯୁବା ଝିଅକୁ ଦେଖ । ଏବଂ ଏଠାରେ ଜଣେ ସ୍ତ୍ରୀଲୋକ ଠିଆ ହୋଇଛନ୍ତି, ବୋଧହୁଏ ପଚି-ଶ ବର୍ଷ ବୟସ ହୋଇଥିବ । ଏବଂ ସେହି ପୋଲିସ୍‌କର୍ମୀ ତାଙ୍କ ଅଣ୍ଟାରେ ହାତ ଦେଇ, ଏକ ସ୍ଲଟ୍ ମେସିନ୍ ଖେଳୁଅଛି । ଏବଂ *ସେଠାରେ* ଆଇନ୍ ବ୍ୟବସ୍ଥା ଅଛି; ଏହି ରାଷ୍ଟ୍ର ବିନଷ୍ଟ ଅଟେ । *ସେଠାରେ* ସେହି ମାତୃତ୍ୱ ବିନଷ୍ଟ ଅଟେ । *ଏଠାରେ* ଏହି ପ୍ରାଚୀନ ବିନଷ୍ଟ ଅଟନ୍ତି । ଏବଂ *ସେଠାରେ* ଜଣେ ଯୁବା ଝିଅ ପଛରେ ବସିଅଛନ୍ତି, ଏବଂ ସେ ବିନଷ୍ଟ ଅଟେ । ସେହି ବାଳକମାନଙ୍କୁ ଦେଖ, ଯେତେବେଳେକି ସେମାନେ ଗୀର୍ଜାରେ କିମ୍ବା କୌଣସି ସ୍ଥାନରେ ରହିବା ଉଚିତ୍ ।"

182 ମୁଁ କହିଲି, "ହେ ପରମେଶ୍ୱର, ମୁଁ କଅଣ କରିପାରେ? ଏବଂ ଏଠାରେ ମୁଁ ଏହି ସହରରେ ଅଛି, ମୋର ସମସ୍ତ ହୃଦୟ ସହିତରେ କାନ୍ଦୁଅଛି, ଏବଂ ସେମାନେ ଏହାକୁ ଅଣଦେଖା କରି ଦିଅନ୍ତି ଏବଂ ଏପରି ଚାଲି ଯାଆନ୍ତି ସତେ ଯେପରିକି ସେମାନେ..." ମୁଁ ଭାବିଲି, "ତେବେ, ପରମେଶ୍ୱର?"

183 ତେବେ, ସେତେବେଳେ ଏକ ଚିନ୍ତା ଆସିଲା, "ଯଦି ମୁଁ ସେମାନଙ୍କୁ ଡାକି ନାହିଁ, ତେବେ ସେମାନେ କିପରି ଆସିପାରନ୍ତି? ପିତା ଯେସମସ୍ତଙ୍କୁ ମୋତେ ଦେଇଛନ୍ତି ସେମାନେ ଆସିବେ । 'ତୁମର ଆଖି ଅଛି ମାତ୍ର ତୁମେ ଦେଖିପାର ନାହିଁ, କାନ ଅଛି ଏବଂ ତୁମେ ଶୁଣିପାର ନାହିଁ ।'"

184 ମୁଁ ଭାବିଲି, "ତେବେ, ଯଦି ସେହି ଉଦ୍ଦୀପନା ବଦଳରେ ରାଷ୍ଟ୍ରପତି ସହରକୁ ଆସନ୍ତେ, ତେବେ ସମସ୍ତେ ବାହାରି ଆସିବେ । ଓଃ, ନିଶ୍ଚିତରେ, ତାହା ସାଂସାରିକ ଅଟେ ।"

185 ତାହାପରେ ମୁଁ ଭାବିବାକୁ ଲାଗିଲି, "ତେବେ, ପରମେଶ୍ୱର, କିପରି, କାହିଁକି ତୁମେ କେବଳ ଚାଲି ଯାଉ ନାହଁ, ଆସି ଯାଉ ନାହଁ, ଯୀଶୁଙ୍କୁ କେବଳ ପଠାଇ ଦେଇ ଏହାକୁ ସମାପ୍ତ କରିଦେଉ ନାହଁ? କଅଣ କେବଳ—କେବଳ ଯାଇ ଏହାକୁ ସବୁ ସମାପ୍ତ କରି ଦେବ ନାହଁ କି, ଏବଂ ଏହାକୁ ଛାଡି ଦେବ ନାହିଁ କି?"

186 ତାହାପରେ ମୁଁ ମୋ ସମ୍ମୁଖରେ କିଛି ଗୋଟାଏ ବିଷୟକୁ ଗତି କରୁଥିବାର ଦେଖିବାକୁ ଆରମ୍ଭ କଲି । ଏହା ଏକ ଛୋଟ ଘୂର୍ଣ୍ଣିବାତ୍ୟା ଏହିପରି ଭାବରେ ଚାରିପାଖରେ ବୁଲୁଥିବାର

ଦେଖାଯାଉଥିଲା । ମୁଁ ଏହାକୁ ଦେଖି ରହିଲି । ମୁଁ ଦେଖିଲି ଯେ ପୃଥିବୀଟି ଘୁରି ବୁଲୁଛି ଓ ଘୁରି ବୁଲୁଛି । ମୁଁ ଏହାକୁ ଦେଖିଲି, ଏବଂ ଯେଉଁଠାରେ ଏହା କିଛି ଗୋଟାଏ ଛିଞ୍ଚଣ କରୁଥିଲା । ମୁଁ ଅନାଇଲି, ଏବଂ ଏହା ଲାଲ୍ ରଙ୍ଗର, ନାଲି ବର୍ଣ୍ଣ ରକ୍ତକୁ, ସମଗ୍ର ବିଶ୍ୱରେ, ଚାରିଆଡ଼େ ଛିଞ୍ଚଣ କରୁଥିଲା; ଠିକ ଯେପରି ଏକ ଘୂର୍ଣ୍ଣିବାତ୍ୟା, ଏକ ଉଲ୍କା ପିଣ୍ଡ ପରି ଘୁରି ବୁଲୁଥାଏ, ଏବଂ ଏହାର ଏହିପରି ଭାବରେ ଏକ ଘୂର୍ଣ୍ଣୟନ ରହିଥିଲା । ଏବଂ ମୁଁ ଏହି ଘୂର୍ଣ୍ଣୟନକୁ ଦେଖିଲି । ଏବଂ ଠିକ ଏହାର ଉପରେ, ମୁଁ ଯୀଶୁଙ୍କୁ ଦର୍ଶନରେ ଦେଖିଲି । ସେ ତଳକୁ ଅନାଉଥିଲେ । ଏବଂ ମୁଁ ନିଜକୁ ଏଠାରେ ତଳେ ପୃଥିବୀ ଉପରେ ଛିଡା ହୋଇଥିବାର ଦେଖିଲି, ଓ ସେହି ବିଷୟ ସବୁ କରୁଥିବାର ଦେଖିଲି ଯାହା ମୁଁ କରିବା ଉଚିତ୍ ନୁହେଁ । ଏବଂ ପ୍ରତ୍ୟେକ ଥର ଯେତେବେଳେ ମୁଁ ପାପ କଲି, ପରମେଶ୍ୱର ମୋତେ ମାରି ଦେଇଥାଆନ୍ତେ, "କାରଣ, ଯେଉଁ ଦିନ ତୁମେ ଏଥିରୁ ଖାଇବ, ତୁମେ ମରିବ ।" ଏବଂ ପରମେଶ୍ୱରଙ୍କ ପବିତ୍ରତା ଏବଂ ନ୍ୟାୟ ଆବଶ୍ୟକ କରିଥିଲା, ଏବଂ ଆପଣଙ୍କୁ ମରିବାକୁ ଥିଲା । ଏବଂ ତାହାପରେ ମୁଁ ସେଠାରେ ଅନାଇଲି । ମୁଁ ମୋର ଆଖି ଘଷି ରହିଲି । ମୁଁ କହିଲି, "ମୁଁ ନୁହେଁ...ମୁଁ କଦାପି ଶୋଇବାକୁ ଗଲି ନାହିଁ । ମୁଁ...ଏହା ତ ଏକ ଦର୍ଶନ ଅଟେ । ମୁଁ ନିଶ୍ଚିତ ଯେ ଏହା ଏକ ଦର୍ଶନ ଅଟେ ।"

187 ମୁଁ କବାଟ ପଛରେ ଠିଆ ହୋଇ, ଚାହିଁ ରହିଲି । ଏବଂ ମୁଁ ମୋର ନିଜ ପାପଗୁଡ଼ିକୁ ଉପରକୁ ଦୃଶ୍ୟରେ ଆସୁଥିବାର ଦେଖିଲି । ଏବଂ ପ୍ରତ୍ୟେକ ଥର ଯେତେବେଳେ ସେମାନେ ସିଂହାସନକୁ ଧକ୍କା ଦେବାକୁ ଆରମ୍ଭ କରନ୍ତି, ତାହାଙ୍କ ରକ୍ତ ଏକ କାରରେ ଥିବା ଗୋଟିଏ ଅବରୋଧକ ଭଳି କାମ କରେ । ଏହା ତାହାକୁ ଧରି ପକାଏ, ଏବଂ ମୁଁ ଏହାକୁ କମ୍ପୁଥିବାର ଦେଖେ, ଏବଂ ରକ୍ତ ତାହାଙ୍କ ମୁହଁ ଦେଇ ତଳକୁ ଝରିଯାଏ । ଏବଂ ମୁଁ ତାହାଙ୍କୁ ନିଜର ହାତ ଉଠାଇ, ଏହା କହୁଥିବାର ଦେଖିଲି, "ପିତା, ତାଙ୍କୁ କ୍ଷମା କର, ସେ କଅଣ କରୁଛନ୍ତି ଜାଣନ୍ତି ନାହିଁ ।"

188 ମୁଁ ନିଜକୁ ଅନ୍ୟ କିଛି କରୁଥିବାର ଦେଖିଲି, ଏହା ତାହାଙ୍କୁ ପୁଣି ଥରେ ଆଗାତ୍ କରି, ଦୋହଲାଇ ଦେଲା । ଏହା ହୋଇଥାଆନ୍ତା, ପରମେଶ୍ୱର ମୋତେ ଠିକ ସେତେବେଳେ ହିଁ ମାରି ଦେଇଥାନ୍ତେ, ମାତ୍ର ତାହାଙ୍କ ରକ୍ତ ମୋତେ ଧରିଥିଲା । ଏହା ମୋର ପାପକୁ ଧରି ରହିଥିଲା । ମୁଁ ଭାବିଲି, "ହେ ପରମେଶ୍ୱର, କଅଣ ମୁଁ ତାହା କଲି କି? ନିଶ୍ଚିତରେ ଏହା ମୁଁ ନ ଥିଲି ।" କିନ୍ତୁ ଏହା ଥିଲା ।

189 ତାହାପରେ ମୁଁ ଏହିପରି ଭାବରେ ଚାଲିବାକୁ ଗଲି, ଯେପରିକି ମୁଁ ସେହି କୋଠରୀ ଦେଇ ଯାଉଅଛି, ଏବଂ ମୁଁ ତାହାଙ୍କ ନିକଟକୁ ଗଲି । ମୁଁ ସେଠାରେ ଏକ ବହି ପଡ଼ି ରହିଥିବାର ଦେଖିଲି, ତାହା ଉପରେ ମୋର ନାମ ରହିଥିଲା ଏବଂ ତାହା ଉପରେ ସମସ୍ତ ପ୍ରକାରର କଳା ଅକ୍ଷରଗୁଡ଼ିକ ଲେଖା ହୋଇଥିଲା । ମୁଁ କହିଲି, "ପ୍ରଭୁ, ମୁଁ ଦୁଃଖିତ ଯେ ମୁଁ ଏହା କଲି । କଅଣ ମୋର ପାପ ତୁମକୁ ଏହିପରି କରାଇଲା କି? କଅଣ ମୁଁ ତୁମର ରକ୍ତକୁ ସାରା ବିଶ୍ୱରେ ଛିଞ୍ଚି ଘୁରାଇଥିଲି କି? ପ୍ରଭୁ, କଅଣ ମୁଁ—କଅଣ ମୁଁ ତୁମ ପ୍ରତି ଏହା କଲି କି? ମୁଁ ବହୁତ ଦୁଃଖିତ ଯେ ମୁଁ ଏହା କଲି ।" ଏବଂ ସେ ଆପଣା ବାହୁଦ୍ୱୟ ବିସ୍ତାର କଲେ । ମୁଁ କହିଲି, "କଅଣ ତୁମେ ମୋତେ

କ୍ଷମା କରିବ କି? ମୋର ଅଭିପ୍ରାୟ ନ ଥିଲା। ମୁଁ...ତୁମେ, ତୁମର ଅନୁଗ୍ରହ ଦ୍ୱାରା, ଯଦି ତୁମେ ମୋତେ ସାହାଯ୍ୟ କରିବ ତେବେ ମୁଁ ଏକ ଭଲ ବାଳକ ହେବାକୁ ଚେଷ୍ଟା କରିବି।"

190 ସେ ନିଜର ହାତ ନେଇ ଆପଣା ପାର୍ଶ୍ୱରେ ଥପଥପାଇଲେ, ନିଜର ଆଙ୍ଗୁଠିରେ ମୋ ପୁସ୍ତକ ଉପରେ "କ୍ଷମା କରାଗଲା" ବୋଲି ଲେଖିଲେ; ଏହାକୁ ତାହାଙ୍କ ପଛ ପଟରେ, ବିସ୍ମୃତିର ସାଗରରେ ଫୋପାଡି ଦେଲେ। ମୁଁ ଏହାକୁ ଅଳ୍ପ ଟିକିଏ ଅନାଇଲି। ଏବଂ ସେ କହିଲେ, "ବର୍ତ୍ତମାନ, ମୁଁ ତୁମକୁ କ୍ଷମା କଲି, କିନ୍ତୁ ତୁମେ ସେହି ସ୍ତ୍ରୀକୁ ନିନ୍ଦା କରିବାକୁ ଚାହୁଁଥିଲ।" ବୁଝିଲେ? କହିଲେ, "ତୁମେ ତ କ୍ଷମା କରାଗଲ, କିନ୍ତୁ ସେହି ସ୍ତ୍ରୀଙ୍କ ବିଷୟରେ କଅଣ? ତୁମେ ତାଙ୍କୁ ଭର୍ତ୍ସନା କରିବାକୁ ଚାହୁଁଥିଲ। ତୁମେ ଚାହୁଁ ନ ଥିଲ ଯେ ସେ ବଞ୍ଚନ୍ତୁ।"

191 ମୁଁ ଭାବିଲି, "ହେ ପରମେଶ୍ୱର, ମୋତେ କ୍ଷମା କର। ମୋର ସେହିପରି ଭାବିବାର ଅଭିପ୍ରାୟ ନ ଥିଲା। ମୁଁ ତାହା କରିବାକୁ ଚାହୁଁ ନ ଥିଲି। ମୁଁ—ମୁଁ—ମୁଁ ତାହା କରିବାକୁ ଚାହୁଁ ନ ଥିଲି।"

192 "ତୁମେ କ୍ଷମା କରାଗଲ। ତୁମେ ଠିକ୍ ଅନୁଭବ କରୁଅଛ। କିନ୍ତୁ ତାଙ୍କ ବିଷୟରେ କଅଣ? ସେ ମଧ୍ୟ, ଏହା ଆବଶ୍ୟକ କରନ୍ତି। ସେ ଏହାର ପ୍ରୟୋଜନ କରନ୍ତି।"

193 "ତେବେ," ମୁଁ ଭାବିଲି, "ପରମେଶ୍ୱର, ମୁଁ କିପରି ଜାଣିବି ଯେ ତୁମେ କାହାକୁ ଡାକିଅଛ, ଏବଂ ତୁମେ କାହାକୁ ଡାକି ନାହିଁ?" ତେବେ ମୋର କାମ ହେଉଛି ସମସ୍ତଙ୍କୁ କଥା କହିବା।

194 ତେଣୁକରି, ଯେତେବେଳେ ସେହି ଦର୍ଶନ ମୋତେ ଛାଡି ଚାଲିଗଲା, ମୁଁ ସେହି ସ୍ତ୍ରୀଲୋକଙ୍କ ପାଖକୁ ଚାଲିକରି ଗଲି। ମୁଁ କହିଲି, "ମହିଳା, ଆପଣ କେମିତି ଅଛନ୍ତି?" ଏବଂ ସେହି ଦୁଇ ପୁରୁଷମାନେ ବିଶ୍ରାମ କକ୍ଷକୁ ଚାଲି ଯାଇଥିଲେ। ଏବଂ ସେମାନେ...ସେହି ସ୍ତ୍ରୀଲୋକ ସେଠାରେ ବସିଥିଲେ, ହାକୁଡି ମାରୁଥିଲେ, ଆପଣ ଜାଣନ୍ତି, ହସୁଥିଲେ। ତେବେ ସେହି ମେଜ ଉପରେ ୱିସ୍କି ମଦ ବୋତଲ, କିମ୍ବା ବିୟର ବୋତଲ ରଖା ଯାଇଥିଲା, ଏହା ସେଠାରେ, ମଦ ରଖା ଯାଇଥିଲା, ଯେଉଁଠାରେକି ସେମାନେ ମଦ୍ୟପାନ କରୁଥିଲେ। ମୁଁ ଚାଲି କରି ଗଲି। ମୁଁ କହିଲି, "ଆପଣ କେମିତି ଅଛନ୍ତି?"

ଏବଂ ସେ କହିଲେ, "ଓଃ, ହେଲୋ।"

ଏବଂ ମୁଁ କହିଲି, "କଅଣ ମୁଁ ବସିପାରେ କି?"

ସେ କହିଲେ, "ଓଃ, ମୋର ସାଥୀମାନେ ଅଛନ୍ତି।"

ମୁଁ କହିଲି, "ଭଉଣୀ, ମୋର ସେହି ପ୍ରକାରେ କହିବାର ଅଭିପ୍ରାୟ ନ ଥିଲା।"

ମୁଁ ଯେତେବେଳେ ତାଙ୍କୁ "ଭଉଣୀ" ବୋଲି ଡାକିଲି ସେ ମୋତେ ଅନାଇଲେ। ସେ କହିଲେ, "ଆପଣ କଅଣ ଚାହାଁନ୍ତି?"

ମୁଁ କହିଲି, "କଅଣ ମୁଁ ମାତ୍ର ଗୋଟିଏ ମିନିଟ୍ ପାଇଁ ବସିପାରିବି କି?"

ସେ କହିଲେ, "ନିଜକୁ ସହଜ କରନ୍ତୁ।" ଏବଂ ମୁଁ ବସି ପଡ଼ିଲି।

ମୁଁ ତାଙ୍କୁ କହିଲି ଯେ କଅଣ ଘଟିଥିଲା । ସେ କହିଲେ, "ଆପଣଙ୍କର ନାମ କଅଣ?"

ଆଉ ମୁଁ କହିଲି, "ବ୍ରାନହାମ୍ ।"

ସେ କହିଲେ, "କଅଣ ଆପଣ ହିଁ ସେହି ବ୍ୟକ୍ତି ଯିଏକି ଏଠାରେ ତଳେ ଏହି ମଞ୍ଚରେ ଅଛନ୍ତି?"

ମୁଁ କହିଲି, "ହଁ, ମହୋଦୟା ।"

195 ସେ କହିଲେ, "ମୁଁ ସେଠାରେ ତଳକୁ ଆସିବାକୁ ଚାହୁଁଥିଲି ।" ସେ କହିଲେ, "ଶ୍ରୀମାନ ବ୍ରାନହମ୍, ମୁଁ ଗୋଟିଏ ଖ୍ରୀଷ୍ଟିଆନ ପରିବାରରେ ପାଳିତ ହୋଇଥିଲି ।" ସେ କହିଲେ, "ମୋର ଦୁଇଟି ଯୁବା ଝିଅମାନେ ଅଛନ୍ତି ଯେଉଁମାନେକି ଖ୍ରୀଷ୍ଟିଆନ ଅଟନ୍ତି । ମାତ୍ର ନିର୍ଦ୍ଦିଷ୍ଟ, କିଛି ନିର୍ଦ୍ଦିଷ୍ଟ ବିଷୟଗୁଡିକ ଘଟିଥିଲା," ଏବଂ ସେ ଭୁଲ୍ ରାସ୍ତାରେ ଚାଲିଗଲେ, କିମ୍ଵା ଯିବାକୁ ଆରମ୍ଭ କଲେ ।

196 ମୁଁ କହିଲି, "ମାତ୍ର, ଭଉଣୀ, ମୋର କିଛି ଫରକ୍ ପଡେ ନାହିଁ, ସେହି ରକ୍ତ ଏବେ ସୁଦ୍ଧା ଆପଣଙ୍କ ଚାରିପାଖରେ ଅଛି । ଏହି ଜଗତ ରକ୍ତରେ ଆଚ୍ଛାଦିତ ଅଟେ ।" ଯଦି ତାହା ନ ଥାଆନ୍ତା, ତେବେ ପରମେଶ୍ଵର ଆମ ପ୍ରତ୍ୟେକଙ୍କୁ, ମାରି ପକାଇଥାନ୍ତେ । ସେ... ଯେତେବେଳେ ସେହି ରକ୍ତ ଘୁଞ୍ଚିଯାଏ, ବିଚାର ଅପେକ୍ଷାରେ ରହିଥାଆନ୍ତୁ । ମାତ୍ର ବର୍ତ୍ତମାନ, ଯଦି ଆପଣ ସେହି ରକ୍ତ ବିନା ମରିଯାଆନ୍ତି, ଆପଣ ସେହି ସ୍ଥାନକୁ ପାର କରି ଚାଲିଯାଆନ୍ତି, ତାହାପରେ ସେଠାରେ ଆପଣଙ୍କ ପାଇଁ କାର୍ଯ୍ୟ କରିବା ହେତୁ ଆଉ କିଛି ହେଲେ ନ ଥାଏ । ଆଜି ସେହି ରକ୍ତ ଆପଣଙ୍କ ବଦଳରେ କାର୍ଯ୍ୟ କରିଥାଏ । ମୁଁ କହିଲି, "ମହିଳା, ନିଶ୍ଚିତରେ, ଏବେ ସୁଦ୍ଧା ରକ୍ତ ଆପଣଙ୍କୁ ଆଚ୍ଛାଦିତ କରି ରଖିଛି । ଯେପର୍ଯ୍ୟନ୍ତ ଆପଣଙ୍କ ଶରୀରରେ ନିଶ୍ଵାସ ରହିଅଛି, ରକ୍ତ ଆପଣଙ୍କୁ ଆଚ୍ଛାଦନ କରି ରଖିଅଛି । ମାତ୍ର କୌଣସି ଦିନେ ଯେତେବେଳେ ନିଶ୍ଵାସ ଏଠାରେ ଛାଡି ଚାଲିଯାଏ, ପ୍ରାଣ ବାହାରି ଯାଏ, ଆପଣ ସେହି ରକ୍ତକୁ ଅତିକ୍ରମ କରି ଚାଲିଯିବେ, ଏବଂ ସେଠାରେ ବିଚାର ବ୍ୟତୀତ ଆଉ କିଛି ବାକି ରହେ ନାହିଁ । ଯେତେବେଳେ ଆପଣଙ୍କ ପାଖରେ କ୍ଷମା ନିମନ୍ତେ ଏକ ସୁଯୋଗ ରହିଅଛି..." ଏବଂ ମୁଁ ତାଙ୍କୁ ହାତରେ ଧରିଲି ।

197 ସେ କାନ୍ଦୁଥିଲେ, କହିଲେ, "ଶ୍ରୀମାନ ବ୍ରାନହାମ୍, ମୁଁ ମଦ୍ୟପାନ କରୁଅଛି ।"

198 ମୁଁ କହିଲି, "ତାହା କୌଣସି କ୍ଷତି କରେ ନାହିଁ । *କିଛି ଗୋଟାଏ-ଅନ୍ୟ ବିଷୟ* ମୋତେ ଯାଇ ଆପଣଙ୍କୁ କହିବା ପାଇଁ ଚେତାବନୀ ଦେଇଅଛି ।" ମୁଁ କହିଲି, "ଭଉଣୀ, ଜଗତ ପତ୍ତନାବଧିରୁ, ପରମେଶ୍ଵର, ଆପଣଙ୍କୁ ଡାକିଅଛନ୍ତି । ଏବଂ ଆପଣ ଭୁଲ୍ କରୁଅଛନ୍ତି, ଏବଂ ଆପଣ କେବଳ ଏହାକୁ ଆହୁରି ଅଧିକ ଖରାପ କରୁଅଛନ୍ତି ।"

199 ସେ କହିଲେ, "କଅଣ ଆପଣ ଭାବୁଛନ୍ତି ଯେ ସେ ମୋତେ ଗ୍ରହଣ କରିବେ?"

200 ମୁଁ କହିଲି, "ଅବିକଳ ଭାବରେ, ସେ ଆପଣଙ୍କୁ ଗ୍ରହଣ କରିବେ ।"

201 ସେଠାରେ ସେ ନିଜର ଆଣ୍ଠୁରେ ବସି ପଡ଼ିଲେ, ଆମେ ସେହି ଚଟାଣର ମଝିରେ ଆଣ୍ଠୁପାତ କଲୁ, ଏବଂ ଏକ ପୁରୁଣା-କାଳିଆ ପ୍ରାର୍ଥନା ସଭା ହେଲା । ସେହି ପୋଲିସ ତାଙ୍କ ଟୋପି କାଢି ଗୋଟିଏ ଆଣ୍ଠୁରେ ପ୍ରଣିପାତ କଲେ । ସେଠାରେ ସେହି ସ୍ଥାନରେ, ଆମର ଏକ ପ୍ରାର୍ଥନା ସଭା ହେଲା । କାହିଁକି? ପରମେଶ୍ୱର ସାର୍ବଭୌମ ଅଟନ୍ତି ।

"ଏହି ମୃତ କର୍ମଗୁଡ଼ିକୁ ଗୋଟିଏ ପଟକୁ ପୃଥକ କରି, ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ ।"

202 ଆସନ୍ତୁ ଆମେମାନେ ସେହି ପରିସର ମଧ୍ୟକୁ ଯିବା ଯେଉଁଠାରେକି ଏଗୁଡିକ, "ମୁଁ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ; ମୁଁ *ସେଥିରେ* ଅନ୍ତର୍ଭୁକ୍ତ ଅଟେ," ତାହା ସବୁ ସମାପ୍ତ ହୋଇଯାଇଛି । ଏବଂ ଆସନ୍ତୁ ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ ।

203 ମୋର ପାପୀ ବନ୍ଧୁ, ଯଦି ଆପଣ ଆଜି ରକ୍ତ ବିନା ରହିଛନ୍ତି, ପରିତ୍ରାଣ ବିନା ରହିଛନ୍ତି, ଅନୁଗ୍ରହ ବିନା ରହିଛନ୍ତି, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆପଣଙ୍କୁ ଧରି ରଖିଛି । ଆପଣ କୁହନ୍ତି, "ତେବେ, ମୁଁ ଏହି ସବୁ ସମୟରେ ରକ୍ଷା ପାଇ ଯାଇଅଛି ।" ମାତ୍ର ଗୋଟିଏ ଦିନେ ଆପଣ ସେଠାକୁ ଯାଉଅଛନ୍ତି ଯେଉଁଠାରେକି କୌଣସି ହେଲେ ବିଷୟ ଆପଣଙ୍କ ପାଇଁ ସେତେବେଳେ କାର୍ଯ୍ୟ କରିବ ନାହିଁ ।

ଆସନ୍ତୁ ବର୍ତ୍ତମାନ ପ୍ରାର୍ଥନା କରିବା, ଯେତେବେଳେକି ଆମେମାନେ ନିଜର ମସ୍ତକଗୁଡିକୁ ନତ କରିଅଛୁ ।

204 ଆଜି ଏଠାରେ, କଅଣ, ଏପରି କେହି ଜଣେ ଅଛନ୍ତି ଯିଏକି କହିବାକୁ ଚାହିଁବେ, "ହେ ପରମେଶ୍ୱର ମୋ ପ୍ରତି ଦୟା କର, ମୁଁ ଅନୁଭବ କରେ ଯେ ମୁଁ ଭୁଲ୍ କରିଅଛି"? ବୋଧହୁଏ ଆପଣ ମଣ୍ଡଳୀରେ ଯୋଗଦାନ କରିଛନ୍ତି । ତାହା ଠିକ୍ ଅଟେ । ମାତ୍ର ଯଦି ଆପଣ ଖ୍ରୀଷ୍ଟଙ୍କ କୃପା ପାଇ ନାହାଁନ୍ତି, ତେବେ କଅଣ ଆପଣ ନିଜର ତୁମେ ହାତ ଉଠାଇ, କହିବେ କି, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରନ୍ତୁ"? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହିଳା । ତାହା ଠିକ୍ । କରନ୍ତୁ ନାହିଁ… ମହାଶୟ, ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ, ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ, ଏବଂ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପଛରେ ସେଠାରେ ପଛରେ, ହଁ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ନିଜର ହାତ ଉଠାନ୍ତୁ । ତାହା ଠିକ୍ । କେବଳ ନିଜର ହାତକୁ ଉପରକୁ କରନ୍ତୁ, ଏବଂ କୁହନ୍ତୁ, "ହେ ପରମେଶ୍ୱର, ମୋ ପ୍ରତି ଦୟା କର ।"

205 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ । ହଁ, ମୁଁ—ମୁଁ ଭଲ ହେବାକୁ ଚେଷ୍ଟା କରିଛି, କିନ୍ତୁ ମୁଁ ଜାଣେ ନାହିଁ, ମୋତେ କେବଳ ଲାଗୁଛି, ଏପରି ଦେଖାଯାଉଛି, ମୁଁ ଏହା କରିପାରେ ନାହିଁ ।" ହେ, ବେଚାରା ତୀର୍ଥଯାତ୍ରୀ, ଦୀନହୀନ ଦୁର୍ବଳ ବନ୍ଧୁ, ଆପଣ ପ୍ରକୃତରେ ଏଯାଏଁ କଦାପି ସେହି ଦର୍ଶନକୁ ଦେଖିନାହାଁନ୍ତି ।

206 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ଉଚ୍ଚ ପାଟିରେ ଚିତ୍କାର କରିଅଛି । ମୁଁ ପରଭାଷାରେ କଥା କହିଅଛି । ମୁଁ ଏହିସବୁ ବିଷୟ କରିଅଛି ।" ତାହା ମଧ୍ୟ, ସତ ହୋଇ ଥାଇପାରେ । ତାହା ସବୁ ଠିକ ଅଛି, ତାହା ବିରୁଦ୍ଧରେ କିଛି ହେଲେ କହିବାର ନାହିଁ ।

ମାତ୍ର, ହେ ମୋର ପ୍ରିୟ, ଦିଗହରା ବନ୍ଧୁ, କିନ୍ତୁ, ପରଭାଷାରେ କଥା କହିବା, କିମ୍ଵା ଦୋହଲାଇବା, କିମ୍ଵା ହାତ ମିଶାଇବା, କିମ୍ଵା ବାପ୍ତିଜିତ ହେବା, ତାହା, ତାହା ସବୁ ଠିକ୍ ଅଟେ । ମାତ୍ର, ତାହାଙ୍କୁ ଜାଣିବା, ହେଉଛି ଜଣେ ବ୍ୟକ୍ତିଙ୍କୁ ଜାଣିବା । "ତାହାଙ୍କୁ ଜାଣିବା ହେଉଛି ଜୀବନ ।"

207 ଆପଣ କୁହନ୍ତି, "ମୁଁ ବାଇବଲକୁ, ବାସ୍ତବରେ ଭଲ ଭାବରେ ଜାଣେ ।" ତେବେ, ବାଇବଲ ଜାଣିବାଟା, ଜୀବନ ନୁହେଁ । "ତାହାଙ୍କୁ ଜାଣିବାଟା," ବ୍ୟକ୍ତିଗତ ସର୍ବନାମ, "ତାହାଙ୍କୁ, ଖ୍ରୀଷ୍ଟଙ୍କୁ ଜାଣିବା," ଯେ ଆପଣ ଜାଣନ୍ତି ଯେ ସେ ଆପଣଙ୍କୁ କ୍ଷମା କରିଅଛନ୍ତି ।

କଅଣ ଆପଣ ପୁନର୍ବାର, କେବଳ ନିଜର ହାତକୁ ଉଠାଇବେ କି, ଅନ୍ୟ କେହି ଜଣେ? ପରମେଶ୍ଵର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହିଳା । ପରମେଶ୍ଵର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ପରମେଶ୍ଵର ଆପଣଙ୍କୁ ଏଠାରେ ଆଶୀର୍ବାଦ କରନ୍ତୁ, ଭାଇ । ହେ ଯୁବା ଲୋକ, ପରମେଶ୍ଵର ଆପଣଙ୍କୁ ସେଠାରେ ପଛରେ ଆଶୀର୍ବାଦ କରନ୍ତୁ । ଭଉଣୀ, ପରମେଶ୍ଵର ଆପଣଙ୍କୁ ଏଠାରେ ଆଶୀର୍ବାଦ କରନ୍ତୁ । ପରମେଶ୍ଵର ଆପଣଙ୍କୁ, ସେଠାରେ ପଛରୁ ପଛରେ, ଆଶୀର୍ବାଦ କରନ୍ତୁ । ତାହା ଠିକ୍ ଅଟେ । "ତାହାଙ୍କୁ ଜାଣିବା ହିଁ, ହେଉଛି ଜୀବନ ।"

"ଭାଇ ବ୍ରାନହାମ୍, ମୋତେ ସ୍ମରଣ ରଖିବେ । ମୁଁ ବର୍ତ୍ତମାନ, ଠିକ ଏଠାରେ ମୋ ଆସନରେ ବସି, ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଯାଉଅଛି ।"

208 କୁହନ୍ତୁ, "ପ୍ରଭୁ ଯୀଶୁ, ମୋ ହୃଦୟ ଭିତରକୁ ଆସ, ଏବଂ ମୋତେ ସେହି ଶାନ୍ତି, ସେହି ମଧୁରତା ପ୍ରଦାନ କର ।" ମଣ୍ଡଳୀକୁ ଯାଆନ୍ତୁ, ଯଥାସମ୍ଭବ ସଂଗୀତକୁ ବଜାନ୍ତୁ ଯେତିକି ଆପଣ ପାରନ୍ତି, ଉପର-ଓ-ତଳ ନାଚନ୍ତୁ, ଗଳି ରାସ୍ତା ଦେଇ ଦୌଡି ଯାଆନ୍ତୁ; ଘରକୁ ଯାଆନ୍ତୁ, ଚିନ୍ତା, ଏବଂ ଇତସ୍ତତ, ଏବଂ କଳି ଝଗଡା, ତାହା ଖ୍ରୀଷ୍ଟ ନୁହଁନ୍ତି । ଆପଣ ମଣ୍ଡଳୀକୁ ଯାଆନ୍ତି, ସେଠାରେ ବସି କୌଣସି ଏକ ଛୋଟ ଉପଦେଶକୁ ଶୁଣନ୍ତି ଯେ ସେହି ସେତୁଟି କିପରି ଚିତ୍ରିତ ହେବାକୁ ଯାଉଅଛି, କିମ୍ବା *ଅନ୍ୟାନ୍ୟ-କିଛି ଗୋଟାଏ* ପରି ସେହିପରି କିଛି ଗୋଟାଏ, କେବେବି ବାକ୍ୟ ଶୁଣନ୍ତି ନାହିଁ । ବାକ୍ୟ ଜୀବନକୁ ଆଣିଥାଏ । ଏହା ସେହି ବୀଜ ଅଟେ । କଅଣ ଆପଣ ଶାନ୍ତି ଚାହୁଁ ନାହାଁନ୍ତି କି?

209 କଅଣ ଆପଣ ମରିବା ବିଷୟରେ ଚିନ୍ତା କରୁଛନ୍ତି କି? ଆପଣଙ୍କର ଆଜି ଗୋଟାଏ ହୃଦାଘାତ ହେବ, କଅଣ ଏହା ଆପଣଙ୍କୁ ଚିନ୍ତିତ କରାଏ କି? କିଅବା କଅଣ ଆପଣ ଏହା କହିବା ହେତୁ, ଖୁସି ହେବେ କି, "ମୁଁ ଏହି ମାର୍ଗର ଶେଷରେ ପ୍ରଭୁ ଯୀଶୁଙ୍କ ସହିତ ରହିବାକୁ ଯାଉଅଛି"? କଅଣ ଆପଣ ତାହାଙ୍କୁ ଜାଣନ୍ତି କି? ଯଦି ଆପଣ ଜାଣି ନାହାଁନ୍ତି, ତେବେ କେବଳ

ନିଜର ହାତକୁ ଉଠାନ୍ତୁ। ଆମେ ଆପଣଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ। ହଁ, ଭାଇ, ଆପଣଙ୍କ ପାଇଁ, ମଧ୍ୟ।

210 ଠିକ୍ ଅଛି, ବର୍ତ୍ତମାନ ଆପଣଙ୍କ ହୃଦୟରେ।

ଠିକ ଯେପରିକି ମୁଁ ଅଟେ, ବିନା କୌଣସି ନିବେଦନରେ,
ମାତ୍ର ତୁମର ରକ୍ତ ଯେ (କାହା ପାଇଁ?) ମୋ ପାଇଁ ପାତିତ ହୋଇଥିଲା,
କାରଣ ମୁଁ ପ୍ରତିଜ୍ଞା କରିଅଛି, ମୁଁ ବିଶ୍ୱାସ କରିବି,
ହେ ମେଷଶାବକ, ହେ ପରମେଶ୍ୱରଙ୍କ ମେଷଶାବକ, ମୁଁ ଆସୁଅଛି।
ମୁଁ ସରଳ ଭାବରେ, ଦୟାଳୁ ଭାବରେ, ଆସୁଅଛି।

ଠିକ ଯେପରିକି...

ବିଶ୍ୱାସ ଦ୍ୱାରା, କେବଳ ତାହାଙ୍କ ପାଖକୁ ଚାଲିକରି ଯାଆନ୍ତୁ। ବିଶ୍ୱାସ କରନ୍ତୁ ଯେ ସେ ଠିକ ତୁମ ପାଖରେ ଠିଆ ହୋଇଛନ୍ତି। ସେ ଅଟନ୍ତି।

...-ନୁହେଁ
ମୋ ପ୍ରାଣକୁ ମୁକ୍ତ କରିବା ପାଇଁ (ତେବେ କେତେ ଅଧିକରୁ?) ଗୋଟିଏରୁ...(କ୍ରୋଧ, ଦୁଷ୍କର୍ମ),
ତାହାଙ୍କ ପ୍ରତି ଯାହାଙ୍କର ରକ୍ତ ପ୍ରତ୍ୟେକ ଦାଗକୁ ସଫା କରିପାରେ,
ହେ ମେଷଶାବକ...

211 "ବିଶ୍ୱାସ ଦ୍ୱାରା ମୁଁ ଆଜି ସକାଳେ, କ୍ରୁଶ ନିକଟକୁ ଯିବି। ମୁଁ ମୋର ଭାରଗୁଡ଼ିକୁ ରଖିଦେବି। ମୁଁ ଆସୁଅଛି।" ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ ଆଶୀର୍ବାଦ କରନ୍ତୁ। ତାହା ଭଲ ଅଟେ। [ଭାଇ ବ୍ରାନହାମ ସେହି ଗୀତ *ଜଷ୍ଟ ଏଜ ଆଇ ଏମ* ଗୁଣୁ ଗୁଣୁ କରନ୍ତି—ସମ୍ପା।] ବର୍ତ୍ତମାନ ଉଦାସୀନ ହୁଅନ୍ତୁ ନାହିଁ। ଖୋଲା ମନରେ, ମଧୁର ଭାବରେ, ଠିକ୍ କ୍ରୁଶ ନିକଟକୁ ଚାଲି କରି ଯାଆନ୍ତୁ।

212 ପୁରାତନ ନିୟମରେ, ସେମାନେ ଏକ ମେଷଶାବକ ଆଣୁଥିଲେ। ସେମାନେ ଜାଣିଥିଲେ ଯେ ସେମାନେ ପାପ କରିଛନ୍ତି, ସେମାନେ ଏହାକୁ ଆଜ୍ଞାଗୁଡିକ ଦ୍ୱାରା ଜାଣିଥିଲେ। ଆପଣମାନେ ବର୍ତ୍ତମାନ ଏହା ଜାଣିଛନ୍ତି, କାରଣ ପରମେଶ୍ୱର ଆପଣଙ୍କ ହୃଦୟ ସହିତ କଥା ହୋଇଥିଲେ। ସେମାନେ ଆଜ୍ଞାଗୁଡ଼ିକ ଉପରେ ଏକ ନଜର ପକାଇଥିଲେ, "ତୁମ୍ଭେ ବ୍ୟଭିଚାର କରିବ ନାହିଁ। ତୁମେ *ଅମୁକ-ଓ-ଅମୁକ* କରିବ ନାହିଁ।" ଏବଂ ସେମାନେ ଏକ ମେଷଶାବକ ନେଇଥିଲେ, ଯାଇ ସେହି ମେଷଶାବକଙ୍କ ଉପରେ ନିଜର ହାତକୁ ରଖିଲେ, ଯାଜକ ତାର ଗଳା କାଟିଲେ। ସେହି ଛୋଟ ପ୍ରାଣୀଟି ଗୋଇଠା ମାରୁଥିଲା, ଏବଂ ରକ୍ତସ୍ରାବ ହେଉଥିଲା, ଏବଂ ବୋବାଉଥିଲା, ଏବଂ ମରୁଥିଲା। ତାଙ୍କ ହାତ ସମ୍ପୂର୍ଣ୍ଣ ଭାବେ ରକ୍ତରେ

ଆଚ୍ଛାଦିତ ହୋଇଥିଲା । ସେହି ମେଷଶାବକଟି ତାଙ୍କ ବଦଳରେ ମୃତ୍ୟୁବରଣ କରିଥିଲା, ମାତ୍ର ସେ ପୁନର୍ବାର ତାହା କରିବାର ସେହି ସମାନ ଇଚ୍ଛା ସହିତ ବାହାରି ଯାଇଥିଲା ।

213 କିନ୍ତୁ ଏହି ସ୍ଥାନରେ, ଆମେମାନେ ବିଶ୍ୱାସ ଦ୍ୱାରା, ଅନୁଗ୍ରହ ଜରିଆରେ ଆସିଥାଉ । ପରମେଶ୍ୱର ଆମମାନଙ୍କୁ ଡାକିଲେ । ଆମେମାନେ ପରମେଶ୍ୱରଙ୍କର ମେଷଶାବକଙ୍କ ମସ୍ତକ ଉପରେ ହାତ ରଖୁ । ଆମେମାନେ ସେହି ବାୟୁଚାଳିତ ହାତୁଡିର ପ୍ରହାରକୁ ଶୁଣୁଥାଉ । ଆମେମନେ ସେହି ସ୍ୱରକୁ ଶୁଣୁ, "ମୁଁ ତୃଷାର୍ତ୍ତ; ମୋତେ ପାନ କରିବାକୁ ଦିଅ । ପିତା, ଏହି ପାପକୁ ସେମାନଙ୍କ ଉପରେ ଦୋଷାରୋପ କର ନାହିଁ; ସେମାନେ କଅଣ କରୁଛନ୍ତି ତାହା ଜାଣନ୍ତି ନାହିଁ ।" ବୁଝିଲେ? ବିଶ୍ୱାସ ଦ୍ୱାରା, ଆମେମାନେ ତାହାଙ୍କୁ ଆମ ସ୍ଥାନରେ ମୃତ୍ୟୁବରଣ କରୁଥିବାର ଅନୁଭବ କରୁ । ଆମମାନଙ୍କ ହୃଦୟର ଭିତରେ ଏକ ଗଭୀର, ସ୍ଥିର ଶାନ୍ତି ଆସେ, ଯେତେବେଳେକି ଏକ ସ୍ୱର କୁହେ, "ତୁମେ ବର୍ତ୍ତମାନ କ୍ଷମା କରା ଯାଇଅଛ । ଯାଅ ଏବଂ ଆଉ ପାପ କର ନାହିଁ ।" ତେବେ, କିପରି ଯେ ଅନୁଗ୍ରହ ଦ୍ୱାରା, ଆମେମାନେ, ସେହି ସମାନ ଇଚ୍ଛା ସହିତ ଚାଲି ନ ଯାଇଥାଉ, ମାତ୍ର ଆଉ ଅଧିକ ପାପ ନ କରିବାର କିମ୍ବା କୌଣସି ଭୁଲ୍ ନ କରିବାର ଏକ ଇଚ୍ଛା ସହିତ ଚାଲି ଯାଇଥାଉ । ସେହି ଶାନ୍ତି ଯାହାକି ସମସ୍ତ ବୁଝାମଣାକୁ ଅତିକ୍ରମ କରିଥାଏ, ଆମ ହୃଦୟ ମଧ୍ୟକୁ ପ୍ରବେଶ କରିଅଛି ।

ଆପଣମାନେ ସମସ୍ତେ ଏହାକୁ ବର୍ତ୍ତମାନ ଗ୍ରହଣ କରନ୍ତୁ, ଯେତେବେଳେକି, ଆମେମାନେ ଏକତ୍ର ପ୍ରାର୍ଥନା କରୁ ।

214 ସ୍ୱର୍ଗୀୟ ପିତା, ସେମାନେ ଅନୁଗ୍ରହ ଦ୍ୱାରା, ବିଶ୍ୱାସରେ ଆସୁଅଛନ୍ତି । ସେଠାରେ ପ୍ରାୟଃ ଏକ ଡଜନ ହାତ ଉପରକୁ ଉଠିଅଛି । ଏହା ସେହି ବାର୍ତ୍ତାର ଫଳଗୁଡିକ ଅଟେ । ସେମାନେ ତୁମ ନିକଟକୁ ଆସିଛନ୍ତି । ସେମାନେ ବିଶ୍ୱାସ କରନ୍ତି । ପ୍ରଭୁ, ମୁଁ ମଧ୍ୟ, ସେମାନଙ୍କ ଉପରେ ବିଶ୍ୱାସ କରେ । ମୁଁ ବିଶ୍ୱାସ କରେ ଯେ, ପ୍ରକୃତରେ, ପବିତ୍ରଆତ୍ମା ସେମାନଙ୍କ ସହ କଥା ହୋଇଛନ୍ତି । ଏବଂ ବିଶ୍ୱାସ ଦ୍ୱାରା ସେମାନେ ବର୍ତ୍ତମାନ ଯାକୁବର ସିଢୀ ଦେଇ, ଠିକ ଉପରକୁ କ୍ରୁଶର ପାଦଦେଶ ପର୍ଯ୍ୟନ୍ତ ଆସୁଛନ୍ତି, ସେଠାରେ ସେମାନଙ୍କର ସମସ୍ତ ପାପକୁ ସମର୍ପି ଦେଇ, କହୁଅଛନ୍ତି, "ପ୍ରଭୁ, ଏହା ମୋ ପାଇଁ ବହୁତ ଅଧିକ ଅଟେ । ମୁଁ ଏହାକୁ ଆଉ ଅଧିକ ସହିପାରୁ ନାହିଁ । ଏବଂ କଅଣ ତୁମେ ମୋର ପାପର ଭାରକୁ ଦୂର କରିଦେବ କି, ଏବଂ ଏପରି କରିବାର ସେହି ଇଚ୍ଛାକୁ ମୋର ହୃଦୟରୁ ଦୂର କରିଦେବ କି? ଏବଂ ଏହା ହେଉ ଯେ, ବିଶ୍ୱାସ ଦ୍ୱାରା, ଆଜିର ଏହି ଦିନରେ, ମୁଁ ତୁମକୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ । ଏବଂ ଆଜି ପରଠାରୁ, ମୁଁ ଯାତ୍ରାର ଶେଷ ପର୍ଯ୍ୟନ୍ତ, ପ୍ରତ୍ୟେକ ମାର୍ଗରେ ତୁମକୁ ଅନୁସରଣ କରିବି । ମୁଁ ସେହି ବକ୍ତବ୍ୟର ପ୍ରତ୍ୟେକ ଅଂଶକୁ ଧରିବି ଯାହାର ଅର୍ଥ ହେଉଛି 'ସିଦ୍ଧିଲାଭ ନିମନ୍ତେ ଅଗ୍ରସର ହେଉ,' ମଣ୍ଡଳୀକୁ ଯିବା ନୁହେଁ, ଏବଂ ମୃତକର୍ମର ମୂଳ ଯଥା ବାପ୍ତିସ୍ମ ଓ ପ୍ରଭୃତି ସବୁ କାର୍ଯ୍ୟ କରିବା ନୁହେଁ । ମାତ୍ର ମୁଁ ଆଗକୁ ବଢ଼ିବାକୁ ଚାହେଁ, ଯେପର୍ଯ୍ୟନ୍ତକି ମୁଁ ଆଉ ଅଧିକ ନ ରହିପାରେ, ଏବଂ ଖ୍ରୀଷ୍ଟ ମୋ ଭିତରେ ଜୀବିତ ରହିପାରନ୍ତି ।"

215 ହେ ଯୀଶୁ, ଆଜି ସକାଳେ, ପ୍ରତ୍ୟେକ ଅନୁତାପକାରୀ ପ୍ରାଣକୁ ଏହା ପ୍ରଦାନ କର। ପ୍ରତ୍ୟେକ ଜଣ ଯେଉଁମାନେକି ନିଜର ହାତ ଉଠାଇଥାନ୍ତି ଅନନ୍ତ ଜୀବନ ପାଇବେ କାରଣ ତୁମେ ଏହାକୁ ପ୍ରତିଜ୍ଞା କରିଅଛ। ସେମାନେ ସର୍ବସାଧାରଣରେ ଏକ ଗ୍ରହଣ କରିବା ବିଷୟକୁ କଲେ। ସେମାନେ ନିଜର ହାତକୁ ଉଠାଇଲେ। ସେମାନେ ମାଧ୍ୟାକର୍ଷଣର ସମସ୍ତ ନିୟମକୁ ଭାଙ୍ଗି ଦେଲେ। ସେମାନେ ବିଜ୍ଞାନକୁ ନିଜ ବିଷୟରେ ଲଜ୍ଜିତ ଅନୁଭବ କରାଇଲେ, ଯେହେତୁ ବିଜ୍ଞାନ କୁହେ, "ତୁମର ହାତକୁ ତଳକୁ ଝୁଲିବାକୁ ଥାଏ।" ବିଜ୍ଞାନରେ ଯେକୌଣସି ବିଷୟ ଏହା ପ୍ରମାଣ କରିବ, ଯେ ଏହାକୁ ନିଶ୍ଚିତ ଭାବରେ ପୃଥିବୀ ପୃଷ୍ଠରେ ରହିବାକୁ ଅଛି, କାରଣ ମାଧ୍ୟାକର୍ଷଣ ଏହାକୁ ଧରି ରଖିଥିଲା। ମାତ୍ର ସେମାନଙ୍କ ମଧ୍ୟରେ ଏକ ଆତ୍ମା ଥିଲା ଯାହାକି ଏକ ନିଷ୍ପତ୍ତିକୁ ନେଇଥିଲା, ଏବଂ ସେମାନେ ମାଧ୍ୟାକର୍ଷଣ ନିୟମକୁ ଅବମାନନା କରି ସେମାନଙ୍କର ହାତକୁ ଉଠାଇଥିଲେ। ହେ ପ୍ରଭୁ, ତୁମେ ଏହା ଦେଖିଅଛ। ତୁମେ ସେମାନଙ୍କର ନାମକୁ ପୁସ୍ତକରେ ରଖିଅଛ। "କ୍ଷମା କରାଗଲା।" ସେହି ପୁରାତନ ପୁସ୍ତକଟି ବର୍ତ୍ତମାନ ବିସ୍ମୃତିର ସାଗରରେ ରହିଅଛି, ଯେପରିକି ଆଉ ଅଧିକ ସ୍ମରଣ ନ କରାଯାଏ। ଏହା ହେଉ ଯେ ସେମାନେ ଆଜି ତୁମକୁ ସେବା କରିବା ପାଇଁ, ଏକ ସ୍ନେହୀ, ମଧୁର ଖ୍ରୀଷ୍ଟିଆନ ଭାବରେ ଆଗକୁ ଯାଆନ୍ତୁ। ଏବଂ ଏହା ହେଉ ଯେ ଅନେକେ ଯେଉଁମାନେକି ସେମାନଙ୍କର ହାତକୁ ଉଠାଇ ନ ଥିଲେ, ସେମାନଙ୍କୁ ମଧ୍ୟ ତାହା ପ୍ରଦାନ କର।

216 ପ୍ରଭୁ, ଏହା ହେଉ ଯେ ସାଧୁଗଣ ଆଉ ଟିକିଏ ଅଧିକ ନିକଟବର୍ତ୍ତୀ ଗମନାଗମନ କରନ୍ତୁ, କାରଣ ଗତକାଲି ଅପେକ୍ଷା ଆମେମାନେ ଘରର ଆଉ ଗୋଟିଏ ଦିନ ଅଧିକ ନିକଟବର୍ତ୍ତୀ ଅଟୁ। ହେ ପ୍ରଭୁ, ତୁମେ ଆମମାନଙ୍କ ସହିତଫରେ ରୁହ, କାରଣ ଆମେ ଏହାକୁ ଖ୍ରୀଷ୍ଟଙ୍କ ନାମରେ ଓ ତାହାଙ୍କ ମହିମା ନିମନ୍ତେ ମାଗୁଅଛୁ। ଆମେନ୍।

57-0908M ଏବ୍ରୀ, ଅଧ୍ୟାଅ ପାଞ୍ଚ ଏବଂ ଛଅ #1
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।


ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:


VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org